

◀◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-127 ♦SUNDAY ♦1 NOVEMBER 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୧୨୭ ♦ରବିବାର ♦୧ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨+୪(ସିନ୍ଦୂରା) ♦ଟ.୭.୦୦





ଚରମ ଅବହେଳା

ବିପର୍ଯ୍ୟୟ ପାଇଁ ଦାୟୀ କିଏ ?

ଓଡ଼ିଶାର ଦଶନ୍ଧି ସୁନାମକୁ ଧୋଇନେଲା ଛୋଟିଆ ବାତ୍ୟା 'ଅର୍ଣ୍ଣବ'

ପାଣିପାଗ ବିଭାଗ ବାତ୍ୟା ଅର୍ଣ୍ଣବର ଭୂସ୍ପର୍ଶ ସ୍ଥାନ, ସମୟ ସହ ଓଡ଼ିଶାରେ ପ୍ରବଳ ବର୍ଷା ଆକଳନ କରିଥିଲା । ୬ ଜିଲ୍ଲା ପାଇଁ ରେଡ୍ ଆଲର୍ଟ, ୧୬ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିଲା । ସରକାର ଓ ପ୍ରଶାସନ ଘନଘନ ବୈଠକ କରିଥିଲେ । ଏଥିପାଇଁ ପୁରା ପ୍ରସ୍ତୁତ ଥିବା, 'ଶୂନ୍ୟ ମୃତାହତ' ଲକ୍ଷ୍ୟ ନେଇ କାମ କରୁଥିବା ବି କହିଥିଲେ; ମାତ୍ର ବର୍ଷା ଓ ପରବର୍ତ୍ତୀ ସମୟରେ ବନ୍ୟା ଗଞ୍ଜାମ, ଗଜପତି, କନ୍ଧମାଳ ଜିଲ୍ଲାରେ ଯେଉଁ ଧ୍ୱଂସଲୀଳା ସୃଷ୍ଟି କଲା, ତାହା ଅବର୍ଣ୍ଣନୀୟ । ଋଷିକୂଲ୍ୟା ନଦୀ ଓ ଏହାର ଅବବାହିକାରେ ଡ୍ୟାମଗୁଡ଼ିକର ପରିଚାଳନାରେ ତ୍ରୁଟି, ବିନା ସାଇରନ୍ ଓ ଆଗୁଆ ସୂଚନାରେ ଜଳ ନିଷ୍କାସନ ସୃଷ୍ଟି କରିଛି ଭୟଙ୍କର ପରିସ୍ଥିତି । ବନ୍ୟାରେ କେତେ ମୃତାହତ ହୋଇଛନ୍ତି, ତାହାର ସୂଚନା ଏବେ କାହାରି ପାଖରେ ନାହିଁ । ଅନେକ ପଶୁଧନ ନଷ୍ଟ ହୋଇଛନ୍ତି, ଲୋକେ ନିଜର ଜୀବନଯାକର ଅର୍ଜିତ ସମ୍ପତ୍ତି ହରାଇଛନ୍ତି, ସେମାନଙ୍କ ବର୍ଷସାରାର ଫସଲ ବି ନଷ୍ଟ ହୋଇ ଯାଇଛି । ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା, ପ୍ରଶାସନର ଉଦାସୀନତା, ସରକାରଙ୍କ ଉପରଠଉରିଆ ପରିଚାଳନା ବ୍ୟବସ୍ଥା ତିନି ଜିଲ୍ଲାର ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକାକୁ ଉଜାଡ଼ି ଦେଇଛି ।

■ ଭୁବନେଶ୍ୱର, ୩୧।୧୦ (ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ପ୍ରବଳ ବର୍ଷା ଓ ପରବର୍ତ୍ତୀ ବନ୍ୟା ଦକ୍ଷିଣ ଓଡ଼ିଶାରେ ସୃଷ୍ଟି କରିଥିବା ପ୍ରଚଣ୍ଡ ବିପର୍ଯ୍ୟୟ ପ୍ରଶାସନିକ ଅବହେଳାକୁ ସ୍ପଷ୍ଟ ଇଙ୍ଗିତ କରିଛି । ଗଞ୍ଜାମ, ଗଜପତି ଓ କନ୍ଧମାଳର ବିପର୍ଯ୍ୟସ୍ତ ସ୍ଥିତିକୁ ଦେଖିଲେ ଏହା ଜଳଜଳ ଦିଶୁଛି । ବିଶେଷକରି ଗୋଟିଏ ବାତ୍ୟା ଓ ତଜ୍ଜନିତ ବନ୍ୟା ଜଳସମ୍ପଦ ବିଭାଗର ଡ୍ୟାମ୍ ପରିଚାଳନା, ସରକାରଙ୍କ ଆଗୁଆ ପ୍ରସ୍ତୁତି, ପ୍ରଶାସନର ବନ୍ୟା ପରିଚାଳନା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଦେଇଛି । ବର୍ଷାର ସମ୍ଭାବନା ସମ୍ପର୍କରେ ଆଗୁଆ ସୂଚନା ଥିବ ସତ୍ତ୍ୱେ ବିପର୍ଯ୍ୟୟର ମୁକାବିଲାରେ ଏତେ ବଡ଼ ବିଫଳତା କାହିଁକି ଦେଖାଦେଲା, ତାହାର ଉତ୍ତର କାହାରି ପାଖରେ ନାହିଁ ।

ମାଲକାନଗିରିରେ ପ୍ରବଳ ବର୍ଷାର ଆଶଙ୍କାକୁ ନେଇ ସମଗ୍ର ପ୍ରଶାସନିକ କଳ ସେହି ଜିଲ୍ଲା ଉପରେ ନଜର ରଖିଥିବାବେଳେ ଗଞ୍ଜାମ, ଗଜପତି ଓ କନ୍ଧମାଳରେ ସମ୍ଭାବ୍ୟ ସ୍ଥିତିକୁ ଗୁରୁତ୍ୱ ଦିଆଗଲା ନାହିଁ । ଏପରିକି ଗଞ୍ଜାମ ଓ ଗଜପତି ପାଇଁ ପାଣିପାଗ ବିଭାଗର ରେଡ୍ ଆଲର୍ଟ ଅନୁସାରେ ଜଳସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା କରିଥିଲେ କି ନାହିଁ, ତାହା ସନ୍ଦେହ ସୃଷ୍ଟି କରିଛି । ଜଳସମ୍ପଦ ବିଭାଗର ତଳଠାରୁ ଉପର ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ବର୍ଷା ସମ୍ଭାବନା ଓ ଜଳପ୍ରବାହ ସମ୍ପର୍କିତ ସୂଚନା ଥିବା ସତ୍ତ୍ୱେ ଶେଷ ମୁହୂର୍ତ୍ତଯାଏ କାହିଁକି ଅପେକ୍ଷା କରାଗଲା ବୋଲି ପ୍ରଶ୍ନ ଉଠିଛି ।

ସବୁଠାରୁ ସାଂଘାତିକ ଅଭିଯୋଗ ଉଠିଛି ଋଷିକୂଲ୍ୟା ଅବବାହିକାର ଜଳଭଣ୍ଡାରଗୁଡ଼ିକର ପରିଚାଳନାକୁ ନେଇ । ଘୋଡ଼ାହାଡ଼, ବାଘଲଟି, ବାହୁଡ଼ା, ଦହ, ସୋରଡ଼ା ଓ ଭଞ୍ଜନଗର ଅଞ୍ଚଳର ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଓ ଜଳ ନିଷ୍କାସନକୁ ନେଇ ଉପଯୁକ୍ତ ସମନ୍ୱୟକୁ ନେଇ ପ୍ରଶ୍ନ ଉଠିଛି । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁସାରେ ନଦୀରେ ବନ୍ୟାଜଳ ବଢ଼ିବା ପରେ ମଧ୍ୟ କେତେକ ଜଳଭଣ୍ଡାରରୁ ବିନା ଯଥେଷ୍ଟ ପୂର୍ବ ସୂଚନାରେ ଜଳ ନିଷ୍କାସନ କରାଯାଇଥିଲା । ନଦୀକୂଳିଆ ଗ୍ରାମବାସୀଙ୍କୁ ସାଇରନ ସତର୍କ ବି କରାଗଲା ନାହିଁ । ଏହା କେବଳ ବୈଷୟିକ ତ୍ରୁଟି ନୁହେଁ, ଲୋକଙ୍କ ଜୀବନକୁ ବିପଦ ମଧ୍ୟକୁ ଠେଲିଦେବା ସହ ସମାନ ବୋଲି ଅଭିଯୋଗ ହୋଇଛି ।

ବନ୍ୟାଜଳ ହଠାତ୍ ଗାଁ ଭିତରକୁ ପଶିବାରୁ ଜୀବନ ବଞ୍ଚାଇବା ସହ ଲୋକଙ୍କ ପାଖରେ ଆଉ କିଛି ବାଟ ନ ଥିଲା । ବର୍ଷ ବର୍ଷର ଜମାପୁଞ୍ଜି, ଘରର ଆସବାବପତ୍ର, ଦୋକାନର ସାମଗ୍ରୀ, ଗୃହପାଳିତ ପଶୁ ଓ ଚାଷଜମିର ଫସଲ ଜଳପ୍ରବାହରେ ନଷ୍ଟ ହୋଇଛି । ଅନେକ ପରିବାର ପିନ୍ଧାଲୁଗା ଛଡ଼ା ଆଉ କିଛି ରକ୍ଷା କରିପାରିନାହାନ୍ତି । ତିନିଟି ଜିଲ୍ଲାର ଚାଷୀଙ୍କ ପାଇଁ ଏହି ବନ୍ୟା ଜୀବିକା ଉପରେ ମଧ୍ୟ ଶକ୍ତ ପ୍ରହାର ହୋଇଛି ।

ସବୁଠାରୁ ଉଦ୍‌ବେଗଜନକ ହେଉଛି ଦୁର୍ଗମ ଓ ବିଚ୍ଛିନ୍ନ ଅଞ୍ଚଳରେ ଫସି ରହିଥିବା ଲୋକଙ୍କ ସ୍ଥିତି । ଏବେ ବି ଅନେକ ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଏବଂ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚିପାରିନଥିବା ଅଭିଯୋଗ ଆସିଛି । କିଛି ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିବା ଆଶଙ୍କା କରାଯାଉଛି । ମାଟି ଓ ପଥର ଅତଡ଼ା ତଳେ ଅନେକ ଲୋକ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି । ୨ଟି ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଛି ଓ ଅନେକ ଲୋକ ନିଖୋଜ ରହିଛନ୍ତି । ସେହିପରି ଆଉ କିଛି ଗାଁ ସମ୍ପୂର୍ଣ୍ଣ ଧୋଇ ଯାଇଥିବା ମଧ୍ୟ ଲୋକମାନେ ଆଶଙ୍କା କରୁଛନ୍ତି ।

ବିପର୍ଯ୍ୟୟ ପୂର୍ବରୁ ସତର୍କତା, ବିପର୍ଯ୍ୟୟ ▶ପୃଷ୍ଠା-୭

ପୂରା ଗାଁକୁ ମାଡ଼ିବସିଲା ପାହାଡ଼

ଭୂସ୍ଖଳନରେ ଭୂଇଁରେ ମିଶିଗଲା ଗିଡ଼ିପାବାଲ୍ଲୀ





■ ଭଞ୍ଜନଗର ୩୧।୧୦ (ସମିସ): କନ୍ଧମାଳ ଜିଲ୍ଲା ସୀମାନ୍ତରେ ଥିବା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ବାଇବାଲି ପଞ୍ଚାୟତର ଗିଡ଼ିପାବାଲି ଗାଁ ଭୂସ୍ଖଳନରେ ସମ୍ପୂର୍ଣ୍ଣ ଭାବେ ଧ୍ୱସ୍ତ ହୋଇଛି । ସେଠାରେ ରହୁଥିବା ୯ଟି ପରିବାରର ୨୬ଜଣଙ୍କ ମଧ୍ୟରୁ ୧୧ଜଣ ସୁରକ୍ଷିତ ଥିବା ବେଳେ ଶନିବାର ରବି ମଲ୍ଲିକ ନାମକ ଜଣେ ବ୍ୟକ୍ତିଙ୍କର ମୃତଦେହକୁ ଉଦ୍ଧାରକାରୀ ଦଳ ମାଟି ତଳୁ ବାହାର କରିଛନ୍ତି । ୧୨ଜଣ ବର୍ତ୍ତମାନ ସୁଦ୍ଧା ନିଖୋଜ ଅଛନ୍ତି । ଶନିବାର ସନ୍ଧ୍ୟା ହୋଇଯିବାକୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି ।

ସୂଚନାନୁସାରେ, ବୁଧବାର ରାତି ପ୍ରାୟ ୩ଟା ସମୟରେ ସମସ୍ତେ ନିଜ ନିଜ ଘରେ ଶୋଇଥିଲେ । ହଠାତ୍ ଏକ ବିରାଟ ଶବ୍ଦ ଶୁଣାଗଲା । କିଛି ବୁଝିବା ପୂର୍ବରୁ ପାହାଡ଼ ଉପରୁ ମାଟି, ପଥର, ଗଛ ଓ ପାଣିର ବିଶାଳ ସ୍ରୋତ ଗ୍ରାମ ଭିତରକୁ ମାଡ଼ି ଆସି ଘରଗୁଡ଼ିକୁ ପୋତି ଦେଇଥିଲା । ଏହି ବିଭୀଷିକା ମଧ୍ୟରେ ୧୧ ଜଣ ଅଳ୍ପକେ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ । ଭୂସ୍ଖଳନ ପରେ ଘରଦ୍ୱାର ଓ ସମସ୍ତ ସମ୍ପତ୍ତି ହରାଇଥିବା ଏହି ଲୋକମାନେ ବୁଧବାର ରାତିରୁ ଭୋକ ଓ ଶୋଷରେ ପାହାଡ଼ ପର୍ବତ ମଧ୍ୟରେ ଆଶ୍ରୟ ନେଇଥିଲେ । ଦୀର୍ଘ ସମୟର ସଂଘର୍ଷ ପରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ସମୟରେ କତିଙ୍ଗିଆ ପଞ୍ଚାୟତର କିଲାପାଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳରେ ପହଞ୍ଚି ଆଶ୍ରୟ ନେଇଥିଲେ ।

ବର୍ତ୍ତମାନ ସୁଦ୍ଧା ଗ୍ରାମର ସନମନ ପ୍ରଧାନ, ବଳଦେବ ପ୍ରଧାନ, ବିଜୟ ପ୍ରଧାନ, ପ୍ରତାପ ପ୍ରଧାନ, ଜୟନ୍ତୀ ପ୍ରଧାନ, ପଦ୍ମା ପ୍ରଧାନ, ଦୁର୍ଗାସିନୀ ପ୍ରଧାନ, ବିଜୟଲକ୍ଷ୍ମୀ ପ୍ରଧାନ, ରାଜଲକ୍ଷ୍ମୀ ପ୍ରଧାନ, ଚିଙ୍ଗୁ ପ୍ରଧାନ, ତାରାବତୀ ପ୍ରଧାନ ଓ ସୁମିତ୍ରା ପ୍ରଧାନଙ୍କର ବର୍ତ୍ତମାନ ସୁଦ୍ଧା କୌଣସି ପତ୍ତା ମିଳିନାହିଁ । ଗଞ୍ଜାମ ▶ପୃଷ୍ଠା-୭

ନିଖୋଜଙ୍କୁ ଖୋଜିବ ନାଭାଲ ହେଲିକପ୍ଟର

ନିଖୋଜ ଲୋକଙ୍କୁ ଖୋଜିବାକୁ ଲାଇଭ୍ ଡିଟେକ୍ସନ ୟୁନିଟର ସହାୟତା ନେଇଛନ୍ତି ରାଜ୍ୟ ସରକାର । ଲାଇଭ୍ ଡିଟେକ୍ସନ୍ ୟୁନିଟ୍ ସିଗମିକ୍ ସହ ଉଡ଼ିବ ନାଭାଲ ହେଲିକେପ୍ଟର । ସମ୍ପୂର୍ଣ୍ଣ ଅଞ୍ଚଳକୁ ସ୍କାନ୍ କରାଯିବ । ଭୂକମ୍ପ, ଭୂସ୍ଖଳନ, କୋଠା ଭୁଶୁଡ଼ିବା ସମୟରେ ଜୀବନ ସନ୍ଧାନ ପାଇଁ ଏହା ବ୍ୟବାହର ହୋଇଥାଏ । ମାଟି, ପଥର କିମ୍ବା ଭଗ୍ନାବଶେଷ ତଳେ ଚାପି ହୋଇଥିବା ଜୀବିତ ବ୍ୟକ୍ତିଙ୍କୁ ଖୋଜିବାରେ ଏହା ସହାୟକ ହୋଇଥାଏ । ମାନବ ଶରୀରର ସୂକ୍ଷ୍ମ ସ୍ପନ୍ଦନ, ହୃଦସ୍ପନ୍ଦନ, ଶ୍ୱାସକ୍ରିୟା ଏବଂ ଶରୀରର ତାପମାତ୍ରାକୁ ଏହି ଜ୍ଞାନକୌଶଳ ଚିହ୍ନଟ କରେ ।

ଜୀବନହାନିକୁ ନେଇ ନବୀନ ଉଦ୍‌ବିଗ୍ନ

ଲୋକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ତ୍ୱରିତ୍ ପଦକ୍ଷେପ ନିଅନ୍ତୁ ସରକାର



■ ଭୁବନେଶ୍ୱର, ୩୧।୧୦ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ଡାଙ୍ଗେସି ଗ୍ରାମରେ ଭୂସ୍ଖଳନରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ବି ଅନେକ ଲୋକେ ନିଖୋଜ ଅଛନ୍ତି । ଏପରି ଅଭାବନୀୟ ଘଟଣାକୁ ନେଇ ଉଦବେଗ ତଥା ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ଭୂସ୍ଖଳନ ଘଟି ▶ପୃଷ୍ଠା-୭

ମିଳିଲାନି ସହାୟତା

ବ୍ଲକ ଘେରିଲେ ବିପନ୍ନ

■ ଶେରଗଡ଼, ୩୧।୧୦ (ସମିସ): ନନ୍ଦିନୀ ନଦୀରେ ବନ୍ୟା ଜଳ ପ୍ରବାହିତ ଯୋଗୁଁ ଶେରଗଡ ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ବ୍ଲକର ହଜାର ହଜାର ଜନସାଧାରଣ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି । ଯଦିଓ ବନ୍ୟା ଜଳ କମିଛି ହେଲେ ବହୁ ସଂଖ୍ୟାରେ ବନ୍ୟା ବିପନ୍ନ ବର୍ତ୍ତମାନ ସୁଦ୍ଧା ନିଜ ଘରକୁ ଫେରି ନାହାନ୍ତି । ଏହି ପରିସ୍ଥିତିରେ ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ସମସ୍ତ ବିପନ୍ନ



ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ଶିଶୁଙ୍କ ଖାଦ୍ୟ, କିମ୍ବା ଆବଶ୍ୟକ ▶ପୃଷ୍ଠା-୭

ଜନଆକ୍ରୋଶର ବିସ୍ଫୋରଣ

ବିଧାୟକଙ୍କୁ ଆକ୍ରମଣ; ବିଭିନ୍ନ ସ୍ଥାନରେ ମନ୍ତ୍ରୀଙ୍କୁ ତୀବ୍ର ବିରୋଧ

- ଖଲ୍ଲିକୋଟ ଓ ଆସ୍କା ବିଧାୟକଙ୍କୁ ଆକ୍ରମଣ କଲେ ବନ୍ୟା ପ୍ରଭାବିତ
- ଶେରଗଡ଼ ବଜାରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘେରିଲେ ଲୋକେ
- ସାନଖେମୁଣ୍ଡିରେ ବିଡିଓଙ୍କ ଗାଡ଼ି ଆଗରେ ଶୋଇଲେ ଗ୍ରାମବାସୀ
- ହିଞ୍ଜିଳି, ଖଲ୍ଲିକୋଟ, ଶେରଗଡ଼ ଓ ସୋରଡ଼ାରେ ଅସନ୍ତୋଷର ନିଆଁ



■ବ୍ରହ୍ମପୁର/ଶେରଗଡ଼/ପୁରୁଷୋତ୍ତମପୁର, ୩୧।୧୦ (ସମିସ): ବାତ୍ୟା ଚାଲିଗଲା, ହେଲେ ଗଞ୍ଜାମରୁ ହଟିନି ଦୁର୍ଦ୍ଦଶା । ବାତ୍ୟା ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟା ଜିଲ୍ଲାର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । କେଉଁଠି ଘରେ ବନ୍ୟାଜଳ ପଶିଛି ତ ଆଉ କେଉଁଠି ଏକର ଏକର ଚାଷଜମି ଜଳମଗ୍ନ । ବିଦ୍ୟୁତ୍ ଯୋଗାଣ ଠପ୍, ପାନୀୟ ଜଳ ସଙ୍କଟ ଉତ୍କଟ ଏବଂ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ । ଏଭଳି ସମୟରେ ଲୋକଙ୍କ ନିକଟରେ ତ୍ୱରିତ ସହାୟତା ପହଞ୍ଚାଇବାରେ ପ୍ରଶାସନର ବିଳମ୍ବ ଏବେ ଅସନ୍ତୋଷକୁ ଆକ୍ରୋଶରେ ପରିଣତ କରିଛି । ଫଳରେ ଗଞ୍ଜାମରେ ସରକାରୀ ବ୍ୟବସ୍ଥା ଓ ଜନପ୍ରତିନିଧିଙ୍କ ବିରୋଧରେ ଜନତାଙ୍କ ଅସନ୍ତୋଷ ରାଜରାସ୍ତାକୁ ଓହ୍ଲାଇଛି । ଗତକାଲି ହିଞ୍ଜିଳିରେ ଖଣି ମନ୍ତ୍ରୀଙ୍କୁ ଲୋକଙ୍କ ବିରୋଧର ସାମ୍ନା କରିବାକୁ ପଡ଼ିଥିବାବେଳେ ଶନିବାର ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ଲୋକଙ୍କ ତୀବ୍ର ଅସନ୍ତୋଷର ଶିକାର ହୋଇଛନ୍ତି । ଶେରଗଡ଼ରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘେରିଛନ୍ତି ଉତ୍ତ୍ୟକ୍ତ ଲୋକେ । ସାନଖେମୁଣ୍ଡିରେ ବିଡିଓଙ୍କ ▶ପୃଷ୍ଠା-୭



ସକାଳ
THE SAKALA
www.sakalaepaper.com

ବିଶେଷ ଟିପ୍ପଣୀ



ନିର୍ବାଚନ କମିସନ ପ୍ରତି ୭ଟି ଭୋଟରୁ ୧ଟି ଭୋଟକୁ ହଟାଇଥିବା ସ୍ୱୀକାର କରିଛନ୍ତି । ଅର୍ଥାତ୍ ୨୦୨୪ ନିର୍ବାଚନ ଅବୈଧ ଥିଲା । ଜ୍ଞାନେଶ ଏବଂ ତାଙ୍କ ସହଯୋଗୀ ଷଡଯନ୍ତ୍ରକାରୀମାନେ ଦେଶଦ୍ରୋହ କରିଛନ୍ତି ।

-ରାହୁଲ ଗାନ୍ଧୀ
(ଲୋକସଭା ବିରୋଧୀ ଦଳ ନେତା)



ଲାଲ ଗୁମ୍ବାଡର ବାସିନ୍ଦା କୁନ୍ନେ ଲାଲଙ୍କୁ ଭାରତୀୟ ନିର୍ବାଚନ କମିସନ ମୃତ ଘୋଷଣା କରିଛନ୍ତି । କିନ୍ତୁ ସେ ଆଜି ସିଇସି ଜ୍ଞାନେଶ କୁମାରଙ୍କ ଜନ ମହାଭିଯୋଗରେ ଉପସ୍ଥିତ ଅଛନ୍ତି ।

- ଶଶି ଥରୁର (କଂଗ୍ରେସ ଲୋକସଭା ସାଂସଦ

ଜେନ୍ Z

୧୨ ବର୍ଷ ଧରି କ୍ଷମତାରେ ରହିବା ପରେ, ମୋଦୀ ସରକାର ଚୀନ୍ ଉତ୍ପାଦର ଗୁଣାତ୍ମକ ଭାରତୀୟ ବିକଳ୍ପ ଯୋଗାଇବାରେ ବିଫଳ ହୋଇଛନ୍ତି । ଏହାକୁ ସେମାନେ ଜନତାଙ୍କ ଦେଶପ୍ରେମ ଅଭାବ ବୋଲି କହୁଛନ୍ତି । ନିଜ ବିଫଳତାର ଦୋଷ ଲୋକଙ୍କ ଉପରେ ଲଦିବା ସେମାନଙ୍କର ଅଭ୍ୟାସ ।

-ସରଳ ପଟେଲ @SaralPatel

ଯୁଦ୍ଧ ଆଶଙ୍କା; ୟୁରୋପରେ ଆଲର୍ଟ

୭ ଦିନ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ପରାମର୍ଶ

ନୂଆଦିଲ୍ଲୀ,୩୧ ।୧୦(ଏଜେନ୍ସି): ବିଶ୍ୱରେ ବଢ଼ୁଥିବା ଅନିଶ୍ଚିତତା, ପ୍ରାକୃତିକ ବିପର୍ଯ୍ୟୟ ଓ ସମ୍ଭାବ୍ୟ ଯୁଦ୍ଧ ଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଘରେ ଜରୁରୀ ସାମଗ୍ରୀ ମହଜୁଦ ରଖିବାକୁ ବିଭିନ୍ନ ଦେଶ ସେମାନଙ୍କ ନାଗରିକଙ୍କୁ ପରାମର୍ଶ ଦେଉଛନ୍ତି । ଆମେରିକା, ବ୍ରିଟେନ୍, ଜାପାନ ସମେତ ୟୁରୋପର ଅନେକ ଦେଶ ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି । ଦେଶ ଅନୁସାରେ ତିନି ଦିନରୁ ଆରମ୍ଭ କରି ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ଆବଶ୍ୟକ ସାମଗ୍ରୀ ଘରେ ରଖିବାକୁ କୁହାଯାଇଛି । ଆମେରିକାରେ ସମ୍ଭାବ୍ୟ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ କିଛି ଦିନ ପର୍ଯ୍ୟନ୍ତ ନିଜ ବ୍ୟବସ୍ଥାରେ ଚଳିବା ପାଇଁ ନାଗରିକଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ବ୍ରିଟେନ୍‌ର 'ବି ରେଡି' ଅଭିଯାନରେ ଅତିକମ୍‌ରେ ୩ ଦିନ ପାଇଁ ଆବଶ୍ୟକ ସାମଗ୍ରୀ ରଖିବାକୁ ପରାମର୍ଶ ଦିଆଯାଇଛି । ଜାପାନ ନଭେମ୍ବର ୨ରେ ଏ ସଂକ୍ରାନ୍ତରେ ଯୋଜନା ଘୋଷଣା କରିବାର ସମ୍ଭାବନା ରହିଛି ।

ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଜର୍ମାନୀରେ ୧୦ ଦିନ, ନରୱେ ଓ ସ୍ୱିଡେନ୍‌ରେ ୭ ଦିନ, ଫିନଲାଣ୍ଡ, ଫ୍ରାନ୍ସ ଓ ଚେକ୍ ଗଣରାଜ୍ୟରେ ୭୨ ଘଣ୍ଟା ପାଇଁ ଜରୁରୀ ସାମଗ୍ରୀ ରଖିବାକୁ ପରାମର୍ଶ ରହିଛି । ୟୁରୋପୀୟ ସଂଘ ମଧ୍ୟ ଅତିକମ୍‌ରେ ୭୨ ଘଣ୍ଟା ପାଇଁ ପ୍ରସ୍ତୁତ ରହିବାକୁ କହିଛି । ନରୱେର ମାର୍ଗଦର୍ଶିକାରେ ଅତ୍ୟଧିକ ପାଣିପାଗ, ମହାମାରୀ, ଦୁର୍ଘଟଣା, ଅନ୍ତର୍ଘାତୀ କାର୍ଯ୍ୟ ଏବଂ ଯୁଦ୍ଧ ଭଳି ପରିସ୍ଥିତିକୁ ସମ୍ଭାବ୍ୟ



ବିପଦ ଭାବେ ଉଲ୍ଲେଖ କରାଯାଇଛି । ନିମ୍ନ ଲିଖିତ ଜିନିଷଗୁଡ଼ିକ ରଖିବାକୁ କୁହାଯାଇଛି । ସେଗୁଡ଼ିକ ହେଲା, ପିଇବା ପାଣି, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଦୈନିକ ଅତିକମ୍‌ରେ ୩ ଲିଟର ପାଣି ରଖିବା ଉଚିତ । ରୋଷେଇ ଓ ସଫାସୁତୁରା ପାଇଁ ଅଧିକ ପାଣି ଆବଶ୍ୟକ ହୋଇପାରେ । ଦୀର୍ଘ ସମୟ ରହିପାରୁଥିବା ଖାଦ୍ୟ ଯଥା ଶୁଖିଲା ଫଳ, ବାଦାମ, ବିସ୍କୁଟ, ଟିଣବନ୍ଦ ମାଛ, ମାଂସ ଓ ପନିପରିବା ରଖିବା ଆବଶ୍ୟକ । ଫ୍ରିଜ୍ କିମ୍ବା ରୋଷେଇର ଆବଶ୍ୟକତା ନଥିବା ଖାଦ୍ୟକୁ ପ୍ରାଥମିକତା ଦେବା ଉଚିତ । ସେହିପରି ପାୱାର ବ୍ୟାଙ୍କ, ଚାର୍ଜିଂ କେବୁଲ୍, ଟର୍ଚ୍ଚ, ଅତିରିକ୍ତ ବ୍ୟାଟେରି ଓ ବ୍ୟାଟେରିଚାଳିତ ରେଡିଓ ରଖିବା

ଆମେରିକା, ଜାପାନରେ ବି ଆତଙ୍କର ବାତାବରଣ

ଦରକାର । ଔଷଧ ଓ ପ୍ରାଥମିକ ଚିକିତ୍ସା: ନିୟମିତ ଖାଉଥିବା ଔଷଧ ସହ ପ୍ରାଥମିକ ଚିକିତ୍ସା ବାକ୍ସ, ବ୍ୟାଣ୍ଡେଜ୍, ତୁଳା, ଥର୍ମମିଟର ଓ ଆଣ୍ଟିସେପ୍ଟିକ୍ ରଖିବା ଉଚିତ । ସ୍ୱଚ୍ଛତା ଓ ଜରୁରୀ ଦସ୍ତାବିଜ ଯଥା, ସାବୁନ, ଟୁଥ୍‌ବ୍ରଶ୍, ଟୁଥ୍‌ପେଷ୍ଟ, ଟଏଲେଟ୍ ପେପର, ଓଦା ଟିସୁ ସହ କିଛି ନଗଦ ଟଙ୍କା ରଖିବା ଆବଶ୍ୟକ । ପରିଚୟପତ୍ର, ବୀମା ଓ ଚିକିତ୍ସା ସମ୍ପର୍କିତ କାଗଜପତ୍ରର ନକଲ ମଧ୍ୟ ସୁରକ୍ଷିତ ରଖିବାକୁ କୁହାଯାଇଛି । ଶୀତପ୍ରବଣ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଗରମ ପୋଷାକ, କମ୍ବଳ ଓ ଆବଶ୍ୟକ ଇନ୍ଧନ ରଖିବାକୁ ପରାମର୍ଶ ଦିଆଯାଇଛି । ଗୃହପାଳିତ ପଶୁ ଥିବା ପରିବାର ସେମାନଙ୍କ ପାଇଁ ଖାଦ୍ୟ ଓ ଔଷଧ ମଧ୍ୟ ମହଜୁଦ ରଖିବା ଉଚିତ ।

ୟୁପିରେ କଟିଛନ୍ତି ୧.୨୭ କୋଟି ହିନ୍ଦୁ ଭୋଟର: ଯୋଗୀ

ଲକ୍ଷ୍ନୌ,୩୧ ।୧୦(ଏଜେନ୍ସି): ଉତ୍ତରପ୍ରଦେଶର ଭୋଟର ତାଲିକାରୁ ୧.୨୭ କୋଟି ହିନ୍ଦୁଙ୍କ ନାମ ବାଦ୍ ପଡ଼ିଥିବା ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ଶୁକ୍ରବାର ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସେ ଭୋଟର ତାଲିକାର ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଉପରେ ସତର୍କ ନଜର ରଖିବାକୁ ଦଳୀୟ କର୍ମୀଙ୍କୁ କହିଛନ୍ତି । ଯୋଗୀଙ୍କ ଦାବି ଅନୁସାରେ, ଉତ୍ତରପ୍ରଦେଶରେ ୧୬ କୋଟିରୁ ଅଧିକ ଭୋଟର ରହିବା କଥା । କିନ୍ତୁ ବର୍ତ୍ତମାନ ଭୋଟରଙ୍କ ସଂଖ୍ୟା ପ୍ରାୟ ୧୩ କୋଟି । ପଞ୍ଚାୟତ ଭୋଟର ତାଲିକାରେ ଥିବା ୭୬ ଲକ୍ଷ ଲୋକଙ୍କ ନାମ ବିଧାନସଭା ଭୋଟର ତାଲିକାରେ ନାହିଁ ବୋଲି ସେ କହିଛନ୍ତି । ସେହିପରି ୫୫ ଲକ୍ଷ ସରକାରୀ ଯୋଜନାର ହିତାଧିକାରୀ ଏବଂ ୧୮ରୁ ୧୯ ବର୍ଷ ବୟସର ପ୍ରାୟ ୪.୫ ଲକ୍ଷ ଯୁବକଯୁବତୀଙ୍କ ନାମ ମଧ୍ୟ ତାଲିକାରେ ନଥିବା ତାଙ୍କ ଦାବି । ବୁଥ୍‌ସ୍ତରୀୟ ଅଧିକାରୀଙ୍କ (ବିଏଲଓ) ସହ ସମନ୍ୱୟ ରଖି ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ସାମିଲ କରାଇବାକୁ ସେ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ, ଏସ୍ଆଇଆର୍ ପରେ ଉତ୍ତରପ୍ରଦେଶରୁ ୨.୦୪ କୋଟି ଭୋଟରଙ୍କ ନାମ ବାଦ୍ ପଡ଼ିଥିବା ବେଳେ ୮୪ ଲକ୍ଷରୁ ଅଧିକ ନୂଆ ଭୋଟର ସାମିଲ ହୋଇଛନ୍ତି । ଫଳରେ ମୋଟ ଭୋଟରଙ୍କ ସଂଖ୍ୟା ୧୩ କୋଟି ୩୯ ଲକ୍ଷ ୮୪ ହଜାର ୭୯୨ରେ ପହଞ୍ଚିଛି ।

ଜୋତା କାରଖାନାରେ ନିଆଁ; ୪ ମୃତ

ନୂଆଦିଲ୍ଲୀ,୩୧ ।୧୦(ଏଜେନ୍ସି): ଦିଲ୍ଲୀର ମଙ୍ଗୋଲପୁରୀ ଶିଳ୍ପାଞ୍ଚଳ ଫେଜ୍-୧ରେ ଥିବା ଏକ ଜୋତା କାରଖାନାରେ ଶୁକ୍ରବାର ରାତି ପ୍ରାୟ ୯ଟା ୩୦ରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୨ ଜଣ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଉଦ୍ଧାରକାରୀ ଦଳ କାରଖାନା ଭିତରୁ ୬ ଜଣଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ସଞ୍ଜୟ ଗାନ୍ଧୀ ମେମୋରିଆଲ ହସ୍ପିଟାଲକୁ ପଠାଇଥିଲେ । ଏହାବ୍ୟତୀତ କୋଠାର ଚତୁର୍ଥ ମହଲାରୁ ଆଉ ୫ ଜଣଙ୍କୁ ଉଦ୍ଧାର କରାଯାଇଛି । ଦିଲ୍ଲୀ ଅଗ୍ନିଶମ ସେବାର ସହକାରୀ ଡିଭିଜନାଲ ଅଧିକାରୀ ପରାସ କୁମାରଙ୍କ ସୂଚନା ଅନୁଯାୟୀ, କାରଖାନାର ତଳ ମହଲାରେ ନିଆଁ ଲାଗିଥିଲା । ଏହା ଜୋତା ତିଆରି ଓ ଗଚ୍ଛିତ ରଖିବା କାର୍ଯ୍ୟରେ ବ୍ୟବହୃତ ହେଉଥିଲା । ନିଆଁକୁ ଆୟତ୍ତ କରାଯାଇଛି ଏବଂ ଥଣ୍ଡା କରିବା ପ୍ରକ୍ରିୟା ଚାଲିଛି । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ସୂଚନାଯୋଗ୍ୟ, ଚଳିତ ବର୍ଷ ଦିଲ୍ଲୀରେ ଅଗ୍ନିକାଣ୍ଡ ଯୋଗୁଁ ୧୦୧ ଜଣଙ୍କ ମୃତ୍ୟୁ ହୋଇଛି । ଜୁନ୍ ମାସରେ ମାଲବୀୟ ନଗରର ଏକ ହୋଟେଲରେ ନିଆଁ ଲାଗି ୨୧ ଜଣଙ୍କ ଜୀବନ ଯାଇଥିଲା ।

ଶ୍ରେଣୀଗୃହରେ ପଶି ଆକ୍ରମଣ

ଅନନ୍ତପୁର, ୩୧ ।୧୦ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲା ରାପ୍ତାଡୁସ୍ଥିତ ସରକାରୀ ସ୍କୁଲ୍‌ରେ ଦୁଇଜଣ ଦଶମ ଛାତ୍ରୀଙ୍କୁ ପାୱାର ସ'ରେ ଆକ୍ରମଣ କରାଯାଇଛି । ଶନିବାର ସକାଳ ୧୦.୩୦ରେ ଘଟିଥିବା ଘଟଣାରେ ଉଭୟ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ବିମାନ ଆମ୍ବୁଲାନ୍ସରେ ବେଙ୍ଗାଲୁରୁ ନେବାକୁ ବ୍ୟବସ୍ଥା ହେଉଛି । ପୁଲିସ ଅନୁସାରେ, ପାଠପଢ଼ା ଚାଲିଥିବା ବେଳେ ୨୧ ବର୍ଷୀୟ ହେମନ୍ତ ଓରଫ ଡୁମ୍ମୁ ହାତରେ ପାୱାର ସ' ଧରି ଶ୍ରେଣୀଗୃହରେ ପଶି ଛାତ୍ରୀଦ୍ୱୟଙ୍କୁ ଆକ୍ରମଣ କରିଥିଲା । ସେ ଜଣେ ଛାତ୍ରୀଙ୍କ ଦୂର ସମ୍ପର୍କୀୟ ବୋଲି ଜଣାପଡ଼ିଛି । ଆକ୍ରମଣ ପରେ ଫେରାର ହୋଇଥିବା ଅଭିଯୁକ୍ତକୁ ଧର୍ମାବରମ୍ ରେଳଷ୍ଟେସନରୁ ପୁଲିସ ଗିରଫ କରିଛି । ଆହତ ଛାତ୍ରୀଙ୍କୁ ଅନନ୍ତପୁର ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ଘଟଣାକୁ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ନିନ୍ଦା କରିବା ସହ ଚିକିତ୍ସା ଉପରେ ବ୍ୟକ୍ତିଗତ ନଜର ରଖିଛନ୍ତି । ଶିକ୍ଷାମନ୍ତ୍ରୀ ନାରା ଲୋକେଶ ମଧ୍ୟ ଅଭିଯୁକ୍ତ ବିରୋଧରେ କଠୋର ଆଇନଗତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ପୋଲାଣ୍ଡରେ ଅଶାନ୍ତି; ବିଦେଶରୁ ଫେରିଲେ ରାଷ୍ଟ୍ରପତି

ୱାର୍‌ସ, ୩୧ ।୧୦ (ଏଜେନ୍ସି): ପୋଲାଣ୍ଡରେ ସାମ୍ବିଧାନିକ ଅଦାଲତର ମୁଖ୍ୟ ବିଚାରପତି ବୋଗଦାନ୍ ସ୍ୱିଏନ୍‌ଚକୋସ୍କି ଓ ଉପାଧ୍ୟକ୍ଷ ବାର୍ଟଲୋମିଜ୍ ସୋଚାନ୍‌ସ୍କିଙ୍କୁ ଜଣେ ବିଚାରପତି ନିଲମ୍ବନ କରିବା ପରେ ଦେଶରେ ରାଜନୈତିକ ଉତ୍ତେଜନା ଦେଖାଦେଇଛି । ଘଟଣାକୁ କେନ୍ଦ୍ର କରି ବିକ୍ଷୋଭ, ପୁଲିସ ମୁତୟନ ଓ ସରକାରଙ୍କ ବିରୋଧରେ କ୍ଷମତା ଦଖଲ ଅଭିଯୋଗ ଉଠିଛି । ଏହି ଘଟଣା ପରେ ରାଷ୍ଟ୍ରପତି କାରୋଲ ନାଭରୋକି ସେନେଗାଲ ଗସ୍ତ ଅଧାରୁ ବାତିଲ କରି ଦେଶକୁ ଫେରିଛନ୍ତି ।



ଅଦାଲତ ମୁଖ୍ୟଙ୍କୁ ବିଚାରପତିଙ୍କ ନିଲମ୍ବନ, ରାସ୍ତାକୁ ଓହ୍ଲାଇଲେ ସମର୍ଥକ

ଅକ୍ଟୋବର ୩୦ ସନ୍ଧ୍ୟାରେ ସାମ୍ବିଧାନିକ ଟ୍ରିବ୍ୟୁନାଲର ୱେବ୍‌ସାଇଟ୍‌ରେ ଦୁଇ ଶୀର୍ଷ ଅଧିକାରୀଙ୍କ ନିଲମ୍ବନ ସମ୍ପର୍କରେ ସୂଚନା ପ୍ରକାଶ ପାଇଥିଲା । ବରିଷ୍ଠତା ଆଧାରରେ ବିଚାରପତି ଆନ୍ନା କୋର୍ୱିନ୍-ପିଓଟ୍ରୋସ୍କା ଏହି ପଦକ୍ଷେପ ନେଇଥିବା ଏବଂ ଆଇନର ଶାସନ ପୁନଃସ୍ଥାପନ ପାଇଁ ଏହା ଜରୁରୀ ବୋଲି କହିଥିଲେ । ସେ ନିଜକୁ ଟ୍ରିବ୍ୟୁନାଲର ନେତୃତ୍ୱ ଦାୟିତ୍ୱରେ ଥିବା ଘୋଷଣା କରିଥିଲେ । ଏହାକୁ ବିରୋଧ କରି ଅଦାଲତ ପରିସର ବାହାରେ ଶତାଧିକ ଲୋକ ଏକାଠି ହୋଇଥିଲେ । ପରିସ୍ଥିତି ନିୟନ୍ତ୍ରଣ ପାଇଁ ଦଙ୍ଗା ନିୟନ୍ତ୍ରଣକାରୀ ପୁଲିସ ମୁତୟନ କରାଯାଇଥିଲା । ଟ୍ରିବ୍ୟୁନାଲର ଅଧିକାରିକ 'ଏକ୍ସ' ଆକାଉଣ୍ଟରେ ଏହି ଘଟଣାକୁ 'ସାମରିକ ବିଦ୍ରୋହ' ବା କ୍ଷମତା ଦଖଲ ଉଦ୍ୟମ ବୋଲି ଅଭିଯୋଗ କରାଯାଇଛି । ରାଷ୍ଟ୍ରପତି ନାଭରୋକି ମଧ୍ୟ ଦେଶକୁ ଫେରିବା ପରେ ଟ୍ରିବ୍ୟୁନାଲ ପରିସରରେ ପହଞ୍ଚିଥିଲେ । ଏହି ବିବାଦ ମଧ୍ୟରେ ଚୀନ୍‌ରେ ଅବସ୍ଥାପିତ ପୋଲାଣ୍ଡର ରାଷ୍ଟ୍ରଦୂତ ଜାକୁବ୍ କୁମୋଚ୍ ଇସ୍ତଫା ଦେଇଛନ୍ତି । ତେବେ ବୈଦେଶିକ ମନ୍ତ୍ରୀ ରାଡୋସ୍ଲା ସିକୋର୍ସ୍କି ତାଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କଙ୍କ ୟୁରୋପ ସମର୍ଥକ ସରକାର ୨୦୨୩ରେ କ୍ଷମତାକୁ ଆସିବା ପରଠାରୁ ନ୍ୟାୟପାଳିକାର ସ୍ୱାଧୀନତା ପୁନଃସ୍ଥାପନ ପାଇଁ ଉଦ୍ୟମ କରୁଛି ।

ଆମେରିକା ଆକ୍ରମଣ କଲେ କଡ଼ା ଜବାବ ଦେବୁ: ଇରାନ

ତେହେରାନ,୩୧ ।୧୦(ଏଜେନ୍ସି): ଆମେରିକା ସହ ପୁଣି ଯୁଦ୍ଧ ଆଶଙ୍କା ମଧ୍ୟରେ ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନି ଦେଶର ସଶସ୍ତ୍ର ବାହିନୀକୁ ତୁରନ୍ତ ସାମରିକ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶତ୍ରୁପକ୍ଷର ଯେକୌଣସି ଧମକର ଜବାବ ତୁରନ୍ତ, ଶକ୍ତିଶାଳୀ ଓ ଭୌଗୋଳିକ ସୀମାବନ୍ଧନ ବିନା ଦେବାକୁ ସେ କହିଛନ୍ତି । ଶନିବାର ନିଜର ଅଧିକାରିକ ଟେଲିଗ୍ରାମ୍ ଆକାଉଣ୍ଟରେ ପ୍ରକାଶିତ ବାର୍ତ୍ତାରେ ମୋଜତବା ସେନାକୁ ଆମେରିକା ଓ ଇସ୍ରାଏଲ୍‌ର ସମସ୍ତ ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପତ୍ତିକୁ ଲକ୍ଷ୍ୟଭେଦ ପରିସରକୁ ଆଣିବା ପାଇଁ ଟାର୍ଗେଟ୍ ତାଲିକା ଅଦ୍ୟତନ କରିବାକୁ କହିଛନ୍ତି । ଏଥିସହ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଉତ୍ପାଦନ ବୃଦ୍ଧି, ସାମରିକ ଗୁଇନ୍ଦା ବ୍ୟବସ୍ଥା ସୁଦୃଢ଼ କରିବା ଏବଂ ସ୍ୱଦେଶୀ ପ୍ରତିରକ୍ଷା କ୍ଷମତା ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପଟେ ୟେମେନ୍‌ରେ ସାଉଦି ନେତୃତ୍ୱାଧୀନ ମେଣ୍ଟ ଓ ଇରାନ ସମର୍ଥିତ ହୁତି ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ତୀବ୍ର ହୋଇଛି । ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ କରିବା ଏବଂ ଅବରୋଧ ହଟାଇବା ନେଇ ଆମେରିକା-ଇରାନ ମଧ୍ୟରେ ଆଲୋଚନା ଜାରି ରହିଛି । କତାର ମଧ୍ୟସ୍ଥତାରେ ଶୁକ୍ରବାର ତେହେରାନରେ ଆଲୋଚନା ହୋଇଥିଲେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ମତଭେଦ ରହିଛି । ଯୁଦ୍ଧ ଆରମ୍ଭ ପରଠାରୁ ୫୬ ବର୍ଷୀୟ ମୋଜତବା ସର୍ବସାଧାରଣରେ ଦେଖାଦେଇନାହାନ୍ତି । ଲିଖିତ ବାର୍ତ୍ତା ଜରିଆରେ ସେ ନିଜ ମତ ରଖୁଛନ୍ତି । ଫେବ୍ରୁଆରି ୨୮ ରେ ତେହେରାନ୍ ଉପରେ ଆମେରିକାର ପ୍ରଥମ ଆକ୍ରମଣରେ ସେ ଆହତ ହୋଇଥିବା ଇରାନର ଧର୍ମଗୁରୁ ମୋହସେନ୍ ହେୟଦାରି ଦାବି କରିଛନ୍ତି ।

ହର୍ମୁଜ ମାଇନରେ ପିଟିହେଲା ଭାରତୀୟ ଜାହାଜ

ନୂଆଦିଲ୍ଲୀ,୩୧ ।୧୦(ଏଜେନ୍ସି): ହର୍ମୁଜ୍ ପ୍ରଣାଳୀରେ ୨୭ ଜଣ ଭାରତୀୟ ନାବିକ ଥିବା ଏକ ତୈଳବାହୀ ଜାହାଜ ଲିମ୍ପେଟ୍



ମାଇନ୍ ଆକ୍ରମଣର ଶିକାର ହୋଇଛି । ଶୁକ୍ରବାର ପାନାମା ପତାକାଧାରୀ ଏମ୍‌ଟି ଲୁଇସ୍-୧ ଟ୍ୟାଙ୍କରକୁ ଏକ ଛୋଟ ନୌକାରୁ ଦୁଇଟି ଲିମ୍ପେଟ୍ ମାଇନ୍ ଲଗାଇ ଦିଆଯାଇଥିବା ରଏଟର୍ସ ରିପୋର୍ଟରେ କୁହାଯାଇଛି । ବିସ୍ଫୋରଣ ଯୋଗୁଁ ଜାହାଜର ଇଞ୍ଜିନ୍ କକ୍ଷରେ ନିଆଁ ଲାଗିଥିଲା ଏବଂ କିଛି ସମୟ ପାଇଁ ଜାହାଜର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇଥିଲା । ତେବେ ନାବିକମାନେ ନିଆଁକୁ ଆୟତ୍ତ କରିବା ପରେ ଜାହାଜ ପୁଣି ଯାତ୍ରା ଜାରି ରଖିଛି । ଏଥିରେ କୌଣସି ପରିବେଶଗତ କ୍ଷତି ହୋଇନାହିଁ । ଓମାନର ଖାସାବ୍‌ଠାରୁ ୪୬ କିଲୋମିଟର ଉତ୍ତର-ପୂର୍ବରେ ଏହି ଘଟଣା ଘଟିଥିବା ବ୍ରିଟିଶ୍ ସାମୁଦ୍ରିକ ସୁରକ୍ଷା ସଂସ୍ଥା କହିଛି । ଫେବ୍ରୁଆରିରେ ସଂଘର୍ଷ ଆରମ୍ଭ ହେବା ପରଠାରୁ ଏହି ଜଳପଥରେ ଲିମ୍ପେଟ୍ ମାଇନ୍‌ର ସଫଳ ବ୍ୟବହାରର ଏହା ପ୍ରଥମ ଘଟଣା । ଏହାର ଦିନକ ପୂର୍ବରୁ ଦୁଇ ଭାରତୀୟ ଥିବା ଲାଇବେରିଆ ପତାକାଧାରୀ ଏମ୍‌ଟି ଆର୍‌ଜାନାହ୍ ଜାହାଜ ମଧ୍ୟ କ୍ଷେପଣାସ୍ତ୍ର ଭଳି ଏକ ପ୍ରକ୍ଷେପିତ ବସ୍ତୁର ଆକ୍ରମଣର ଶିକାର ହୋଇଥିଲା । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି, ସମସ୍ତ ନାବିକ ସୁରକ୍ଷିତ ଅଛନ୍ତି ଏବଂ କାହାରି କୌଣସି ଆଘାତ ଲାଗିନାହିଁ ।

ପଞ୍ଚତାରକା ହୋଟେଲ୍ ସୁଇମିଂ ପୁଲ୍‌ରେ ବିଦ୍ୟୁତ୍ ଆଘାତ; ୨ ବିଦେଶୀ ମୃତ




ବେଙ୍ଗାଲୁରୁ,୩୧ ।୧୦(ଏଜେନ୍ସି): ବେଙ୍ଗାଲୁରୁର ଏକ ପଞ୍ଚତାରକା ହୋଟେଲ୍‌ର ସୁଇମିଂ ପୁଲ୍‌ରେ ବିଦ୍ୟୁତ୍ ଆଘାତ ଲାଗି ଦୁଇ ବିଦେଶୀ ନାଗରିକଙ୍କ ମୃତ୍ୟୁ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ କନରାଡ୍ ହୋଟେଲ୍‌ର ତୃତୀୟ ମହଲାରେ ଥିବା ସୁଇମିଂ ପୁଲ୍‌ରେ ଏହି ଅଘଟଣ ଘଟିଛି । ଉଦ୍ଧାର ଉଦ୍ୟମ ବେଳେ ଜଣେ ଆମେରିକୀୟ ନାଗରିକ ଓ ହୋଟେଲ୍‌ର ଜଣେ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି । ମୃତକ ଦୁଇଜଣ ହେଲେ ଜର୍ମାନୀର ୫୭ ବର୍ଷୀୟ ଆଲେକ୍‌ଜାଣ୍ଡର ମାକ୍ସିମିଲିଆନ୍ ଥିସ୍ ଓ ସ୍ଲୋଭାକିଆର ୪୫ ବର୍ଷୀୟ ଜୁରାଜ୍ ହୋର୍ଭାଟ୍ । ଆଲେକ୍‌ଜାଣ୍ଡର ଲୁଫ୍‌ଥାନ୍‌ସା ବିମାନ କମ୍ପାନିର କର୍ମଚାରୀ ଥିବାବେଳେ ହୋର୍ଭାଟ୍ ଆଇବିଏମ୍‌ରେ ପ୍ରକଳ୍ପ ପରିଚାଳକ ଥିଲେ । ଆହତ ଆମେରିକୀୟ ମାଥ୍ୟୁ ଡେସାଣ୍ଟିସ୍ ଓ ହୋଟେଲ୍ କର୍ମଚାରୀ ରାହୁଲ ତିୱାରୀଙ୍କ ଚିକିତ୍ସା ଚାଲିଛି । ଉଭୟ ବିପଦମୁକ୍ତ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି । ମୃତକଙ୍କ ପରିବାର ପକ୍ଷରୁ ହୋଟେଲ୍ ପରିଚାଳନାର ଅବହେଳା ଅଭିଯୋଗରେ ପୁଲିସରେ ଅଭିଯୋଗ ହୋଇଛି । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଘଟଣା ପରେ ହୋଟେଲ୍ କର୍ତ୍ତୃପକ୍ଷ ନଭେମ୍ବର ୩୦ ଯାଏଁ ସୁଇମିଂ ପୁଲ୍ ବନ୍ଦ ରଖିଛନ୍ତି ।

ପ୍ରଦୂଷଣ ମୁକାବିଲା ପାଇଁ ଦିଲ୍ଲୀରେ କଟକଣା

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଆଗକୁ ଶୀତଦିନ ରହିଥିବା ବେଳେ ଦିଲ୍ଲୀ-ଏନସିଆର ଅଞ୍ଚଳରେ ବାୟୁ ଗୁଣବତ୍ତା ହ୍ରାସ ପାଉଛି । ଏହାପରେ ଦିଲ୍ଲୀ ସରକାର ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେନ୍ଦ୍ରୀୟ ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍) କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି । ନଭେମ୍ବର ୧ ରୁ ୨୦୨୭ ଜାନୁଆରୀ ୩୧ ପର୍ଯ୍ୟନ୍ତ ବିଭିନ୍ନ କଟକଣାଗୁଡ଼ିକ ଲାଗୁ କରାଯିବ । ଏହି ସମୟରେ କାର୍ଯ୍ୟାଳୟ ଓ ନିର୍ମାଣ କାର୍ଯ୍ୟ ଉପରେ ନିଷେଧାଜ୍ଞା ଲାଗିଛି । ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ, ସୋନିପତ, ଗାଜିଆବାଦ ଓ ଗୌତମ ବୁଦ୍ଧ ନଗରର ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ୫୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି । ଅବଶିଷ୍ଟ କର୍ମଚାରୀ ଘରୁ କାର୍ଯ୍ୟ (ୱାର୍କ ଫ୍ରମ୍ ହୋମ୍) କରିବେ । ଏହା ସହିତ ଧୂଳି ସୃଷ୍ଟି କରୁଥିବା ବାହ୍ୟ ନିର୍ମାଣ ଓ ଭଙ୍ଗାରୁଜା କାର୍ଯ୍ୟ ଉପରେ କଟକଣା ଲଗାଯାଇଛି । ତେବେ ରେଳବାଇ, ମେଟ୍ରୋ, ବିମାନବନ୍ଦର, ହସ୍ପିଟାଲ, ଜଳଯୋଗାଣ ଏବଂ ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ଜରୁରୀକାଳୀନ ପ୍ରକଳ୍ପଗୁଡ଼ିକୁ ଏଥିରୁ ଛାଡ଼ କରାଯାଇଛି । ଯାନବାହାନ କଟକଣା ଲାଗୁ ହେବା ସହ ଅଫିସ ସମୟସାରଣୀରେ ପରିବର୍ତ୍ତନ କରାହୋଇଛି । ଏଥିରେ ଗ୍ରାପ (ଜିଆର୍‌ଏପି) ନିୟମାବଳୀ ଅନୁଯାୟୀ, ନଭେମ୍ବର ୧ ରୁ ବିଏସ୍-୬ ମାନକ ନଥିବା ଗାଡ଼ି, ବୈଧ ପିଉସିସି (ପ୍ରଦୂଷଣ ପ୍ରମାଣ) ନଥିବା ଯାନବାହାନ ଏବଂ ବାହାର ରାଜ୍ୟର ପ୍ରଦୂଷଣକାରୀ ଗାଡ଼ି ପ୍ରବେଶ ଉପରେ ନିଷେଧାଜ୍ଞା ରହିଛି ।



ସାମ୍ବାଦିକ ନିଧିଙ୍କ ହାତ ଧରିଲେ ଓମାର




ନୂଆଦିଲ୍ଲୀ,୩୧ ।୧୦(ଏଜେନ୍ସି): ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସାମ୍ବାଦିକ ନିଧି ରଜଦାନଙ୍କୁ ବିବାହ କରିଛନ୍ତି । ଶୁକ୍ରବାର ଅକ୍ଟୋବର ୩୦ରେ ଏହି ବିବାହ ସମ୍ପନ୍ନ ହୋଇଥିବା ବେଳେ ଶନିବାର ଉଭୟ ସାମାଜିକ ଗଣମାଧ୍ୟମରେ ଫଟୋ ସେୟାର କରି ଏହି ଖୁସି ଖବର ଜଣାଇଛନ୍ତି । ୫୬ ବର୍ଷୀୟ ଓମାର ଏକ୍ସରେ ଦୁଇଟି ଫଟୋ ପୋଷ୍ଟ କରି 'ଗତକାଲି ଏକ ନୂଆ ଯାତ୍ରା ଆରମ୍ଭ ହେଲା' ବୋଲି ଲେଖିଛନ୍ତି । ଏଥିରେ ସେ ୪୯ ବର୍ଷୀୟ ନିଧିଙ୍କୁ ମଧ୍ୟ ଟ୍ୟାଗ୍ କରିଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସ୍ୱତନ୍ତ୍ର ବିବାହ ଆଇନ ଅନୁସାରେ ଉଭୟଙ୍କ ବିବାହ ହୋଇଛି । ଏଥିରେ ଉଭୟ ପରିବାରର ସଦସ୍ୟ ସାକ୍ଷୀ ରହିଥିଲେ । ଶ୍ରୀନଗର ଓ ନୂଆଦିଲ୍ଲୀରେ ବିବାହ ସମ୍ପର୍କିତ ଉତ୍ସବ ଆୟୋଜନ ହୋଇଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ଓମାରଙ୍କ ପ୍ରଥମ ପତ୍ନୀ ପାୟଲ ନାଥଙ୍କ ସହ ବିବାହ ବିଚ୍ଛେଦକୁ ସୁପ୍ରିମକୋର୍ଟ ଚଳିତ ବର୍ଷ ଜୁଲାଇ ୩୧ରେ ମଞ୍ଜୁରି ଦେଇଥିଲେ । ଉଭୟ ପକ୍ଷଙ୍କ ସହମତି ଆଧାରରେ ଏହି ବିଚ୍ଛେଦ ହୋଇଥିଲା ।

ଦାୟିତ୍ୱ ନେଲେ ନୂଆ ବାୟୁସେନା ମୁଖ୍ୟ ଆଶୁତୋଷ ଦୀକ୍ଷିତ

ନୂଆଦିଲ୍ଲୀ,୩୧ ।୧୦(ଏଜେନ୍ସି): ଭାରତୀୟ ବାୟୁସେନାର ନୂଆ ମୁଖ୍ୟ ଭାବେ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଏୟାର ଚିଫ୍ ମାର୍ଶାଲ ଆଶୁତୋଷ ଦୀକ୍ଷିତ । ସେ ଏୟାର ଚିଫ୍ ମାର୍ଶାଲ ଏପି ସିଂହଙ୍କ ସ୍ଥାନ ନେଇଛନ୍ତି । ୪୩ ବର୍ଷର ଦୀର୍ଘ ସେବା ପରେ ଏପି ସିଂହ ଅବସର ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀର ରେସ୍‌କୋର୍ସ ବାୟୁସେନା ଷ୍ଟେସନ୍‌ରେ ଏପି ସିଂହଙ୍କୁ ଔପଚାରିକ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ଏହାପରେ ସେ ଦାୟିତ୍ୱଭାର ଦୀକ୍ଷିତଙ୍କୁ ହସ୍ତାନ୍ତର କରିଥିଲେ । ୧୯୬୬ ଡିସେମ୍ବର ୯ରେ ଜନ୍ମିତ ଦୀକ୍ଷିତ ୧୯୮୬ ଡିସେମ୍ବର ୬ରେ ଭାରତୀୟ ବାୟୁସେନାର ଯୁଦ୍ଧବିମାନ ଶାଖାରେ ଯୋଗ ଦେଇଥିଲେ । ପ୍ରାୟ ଚାରି ଦଶନ୍ଧିର ସେବା ଜୀବନରେ ସେ ବିଭିନ୍ନ କମାଣ୍ଡ, ପ୍ରଶାସନିକ ଓ ପ୍ରଶିକ୍ଷଣ ସମ୍ବନ୍ଧୀୟ ଦାୟିତ୍ୱ ତୁଲାଇଛନ୍ତି । ଅପରେସନ୍ ସିନ୍ଦୂରରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଦୀକ୍ଷିତଙ୍କର ୨୦ରୁ ଅଧିକ ପ୍ରକାରର ବିମାନ ଉଡ଼ାଇବାର ୩,୫୦୦ ଘଣ୍ଟାରୁ ଅଧିକ ଅଭିଜ୍ଞତା ରହିଛି ।



ମହାକାଶରେ ନାଭିଗେସନ୍ ଉପଗ୍ରହ ଏନ୍‌ଭିଏସ୍-୦୩



ଶ୍ରୀହରିକୋଟା,୩୧ ।୧୦(ଏଜେନ୍ସି): ଭାରତର ନିଜସ୍ୱ ଉପଗ୍ରହ ନାଭିଗେସନ୍ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଉ ଏକ ସଫଳତା ହାସଲ କରିଛି ଇସ୍ରୋ । ଶୁକ୍ରବାର ରାତି ୧୧ଟା ୫୧ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍୧୮ ରକେଟ୍ ମାଧ୍ୟମରେ ନାଭିଗେସନ୍ ଉପଗ୍ରହ ଏନ୍‌ଭିଏସ୍-୦୩ର ସଫଳ ଉତ୍କ୍ଷେପଣ କରାଯାଇଛି । ପ୍ରାୟ ୧୮ ମିନିଟ୍ ୪୦ ସେକେଣ୍ଡର ଯାତ୍ରା ପରେ ୨୨୩୨ କିଲୋଗ୍ରାମ ଓଜନର ଉପଗ୍ରହଟି ନିର୍ଦ୍ଧାରିତ କକ୍ଷପଥରେ ପହଞ୍ଚିଛି । ଏହି ଉପଗ୍ରହ ଭାରତର ନାଭିକ୍ (ନାଭିଗେସନ୍ ୱିଥ୍ ଇଣ୍ଡିଆନ୍ କନ୍‌ଷ୍ଟେଲେସନ୍) ବ୍ୟବସ୍ଥାର ଅଂଶ । ଏହା ଭାରତର ସମଗ୍ର ଭୂଭାଗ ସହ ସୀମାଠାରୁ ପ୍ରାୟ ୧୫୦୦ କିଲୋମିଟର ବାହାର ପର୍ଯ୍ୟନ୍ତ ଅବସ୍ଥିତି, ଦିଗ ଓ ସମୟ ସମ୍ପର୍କିତ ସଠିକ୍ ସୂଚନା ଦେବ । ଏହା ଭାରତୀୟ ସେନାର ରଣନୈତିକ କାର୍ଯ୍ୟରେ ସହାୟକ ହେବା ସହ ଯାତାୟାତ, ଜାହାଜ ଓ ବିମାନ ଚଳାଚଳ, ମତ୍ସ୍ୟଜୀବୀଙ୍କୁ ସମୁଦ୍ରରେ ଦିଗ ନିର୍ଣ୍ଣୟ ଏବଂ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ମଧ୍ୟ ଉପଯୋଗୀ ହେବ । ଏନ୍‌ଭିଏସ୍-୦୩ରେ ସ୍ୱଦେଶୀ ପରମାଣୁ ଘଡ଼ି ବ୍ୟବହାର କରାଯାଇଛି । ଏଥିରେ ପୂର୍ବରୁ ଥିବା ଏଲ୍-୫ ଓ ଏସ୍ ବ୍ୟାଣ୍ଡ ସହ ନୂଆ ଏଲ୍-୧ ସିଗ୍‌ନାଲ୍ ମଧ୍ୟ ଯୋଡ଼ାଯାଇଛି । ଏହା ଦ୍ୱାରା ନାଭିକ୍ ସେବା ଅଧିକ ଉପକରଣରେ ଉପଲବ୍ଧ ହେବାର ସମ୍ଭାବନା ରହିଛି । ଆମେରିକାର ଜିପିଏସ୍ ଭଳି ନାଭିକ୍ ମଧ୍ୟ ଅବସ୍ଥିତି ନିର୍ଣ୍ଣୟ ସେବା ଦେଇଥାଏ ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-127 ♦SUNDAY ♦1 NOVEMBER 2026 ♦PAGE-12 ♦₹ 7.00
♦ବର୍ଷ-୪୪ ♦ସଂଖ୍ୟା-୧୨୭ ♦ରବିବାର ♦୧ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨+୪(ସିନ୍ଦୂରା) ♦ଟ.୭.୦୦

ସୁନା ୭ ହଜାର, ରୁପା ୩୭ ହଜାର କମିଲା

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଘରୋଇ ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ଇଣ୍ଡିଆ ବୁଲିଅନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ(ଆଇବିଜେଏ) ଅନୁସାରେ, ଶୁକ୍ରବାର ରୁପା କିଲୋପ୍ରତି ୬,୬୭୮ ଟଙ୍କା ହ୍ରାସ ପାଇ କେଜି ୧ ଲକ୍ଷ ୮୪ ହଜାର ଟଙ୍କାକୁ ଖସି ଆସିଛି। ସେହିପରି ସୁନା ଦରରେ ମଧ ଶୁକ୍ରବାର ହ୍ରାସ ଘଟିଛି। ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ଦର ୧୩୬୪ ଟଙ୍କା ହ୍ରାସ ପାଇ ଦର ୧ ଲକ୍ଷ ୪୧ ହଜାର ଟଙ୍କାକୁ ଖସିଆସିଛି। ବର୍ତ୍ତମାନ ବଜାର ମାନ୍ଦା ଚାଲିଥିବାରୁ ଉଭୟ ସୁନା ଓ ରୁପା ଦରରେ ହ୍ରାସ ଦେଖିବାକୁ ମିଳିଛି। ଅକ୍ଟୋବର ମାସରେ ଏ ପର୍ଯ୍ୟନ୍ତ ସୁଦ୍ଧା ରୁପା ଦରରେ ୩୭,୦୨୯ ଟଙ୍କା ହ୍ରାସ ପାଇସାରିଲାଣି। ଅକ୍ଟୋବର ମାସ ଆରମ୍ଭର ମୂଲ୍ୟ ଯଦି ଦେଖିବା ତେବେ ଅକ୍ଟୋବରପହିଲାରେ ରୁପା କିଲୋଗ୍ରାମ ପ୍ରତି ୨ ଲକ୍ଷ ୨୦ ହଜାର ଟଙ୍କା ରହିଥିଲା। ବର୍ତ୍ତମାନ ଏହା କିଲୋ ପିଛା ୧ ଲକ୍ଷ ୮୪ ହଜାର ଟଙ୍କାକୁ ହ୍ରାସ ପାଇଛି। ସେହିପରି ସୁନା ଦର ଅକ୍ଟୋବର ମାସରେ ୭,୨୪୭ ଟଙ୍କା ହ୍ରାସ ଘଟିଛି।

ଇଣ୍ଡିଆ ମେଣ୍ଟର ଛାୟା ସଂସଦ

ଜ୍ଞାନେଶଙ୍କ ବିରୋଧରେ ଜନ ମହାଭିଯୋଗ

ରାମଲୀଳା ମଇଦାନରେ ମହାସମାବେଶ ଆଜି



■ ନୂଆଦିଲ୍ଲୀ,୩୧।୧୦ (ଏଜେନ୍ସି): ଏସଆଇଆର ଜରିଆରେ ଦେଶରେ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ କାଟି ବିବାଦରେ ଛନ୍ଦି ହୋଇଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଆସନ୍ତାକାଲି ଦିଲ୍ଲୀର ରାମଲୀଳା ମଇଦାନରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ବଡ଼ ଧରଣର ସମାବେଶ ହେବାକୁ ଯାଉଛି। ଏହାପୂର୍ବରୁ ଆଜି ଏଠାରେ ମେଣ୍ଟ ପକ୍ଷରୁ ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ଲାଗି ପ୍ରତୀକାତ୍ମକ ଭାବେ ଜନ-ମହାଭିଯୋଗ ଅଣାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ଅନୁଷ୍ଠିତ ମକ୍ ସଂସଦରେ ଆଗତ ଜନ-ଅଭିଯୋଗରେ ଜ୍ଞାନେଶଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଛି। ବିଜେପି ସରକାର କଥାରେ ପଡ଼ି ଗଣତନ୍ତ୍ରର ହତ୍ୟା କରିଥିବାରୁ ସେ ହେଉଛନ୍ତି ଦେଶଦ୍ରୋହୀ। ତେଣୁ ତାଙ୍କୁ ମୁଖ୍ୟ ନିର୍ବାଚନ କମିସନର ପଦରୁ ତୁରନ୍ତ ବହିଷ୍କାର କରିବା ଲାଗି ଏଥିରେ ଦାବି କରାଯାଇଛି। ବୈଠକ ଶେଷରେ ସର୍ବସମ୍ମତିକ୍ରମେ ଜନ-ମହାଭିଯୋଗ ଗୃହୀତ ହୋଇଛି।

କଡ଼ା ସମାଲୋଚନା କଲା ବିଜେପି

ନୂଆଦିଲ୍ଲୀସ୍ଥିତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ଆଜି ଇଣ୍ଡିଆ ମେଣ୍ଟ ପକ୍ଷରୁ ଏହି ପ୍ରତୀକାତ୍ମକ ବା ସାଙ୍କେତିକ ଜନ ମହାଭିଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଙ୍କେତିକ ସଂସଦୀୟ କାର୍ଯ୍ୟକ୍ରମରେ ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର ବାଚସ୍ପତି ଭାବେ ଅଧ୍ୟକ୍ଷତା କରିଥିଲେ। ଏଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଶଶି ଥରୁର, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ, ମେହବୁବା ମୁଫ୍ତି ଏବଂ ଆଇସା ନେତ୍ରୀ ନେହା ବୋରାଙ୍କ ସମେତ ଅନେକ ବିରୋଧୀ ନେତା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଖଡ଼ଗେ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରସ୍ତାବିତ ସଂକଳ୍ପ ପାଠ କରିଥିଲେ। ସଂକଳ୍ପରେ ସିଇସିଙ୍କ ବିରୋଧରେ ୬ଟି ଅଭିଯୋଗ ଆଗତ ହୋଇଥିଲା। ଖଡ଼ଗେ ଓ ରାହୁଲ ଗାନ୍ଧୀ ଦାବି କହିଲେ ।।ଯେ ସିଇସି ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ▶ପୃଷ୍ଠା-୭



■ ପାର୍ବଣରେ ମହଙ୍ଗା ମାଡ଼

ତେଲ ଦର ୨୫% ବଢ଼ିଛି

■ ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ଚାଲିଛି ପାର୍ବଣ ଋତୁ। ଲୋକମାନେ ନବରାତ୍ରୀ ଓ ଦଶହରା ପରେ ଦୀପାବଳି ଏବଂ ଛଠ୍ ପୂଜା ପାଇଁ ବେଶ୍ ଉତ୍ସାହର ସହ ପ୍ରସ୍ତୁତି ଚଳାଇଛନ୍ତି। ହେଲେ ମହଙ୍ଗା ବଜାରେ ଏଥିରେ ବଡ଼ କଣ୍ଟା ସାଜିଛି। ବିଶେଷକରି ବଜାରରେ ଖାଇବା ତେଲର ଅତ୍ୟଧିକ ଦର ପାର୍ବଣ ଉତ୍ସାହକୁ ଫିକା କରିଦେଉଛି। ଖାଇବା ତେଲ ଦର ବୃଦ୍ଧି ଯୋଗୁ ଅନେକ ଖାଦ୍ୟ ସାମଗ୍ରୀ ମହଙ୍ଗା। କେନ୍ଦ୍ର ସରକାର ଖାଇବା ତେଲ ଉପରେ ଶୁଳ୍କ ହ୍ରାସ କରି କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ଦେଇଛନ୍ତି। ହେଲେ କମ୍ପାନୀଗୁଡିକ ଏହାର ଲାଭ ଗ୍ରାହକଙ୍କୁ ଦେଉନାହାଁନ୍ତି, ଯଦିଓ ସେମାନେ ଦର ହ୍ରାସ ନେଇ ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଗତ ବର୍ଷ ମଧ୍ୟରେ ଖୁଚୁରା ବଜାରରେ ଖାଇବା ତେଲ ଦର ୨୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କେବଳ ସେପ୍ଟେମ୍ବର ମାସରେ ରିଫାଇନ୍ଡ ତେଲର ଦର ପ୍ରାୟ ୧୫% ବୃଦ୍ଧି ପାଇଥିବା ବେଳେ, ଚିନାବାଦାମ ତେଲ ମୂଲ୍ୟ ୧୪% ପର୍ଯ୍ୟନ୍ତ ବଢ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ, ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେବା ପାଇଁ ସରକାର ସେପ୍ଟେମ୍ବର ମାସରେ ଖାଇବା ତେଲ ଉପରେ ଶୁଳ୍କ ୫% ହ୍ରାସ କରିଥିଲେ। ଏହି ଅନୁଯାୟୀ, ପାମୋଲିନ୍ ଏବଂ ସୋୟାବିନ୍ ତେଲ ଉପରେ ଶୁଳ୍କ ୧୦% ରୁ ୫%କୁ ହ୍ରାସ କରାଯାଇଥିଲା। ▶ପୃଷ୍ଠା-୭

ନିଖୋଜଙ୍କ ସନ୍ଧାନ ଓ ଜୀବନ ରକ୍ଷାକୁ ସର୍ବାଧିକ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

■ ନିୟୋଜିତ ହେବ ରେଲବାଇର 'ଚେନ୍ ପୁଲିଂ ସିଷ୍ଟମ୍'
■ ସମ୍ଭାବ୍ୟ ବାତ୍ୟା ପାଇଁ ଆଶ୍ରୟସ୍ଥଳୀ ସହ ମହଜୁଦ ରହିବ ରିଲିଫ୍ ସାମଗ୍ରୀ



■ ଭୁବନେଶ୍ୱର,୩୧।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ପରେ ଘଟିଥିବା ଭୂସ୍ଖଳନ ଜନିତ ସ୍ଥିତି, ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ସହ ଆଗାମୀ ବାତ୍ୟା ପାଇଁ ପ୍ରସ୍ତୁତ ରହିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶନିବାର ମୁଖ୍ୟମନ୍ତ୍ରୀ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଥିବା ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ଓ ଜୀବନ ରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ଭୂସ୍ଖଳନ ପ୍ରଭାବିତ ପ୍ରତ୍ୟେକଟି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନିଆଯାଉ ଏବଂ ମାଟି ତଳେ ଫସି ରହିଥିବା ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ସମସ୍ତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଉ। ବାତ୍ୟା କ୍ଷୟକ୍ଷତିର ସଠିକ୍ ଆକଳନ ସହ ଆଗାମୀ ବାତ୍ୟାର ସଫଳ ମୁକାବିଲା ପାଇଁ ପ୍ରଶାସନର ସମସ୍ତ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହି କାର୍ଯ୍ୟ କରିବାକୁ ମଧ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

ଅର୍ଣ୍ଣବ ଉଜାଡ଼ିଲା, ପୁଣି ଆସୁଛି 'ମୁରାସୁ'!

■ ବଙ୍ଗୋପସାଗରରେ ଅବପାତ, ଦକ୍ଷିଣ ଓଡ଼ିଶାକୁ ପୁଣି ବିପଦ
■ ଆସନ୍ତା ୨ ତାରିଖ ସନ୍ଧ୍ୟାରେ ଆନ୍ଧ୍ର ଛୁଇଁପାରେ ବାତ୍ୟା
■ ୩ରୁ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାରେ ଅତିପ୍ରବଳ ବର୍ଷା

■ ଭୁବନେଶ୍ୱର,୩୧।୧୦(ସମିସ): ବାତ୍ୟା ଅର୍ଣ୍ଣବର ଭୟାଭୟତାରୁ ଏପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ମୁକୁଳି ପାରିନାହିଁ। ଗଞ୍ଜାମ, ଗଜପତି ଏବେବି ବନ୍ୟାରେ ଉବୁଟୁବୁ ହେଉଥିବା ବେଳେ ଉଦ୍ଧାର ତଥା ରିଲିଫ୍ କାର୍ଯ୍ୟ କରିବାକୁ ସରକାର ନାକେଦମ୍ ହେଲେଣି। ଏପରିସ୍ଥଳେ ଅର୍ଣ୍ଣବ ପଛେପଛେ ସମ୍ଭାବ୍ୟ ବାତ୍ୟା ମୁରାସୁ ରାଜ୍ୟବାସୀଙ୍କୁ ଭୟଭୀତ କଲାଣି। ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଶନିବାର ଅବପାତରେ ପରିଣତ ହୋଇଛି। ଆସନ୍ତା ୨ ତାରିଖ ସନ୍ଧ୍ୟାରେ ଏହା ବାତ୍ୟା ରୂପ ନେଇ ଆନ୍ଧ୍ର ଉପକୂଳରେ ସ୍ଥଳପଥ ଅତିକ୍ରମ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ଶନିବାର ସ୍ପଷ୍ଟ କରିଛି। ଅର୍ଣ୍ଣବ ତୁଳନାରେ ମୁରାସୁ ଅପେକ୍ଷାକୃତ କମ୍ ଶକ୍ତିଶାଳୀ ହୋଇଥିଲେ ହେଁ ଦକ୍ଷିଣ ଓଡ଼ିଶା ଏହାଦ୍ୱାରା ପୁଣିଥରେ ବିଶେଷ ଭାବରେ ପ୍ରଭାବିତ ହେବ। ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଆସନ୍ତା ୩ ଓ ୪ ତାରିଖରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଆଇଏମଡି ପକ୍ଷରୁ ଆକଳନ କରାଯାଇଛି। ଗଞ୍ଜାମରେ ଏବେବି ବନ୍ୟା ପରିସ୍ଥିତି ସଙ୍ଗୀନ ଥିବାବେଳେ ମୁରାସୁର ପ୍ରକୋପ ଦକ୍ଷିଣ ଓଡ଼ିଶାରେ ପୁଣିଥରେ ବିପର୍ଯ୍ୟୟ ସୃଷ୍ଟି କରିବାର ▶ପୃଷ୍ଠା-୭

ହିଞ୍ଜିଳିରେ ବିଜେଡିର ୯ ଜଣିଆ ପ୍ରତିନିଧି



■ ହିଞ୍ଜିଳିକାଟୁ ୩୧।୧୦(ସମିସ): ବାତ୍ୟା 'ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଥିବା ଭୟାବହ ବା ବନ୍ୟା ପରିସ୍ଥିତି ପରିସ୍ଥିତି ଏବଂ କ୍ଷୟକ୍ଷତିର ଅନୁଧ୍ୟାନ ପାଇଁ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ୯ ଜଣିଆ ରାଜ୍ୟ ସ୍ତରୀୟ ପ୍ରତିନିଧି ଦଳ ଗଠନ କରାଯାଇଛି। ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏହି ଟିମ୍ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ସମୀକ୍ଷା କରୁଛନ୍ତି। ଏହି ଅବସରରେ ଶନିବାର ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ନୁଆ ଦୁରୁପଡା, ଶ୍ୟାମଳାଇ ଛକରେ ଲୋକଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ବାତ୍ୟା ପୂର୍ବ ପ୍ରସ୍ତୁତି ଓ ପର ପରି ପରିଚାଳନାରେ ସମ୍ପୂର୍ଣ୍ଣ ଫେଲ ମାରିଥିବା ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଅନୁଧ୍ୟାନ କରିବା ପରେ ଏହି ପ୍ରତିନିଧି ଦଳ ଏକ ବିସ୍ତୃତ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ। ପୂର୍ବ ପ୍ରସ୍ତୁତିର ଅଭାବ ଏବଂଜଳଭଣ୍ଡାରର ସଠିକ୍ ପରିଚାଳନା ନହେବା କାରଣରୁ ଏଭଳି ବନ୍ୟା ସ୍ଥିତି ▶ପୃଷ୍ଠା-୭

୫୦ ଲକ୍ଷର ଗଞ୍ଜେଇ ଜବତ, ୫ ଗିରଫ

■ ଭୁବନେଶ୍ୱର, ୩୧।୧୦ (ସମିସ): ଓଡ଼ିଶାରୁ ମହାରାଷ୍ଟ୍ରକୁ ଚାଲିଥିବା ଗଞ୍ଜେଇ ଚାଲାଣର ଏକ ବଡ଼ ଆନ୍ତଃରାଜ୍ୟ ସିଣ୍ଡିକେଟ୍‌ର ପର୍ଦ୍ଦାଫାସ କରିଛି କ୍ରାଇମବ୍ରାଞ୍ଚର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ (ଏଏନ୍‌ଟିଏଫ୍)। ଏହି ମାମଲାରେ ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜେଇ ଚାଲାଣ ନେଟ୍‌ୱର୍କର ମୁଖ୍ୟ କାର୍ପଟଦାର ତଥା ମହାରାଷ୍ଟ୍ର ସୋଲାପୁରର ସାଗର ବାସବରାଜ କାପାଲେ(୩୫), କନ୍ଧମାଳ ଜିଲ୍ଲା କେ.ନୂଆଗାଁ ଥାନା ଲୁହାରପଙ୍ଗାର ଉଦୟ ଦିଗାଲ (୨୭), କିଲୁପଡ଼ାର ନରେଶ ପ୍ରଧାନ (୩୬), କାର୍ତ୍ତିକ ମଲ୍ଲିକ (୨୮) ଓ ଜି.ଉଦୟଗିରି ଥାନା ମାଠାସାହିର ଗୋଭିଲ ରାଜ ବେହେରା (୩୯)। ସେମାନଙ୍କ ନିକଟରୁ ପ୍ରାୟ ୯୭ କେଜି ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୪୯ ଲକ୍ଷ ଟଙ୍କା ହେବ। ଏଥିସହ ଚାଲାଣରେ ବ୍ୟବହୃତ ଦୁଇଟି କାର୍, ମୋବାଇଲ ଫୋନ୍, ଡେବିଟ୍ କାର୍ଡ ଓ ନଗଦ ୧୧ ହଜାର ୬୦୦ ଟଙ୍କା ଜବତ କରାଯାଇଛି।

ପୁଲିସ ସୂଚନାନୁସାରେ, ଷୋହଳ ନମ୍ବର ଜାତୀୟ ରାଜପଥ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଏଏନ୍‌ଟିଏଫ୍‌କୁ ଖବର ମିଳିଥିଲା। ▶ପୃଷ୍ଠା-୭

ରାଜ୍ୟ ସଭାପତିଙ୍କ ନିଜ ଜିଲ୍ଲାରେ ବିଜେପି ଦ୍ୱିଫାଳ

ଅଧ୍ୟକ୍ଷାଙ୍କ ବହିଷ୍କାର ଦାବିରେ ବ୍ଲକ୍‌ରେ ତାଲା ପକାଇଲେ

■ ଭଦ୍ରକ,୩୧।୧୦(ସମିସ): ରାଜ୍ୟ ବିଜେପି ସଭାପତିଙ୍କ ନିଜ ଜିଲ୍ଲା ଭଦ୍ରକରେ ଶାସକ ବିଜେପି ଦୁଇଭାଗ ହୋଇଯାଇଛି। ଆରମ୍ଭ ହୋଇଛି ବିଜେପି-ବିଜେପି ମଧ୍ୟରେ ଜୋର୍‌ଦାର୍ ଲଢ଼େଇ। ଶାସକ ଦଳର ଘମାଘୋଟ୍ ଲଢ଼େଇ ଶନିବାର ଭଦ୍ରକ ସଦର ବ୍ଲକ୍‌ରେ ଦେଖିବାକୁ ମିଳିଛି। ଶନିବାର ଭଦ୍ରକ ବ୍ଲକ୍‌କୁ ଭଦ୍ରକ ବିଧାୟକଙ୍କ ସମର୍ଥକମାନେ ଏକଜୁଟ୍ ହୋଇ ହାତରେ ବ୍ୟାନର ଧରି ପହଞ୍ଚିଥିଲେ। ଉକ୍ତ ବ୍ୟାନରରେ ବ୍ଲକ୍ ଅଧ୍ୟକ୍ଷାଙ୍କ ଫଟୋରେ କଳାରେ ଛକି ମରାଯାଇଥିଲା ଓ ଲେଖାଥିଲା "ଦଳରେ ମିଶି ଜନସ୍ୱାର୍ଥ ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ବିରୋଧୀ ଭ୍ରଷ୍ଟାଚାରୀ ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକଙ୍କୁ ଦଳରୁ ବହିଷ୍କାର କରାଯାଉ'। ବିଭିନ୍ନ ନାରାବାଜି କରିବା ସହ ବିଜେପି କର୍ମୀ ଓ କର୍ମକର୍ତ୍ତାମାନେ ବ୍ଲକ୍ ଅଫିସରେ ତାଲା ପକାଇଥିଲେ। ଏଥିସହ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକଙ୍କୁ କଡ଼ା ତିରସ୍କାର କରି ତାଙ୍କ ବହିଷ୍କାର ଦାବି କରିଥିଲେ। ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଭ୍ୟ (ବିଜେଡିରୁ ଯାଇ ବିଜେପିରେ ମିଶିଥିବା) ମଳୟ ଜେନା, ପ୍ରାକ୍ତନ ସରପଞ୍ଚ ତଥା କୋରକୋରା ସରପଞ୍ଚଙ୍କ ପ୍ରତିନିଧି ଧବଳେଶ୍ୱର ପଣ୍ଡା, ବଣିଆ ସରପଞ୍ଚ ଅଜୟ ସାମଲ, ସାହାଡ଼ା ସରପଞ୍ଚ ମାଧବ ମଲ୍ଲିକ ପ୍ରମୁଖ ଶତାଧିକ ସମର୍ଥକ ଏହି ▶ପୃଷ୍ଠା-୭

■ ଆରମ୍ଭ ହେଲା ବିଜେପି-ବିଜେପି ଲଢ଼େଇ
■ କିଛି ମାସ ତଳେ ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ବିଜେପିରେ ସାମିଲ୍ ହୋଇଥିଲେ



ଓଲଟ ପାଲଟ



କେନ୍ଦ୍ର ସରକାରୀ କର୍ମଚାରୀଙ୍କର
ବଢ଼ିଲା ମହଙ୍ଗା ଭତ୍ତା
ସଙ୍ଗେ ସଙ୍ଗେ ଆମ ରାଜ୍ୟ ସରକାର
କରିବେ ପ୍ରତିଯୋଗିତା
ଭତ୍ତା ବଢ଼ିବାର ଖବର ପାଇଣ
ବେପାରୀ କାଟିବେ ଚିତା
ଦରଦାମ ପୁଣି ଆହୁରି ବଢ଼ିବ
ନରହିବ ଅତା ପତା
ମଧ୍ୟ ବିତ୍ତ ଆଉ ଦରିଦ୍ର କପାଳେ
ଦୁର୍ଯୋଗ ଖାଲି ସାଇତା
ମଣିଷ ଭିତରେ ଏତେ ଭେଦ ଭାବ
କାହିଁକି କଲା ବିଧାତା
- ଯାଯାବର

କଲେଜ ଛାତ୍ରୀଙ୍କୁ ହତ୍ୟା ଅଭିଯୋଗ

■ ମହାକାଳପଡ଼ା,୩୧।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ଦୁଇଟି ହତ୍ୟା ଅଭିଯୋଗ ଓ ମୃତଦେହ ଉଦ୍ଧାର ଘଟଣା ସମଗ୍ର ଜିଲ୍ଲାକୁ ସ୍ତବ୍ଧ କରିଦେଇଛି। ଗୋଟିଏ ପଟେ କୁଦାନଗରୀ ଥାନା ଅଞ୍ଚଳରୁ ମୁଣ୍ଡବିହୀନ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାର ଚର୍ଚ୍ଚା ଥମି ନ ଥିବାବେଳେ ଅନ୍ୟପଟେ ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ପଞ୍ଚାୟତର ଖସାଡ଼ି ଗ୍ରାମରେ ଜଣେ ମେଧାବୀ ଛାତ୍ରୀଙ୍କ ହତ୍ୟା ଅଭିଯୋଗ ଘଟଣା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ପୁଲିସ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଛି।



ସୂଚନା ମୁତାବକ, ମହାକାଳପଡ଼ା ବ୍ଲକ ଖସାଡ଼ି ଗ୍ରାମର ସୁଶାନ୍ତ ବେହେରାଙ୍କ କନ୍ୟା ସସ୍ମିତା ବେହେରା ଓରଫ ରୁବିନା ମାର୍ଶାଘାଇ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସେ ଜଣେ ମେଧାବୀ ଓ ମିଷ୍ଟଭାଷୀ ଛାତ୍ରୀ ଭାବେ ପରିଚିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଅନେକ ଟ୍ରଫି ଓ ମାନପତ୍ର ହାସଲ କରିବା ସହ ପରିବାର ପାଇଁ ଗୌରବ ଆଣିଥିଲେ। ଘଟଣା ଦିନ ସୁଶାନ୍ତ ବ୍ୟବସାୟ କାମରେ ଘରେ ନ ଥିଲେ। ବଡ଼ପୁଅ ରାଜ୍ୟ ବାହାରେ କାମ କରୁଥିବାବେଳେ ସାନପୁଅ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ରାତି ପ୍ରାୟ ୯ଟା ସମୟରେ ମାଆ ଡଲିପ୍ରିୟା ଘରେ ଟେଲିଭିଜନ ଦେଖୁଥିବାବେଳେ ସସ୍ମିତା ଖାଦ୍ୟ ଗରମ କରିବାକୁ ପାଖ ରୋଷେଇ ଘରକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଝିଅ ନ ଫେରିବାରୁ ରାତି ପ୍ରାୟ ୧୦ଟାରେ ମାଆ ଖୋଜାଖୋଜି ଆରମ୍ଭ କରିଥିଲେ। ପଡ଼ୋଶୀଙ୍କ ଘରେ ଖୋଜିବା ପରେ ରୋଷେଇ ଘର ସମ୍ମୁଖ ଓ ଘରର ▶ପୃଷ୍ଠା-୭

ଖିଚିଂରୁ ହଜାରେ ବର୍ଷର ପ୍ରାଚୀନ ବୀରଶିଳାର ପାଠୋଦ୍ଧାର

ଉନ୍ମୋଚିତ ହେଲା ଭଞ୍ଜ ରାଜବଂଶର ଅଜ୍ଞାତ ଇତିହାସ

■ ବାରିପଦା, ୩୧।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରାଚୀନ ଐତିହ୍ୟ ସମ୍ପନ୍ନ ରାଜଧାନୀ ଖିଚିଂ (ପୂର୍ବର ଖିଚ୍ଚିଙ୍ଗ କୋଟ୍ଟ)ସ୍ଥ ମା' କିଚକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ଏକ ଦଶମ ଶତାବ୍ଦୀର ବିରଳ ଅଭିଲେଖଯୁକ୍ତ ବୀରଶିଳା (ହିରୋ ଷ୍ଟୋନ୍)ର ପାଠୋଦ୍ଧାର କରାଯାଇଛି। କଟକସ୍ଥ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପିଏଚଡି ଗବେଷକ ମହିତୋଷ ଗୋପାଲ, ବିଭାଗୀୟ ମୁଖ୍ୟ ପ୍ରଫେସର ଜୟନ୍ତୀ ଦୋରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ବୀରଶିଳା ଉପରେ ଗବେଷଣା ବେଳେ ଏହି ଅନନ୍ୟ ଐତିହାସିକ ତଥ୍ୟ ସାମ୍ନାକୁ ଆଣିଛନ୍ତି। ମନ୍ଦିର ପରିସରସ୍ଥ ଚନ୍ଦ୍ରଶେଖର ମହାଦେବ ମନ୍ଦିର ଓ ସଂଗ୍ରହାଳୟ ରାସ୍ତା ସମ୍ମୁଖରେ ଦ୍ୱାରପାଳ ଭାବେ ରହିଥିବା ଦୁଇଟି ବୀରଶିଳା ମଧ୍ୟରୁ ଡାହାଣ ପାଖର୍ ଶିଳାର ଉପରିଭାଗରେ ଥିବା ଏକଧାଡ଼ିକିଆ ପ୍ରାଚୀନ ଲିପିର ସଫଳ ଅଧ୍ୟୟନ କରାଯାଇଛି। ଏହି ଅଭିଲେଖଟି ଦଶମ ଶତାବ୍ଦୀର ପ୍ରୋଟୋ-ନାଗରୀ ଲିପିରେ ଖୋଦିତ ହୋଇଥିବାବେଳେ ବରିଷ୍ଠ ଲିପିତତ୍ତ୍ୱବିତ୍ ତଥା ଐତିହାସିକ ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ ଏହାର ସଠିକ୍ ପାଠ "ଶ୍ରୀ ରାଜପୁତ୍ର ରାଜଭଞ୍ଜ ଦେବସ୍ୟ' ବୋଲି ନିର୍ଦ୍ଧାରଣ କରିଛନ୍ତି। ଏହି ପାଠୋଦ୍ଧାର ଫଳରେ ଭଞ୍ଜ ରାଜା ରାଜଭଞ୍ଜ ଦେବ (ଶାସନକାଳ ପ୍ରାୟ ଖ୍ରୀଷ୍ଟାବ୍ଦ ୯୩୦-୯୫୦) ରାଜା ହେବା ପୂର୍ବର "ରାଜପୁତ୍ର' ବା ଯୁବରାଜ ପର୍ଯ୍ୟାୟ ସମ୍ପର୍କରେ ଏକ ନୂତନ ଐତିହାସିକ ଦିଗ ଉନ୍ମୋଚିତ ହୋଇଛି।



ରାଜଭଞ୍ଜ ଥିଲେ ରାଜା ରଣଭଞ୍ଜଙ୍କ ପୁତ୍ର ତଥା ଦିଗ୍‌ଭଞ୍ଜଙ୍କ ନାତି। ଏହା ପୂର୍ବରୁ ସ୍ଥାନୀୟ କ୍ଷେତ୍ରରେ ପ୍ରଚଳିତ ଭ୍ରାନ୍ତ ଧାରଣା ଉପରୁ ପରଦା ହଟାଇ ଗବେଷକ ଶ୍ରୀ ଗୋପାଲ ସ୍ପଷ୍ଟ କରିଛନ୍ତି ଯେ, ୧୯୦୮ରେ ଏନଏନ ବସୁଙ୍କ ଦ୍ୱାରା ଉଦ୍ଧାର କରାଯାଇ ସଂଗ୍ରହାଳୟ ଭିତରେ ଥିବା ଅବଲୋକିତେଶ୍ୱର ମୂର୍ତ୍ତିର ଲିପିକୁ ଲୋକେ ଭୁଲବଶତଃ ଏହି ବୀରଶିଳାର ବୋଲି ଭାବୁଥିଲେ। ମାତ୍ର ବାହାରେ ଥିବା ଏହି ବୀରଶିଳାର ଲିପିଟି ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ମନ୍ଦିରର ବରିଷ୍ଠ ସେବାୟତ ଗୌରଚନ୍ଦ୍ର ନାଏକ ଓ ଐତିହାସିକ ପଦ୍ମଶ୍ରୀ ଡ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ନାତି ବରିଷ୍ଠ ପୂଜକ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କ ସହ ଆଲୋଚନା ପରେ ଏହି ସତ୍ୟ ସାମ୍ନାକୁ ଆସିଛି। ପୂର୍ବରୁ ୧୯୭୫ରେ ପ୍ରତ୍ନତତ୍ତ୍ୱବିତ୍ ଅର୍ଜୁନ ଯୋଶୀ ଏହି ଶିଳା ଉପରେ ସଂକ୍ଷିପ୍ତ ସୂଚନା ▶ପୃଷ୍ଠା-୭

ଲୌହମାନବଙ୍କ ଜୟନ୍ତୀରେ ଦୌଡ଼ିଲା ଯାଜପୁର





ଯାଜପୁର,୩୧।୧୦(ସମିସ):

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଆଜି ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ "ଏକତା ପଦଯାତ୍ରା-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ଏହି ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଓ ଯାଜପୁର ଟାଉନ ଥାନାର ଆଇଆଇସି ଶିବ ଚରଣ ବେହେରାଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଯୁବକଯୁବତୀ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇଥିଲେ। ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଯାଜପୁର ଟାଉନ ଥାନା ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ସ୍କାଉଟ୍ ଓ ଗାଇଡ୍‌ସ୍ ଏହି ପଦଯାତ୍ରାରେ ଉତ୍ସାହର ସହ ଅଂଶଗ୍ରହଣ କରି ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିଥିଲେ। ଏଥିସହ ନିଶାମୁକ୍ତ ଭାରତ ଅଭିଯାନର ବାର୍ତ୍ତା ପ୍ରସାର କରିବା ସହ ସମାଜକୁ ନିଶାମୁକ୍ତ କରିବା ଦିଗରେ ମଧ ସଚେତନତା ସୃଷ୍ଟି କରାଯାଇଥିଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନକୁ ସ୍ମରଣ କରିବା ସହ ଦେଶର ଏକତା, ସଂହତି ଓ ସାମାଜିକ ସଦ୍‌ଭାବନାକୁ ସୁଦୃଢ଼ କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ମଙ୍ଗଳପୁର: ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳପୁର ପୁଲିସ ପକ୍ଷରୁ ଏକ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀଙ୍କ ତତ୍ତ୍ୱାବଧାନରେ ଏହି ଗଣଦୌଡ ଆରମ୍ଭ ହୋଇ କନିକାପଡା-ମଙ୍ଗଳପୁର ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଏହି ଗଣଦୌଡରେ ମଙ୍ଗଳପୁର ଥାନାର ସମସ୍ତ ପୁଲିସ କର୍ମଚାରୀ, ଏକ୍ସ ମିଲଟାରୀ କର୍ମଚାରୀ, ବୁଦ୍ଧିଜୀବୀ, ଶିକ୍ଷାବିତ, ସାମ୍ବାଦିକ ମାନଙ୍କ ସମେତ ଛାତ୍ର ଯୁବକ ବହୁ ସଂଖ୍ୟରେ ସାମିଲ ହୋଇଥିଲେ। ଏସଆଇ ଅନିତା ପ୍ରଧାନ, ଏଏସଆଇ ସଂଯୁକ୍ତା ପଣ୍ଡା, ଏଏସଆଇ ଜଟାଧାରୀ ଦାସ, କର୍ମଚାରୀ ପ୍ଲାବନ ମହାପାତ୍ର, ଦୀପ୍ତି ରଞ୍ଜନ ସାହୁ, ବସନ୍ତ ମଲ୍ଲିକ, ଚିତ୍ତରଞ୍ଜନ ଜେନା, ଅକ୍ଷୟ ରାଉତ, ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ, ବରିଷ୍ଠ ସାମ୍ବାଦିକ ମହେଶ୍ୱର ଯେନା, ରାକେଶ କୁମାର ସାହୁ, ମନୋରଞ୍ଜନ ମଲ୍ଲିକ, ସୀତାଂଶୁ ଶେଖର ଯେନା, ସୁଶାନ୍ତ ବେହୁରିଆ, ବିଶ୍ୱଜିତ ଦାସ, ଜ୍ୟୋତି ପ୍ରକାଶ ମିଶ୍ର ପ୍ରମୁଖ ଗଣ ଦୌଡରେ ସାମିଲ ହୋଇଥିବା ଦେଖିବା ପାଇଁ ମିଳିଥିଲା।

ବିଞ୍ଝାରପୁର: ବିଞ୍ଝାରପୁର ପୁଲିସ ପକ୍ଷରୁ 'ରନ୍ ଫର୍ ୟୁନିଟି' ମିନି ମାରାଥନ୍ ଆୟୋଜିତ ହୋଇଯାଇଛି। ଥାନା ଅଧିକାରିଣୀ ପାର୍ବତୀ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି ଗଣଦୌଡ଼ରେ ବହୁ ଯୁବକ, ସ୍ଥାନୀୟ ଲୋକ ଓ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ। ଏଥିରେ ଏସ୍‌ଆଇ ରବୀନ୍ଦ୍ର ପ୍ରଧାନ, ସସ୍ମିତା ମଙ୍ଗରାଜ, ସୁଶୀଲ ପୂର୍ତ୍ତି ଓ ଦୀପକ ରାଉତଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଯୋଗଦେଇଥିଲେ। ମାରାଥନ୍‌ରେ ପ୍ରଥମ ତିନିଟି ସ୍ଥାନ ଅଧିକାର କରିଥିବା ସନ୍ତୋଷ କୁମାର ବେହେରା, ରାକେଶ କୁମାର ବାରିକ ଓ ଜ୍ୟୋତିରଞ୍ଜନ ବେହେରାଙ୍କୁ ଥାନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବରୀ: ବରୀ ବ୍ଲକ୍ ଅନ୍ତର୍ଗତ ଅଭିମନ୍ୟୁ ବାଲିଆସ୍ଥିତ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆଜି ଜାତୀୟ ଏକତା ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଶୁଭ୍ରାଂଶୁ ଶେଖର ଷଡ଼ଙ୍ଗୀଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ଉଦ୍‌ଘାଟନ ହୋଇଥିଲା। ଅଧ୍ୟାପକ ଗୁଣନିଧି ଜେନା, ପ୍ରେମାନନ୍ଦ ରାଉତ୍, ନିମାଇଁ ଚରଣ ଲେଙ୍କା, ବିକାଶ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ମୁଦୁଲୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର କର୍ମଚାରୀ ସୁରେଶ ଚନ୍ଦ୍ର ରଥ, ସୁକାନ୍ତ ଜେନା, ପଦ୍ମନ କୁମାର ଜେନା ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ତତ୍ତ୍ୱମସି ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଞ୍ଚାଳିତ ହୋଇଥିଲା

ଯଖପୁରା: ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଯଖପୁରା ଥାନା ପକ୍ଷରୁ ମାଣତିରା ମହାବିଦ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନୁଷ୍ଠିତ ଗଣଦୌଡ଼ରେ ସ୍ଥାନୀୟ ଯୁବକମାନେ ଅଂଶଗ୍ରହଣ କରି ଯଖପୁରା ଥାନାରୁ ରାବଣା ଛକ ପର୍ଯ୍ୟନ୍ତ ଦୌଡିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଯାଖପୁରା ଥାନାଧିକାରିଣୀ ପ୍ରମୋଦିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଥାନାର ଅନ୍ୟ କର୍ମଚାରୀବୃନ୍ଦ, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ବାଲିଚନ୍ଦ୍ରପୁର: ବାଲିଚନ୍ଦ୍ରପୁର ପୁଲିସ ପ୍ରଶାସନ ପକ୍ଷରୁ ଏକତା ଦିବସ ପାଳନ ଅବସରରେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଦୀଲ୍ଲିପ କୁମାର ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ସାହାସପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା, ପୁଲିସ କର୍ମଚାରୀ ଗଣଦୌଡ଼ରେ କଲେଜ ପରିସରରୁ ବାହାରି ବଜାର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାହାସପୁର ମହାବିଦ୍ୟାଳୟ ଅଧକ୍ଷ ସତ୍ୟବ୍ରତ ପୃଷ୍ଟି, ଅଧ୍ୟାପକ ସଂଗ୍ରାମ କିଶୋର ପରିଡ଼ା, ଏସ.ଆଇ ପ୍ରଦୀପ କୁମାର ସେଠୀ, ଭଗମତ ହାଁସଦା, ହାବିଲଦାର ରାଜ କିଶୋର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ବ୍ୟାସନଗର: ଯାଜପୁର ରୋଡ଼ ଆଦର୍ଶ ଥାନା ଓ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି ବିଭାଗର ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକତା ପାଇଁ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଳିଙ୍ଗ ନଗରର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ପତାକା ହଲାଇ ଉଦ୍‌ଘାଟନ କରିଥିଲେ। ଚୋରଦା କାଳୀମେଲଣ ପଡ଼ିଆରୁ ଏକତାର ପ୍ରତୀକ ଏକତା ଦୌଡ ଆରମ୍ଭ ହୋଇ ଆଦର୍ଶ ଥାନା ପରିସରରେ ସମାପ୍ତ ହୋଇଥିଲା। ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଥାନା ଅଧିକାରୀ ଆଶିଷ କୁମାର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଲେଫ୍ଟନାଣ୍ଟ ଶଶିକାନ୍ତ ଲେଙ୍କା, ସିଟିଓ ଦିପାଳୀ ପ୍ରିୟଦର୍ଶିନୀ, ଅଧ୍ୟାପକ ଗୋଲକ ବିହାରୀ ମହାକୁଡ଼, ଦାନଗଦି ଫାଣ୍ଡି ଅଧିକାରୀ ଅମୂଲ୍ୟ ମିଶ୍ର, ସବ୍‌ଇନ୍ସପେକ୍ଟର ମାନସ ସାହୁ, ତପନ ବେହେରା, କେଶବ ସାହୁ, ଏଏସଆଇ ଜଗନ୍ନାଥ ଜେନା, ଜଗନ୍ନାଥ ଆଚାର୍ଯ୍ୟ, ଗୃହଲକ୍ଷ୍ମୀ ପଟ୍ଟନାୟକଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

ବ୍ରହ୍ମବରଦା: ବ୍ରହ୍ମବରଦା ଥାନା ପକ୍ଷରୁ ଏକତା ଦିବସ ପାଳିତ ହୋଇଯାଇଛି। ବ୍ରହ୍ମବରଦା ଚଣ୍ଡୀ ମନ୍ଦିର ଠାରୁ ତାରିଣୀ ଛକ ଦେଇ ଥାନା ପର୍ଯ୍ୟନ୍ତ ଅନୁଷ୍ଠିତ ଗଣଦୌଡ଼ରେ ବ୍ରହ୍ମବରଦା ଥାନା ଅଧିକାରୀ ସଞ୍ଜୟ କୁମାର ପରିଡାଙ୍କ ସହ ସହକାରୀ ଅଧିକାରୀ ଲକ୍ଷ୍ମୀଧର ରାଜ, ବଳରାମ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀ, ବ୍ରହ୍ମବରଦା ସରପଞ୍ଚଙ୍କ ପ୍ରତିନିଧି ରାକେଶ ଦେଓ, ବିଜେପି ସ୍ୱଚ୍ଛ ଭାରତ ସଂଯୋଜକ ପ୍ରଫୁଲ୍ଲ ଗିରି, ସଞ୍ଜୟ ବେହେରା, ଅନୀଲ ରାଉତ, କାବୁଲି ବିଶ୍ୱାଳ, ଅମୂଲ୍ୟ ରାଉତ, ଅଧ୍ୟାପକ ବାବୁଲା ରଣା, ସୌଭାଗ୍ୟ ସାହୁଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

ସୁକିନ୍ଦା: ସୁକିନ୍ଦାରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସୁକିନ୍ଦାସ୍ଥିତ ଥାର୍ଡ ଆଇଆର୍ ବାଟାଲିୟନର କମାଣ୍ଡାଣ୍ଟ ଯାକୁବ ଖାନଙ୍କ ନିର୍ଦ୍ଦେଶକ୍ରମେ ବାଟାଲିୟନର ସମସ୍ତ ଯବାନ ସୁକିନ୍ଦା ବଡ଼ଦାଣ୍ଡଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଗଣଦୌଡ଼ରେ ସାମିଲ ହୋଇ ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ପ୍ରଦାନ କରିଥିଲେ। ସେହିପରି ସୁକିନ୍ଦା ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ନେତୃତ୍ୱରେ ଥାନାର ସମସ୍ତ କର୍ମଚାରୀ, ଅଞ୍ଚଳର ବରିଷ୍ଠ ନାଗରିକ, ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଯୁବ ସଂଗଠକମାନେ ଏକତ୍ରିତ ହୋଇ ସୁକିନ୍ଦା ଥାନାଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ଗଣଦୌଡ଼ରେ ସାମିଲ ହୋଇଥିଲେ।

ଧର୍ମଶାଳା: ଏକତା ଦିବସ ଅପସରରେ ଧର୍ମଶାଳା ପୁଲିସ ଓ ଧର୍ମଶାଳା ଡିଫେନ୍ସ ଏକାଡେମୀ ତରଫରୁ ଜାରକା ବିଟ ହାଉସ ନିକଟରୁ ଧର୍ମଶାଳା ଥାନା ପର୍ଯ୍ୟନ୍ତ ଏକ ଗଣଦୌଡର ଆୟୋଜନ କରାଯାଇଥିଲା। ଏହି ଗଣ ଦୌଡ଼ରେ ଧର୍ମଶାଳା ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କ ସମେତ ଧର୍ମଶାଳା ଡିଫେନ୍ସ ଏକାଡେମୀର ସମସ୍ତ କର୍ମଚାରୀ ଓ ଥାନାର ସମସ୍ତ କର୍ମଚାରୀମାନେ ଯୋଗଦେଇଥିଲେ।

ଦଶରଥପୁର: ଦଶରଥପୁର ଥାନା ପକ୍ଷରୁ ଏକ ଗଣଦୌଡର ଆୟୋଜନ କରାଯାଇଥିଲା। ଦଶରଥପୁର ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲ ନିକଟରୁ ଆରମ୍ଭ ହୋଇଥିବା ଏହି ଗଣଦୌଡକୁ ଦଶରଥପୁର ଥାନାଧିକାରୀ ସୁବ୍ରତ କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ରଜନୀକାନ୍ତ ମଲ୍ଲିକ, ଶିକ୍ଷକ ସୁବ୍ରତ ସାହୁ, ହରିହର ନାୟକ, ଶିକ୍ଷାବିତ ନାରାୟଣ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ମଲ୍ଲିକ, ସମାଜସେବୀ ଧର୍ମାନନ୍ଦ ଧୀର, ସତ୍ୟ ରଞ୍ଜନ ଓଝା, ପଞ୍ଚାନନ ବେହେରା, ଭାବଗ୍ରାହୀ ପୁହାଣ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଥାନା ପରିସରରୁ ଆରମ୍ଭ ହୋଇଥିବା ଗଣଦୌଡ଼ ଝୁମ୍ପୁରୀ ବଜାର ଅତିକ୍ରମ କରି କଁୟାଗୋଲା-କୁଆଖିଆ ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ କଟିକଟା ପଞ୍ଚାୟତ ପଞ୍ଚାରାସାହି ଛକରେ ପହଞ୍ଚିଥିଲା। ଦଶରଥପୁର ଥାନା ପକ୍ଷରୁ ଏଏସଆଇ ପ୍ରଭାତ କୁମାର ଲେଙ୍କା,ଅଶୋକ କୁମାର ବେହେରା, କର୍ମଚାରୀ ଜୟନ୍ତ କୁମାର ଦାସ, ବିକ୍ରମ ସେଠୀ, ରଶ୍ମିତା ତରାଇ ଗଣଦୌଡ଼ ପରିଚାଳନା କରିଥିବା ବେଳେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଓ ଥାନାର ଗୃହରକ୍ଷୀଙ୍କୁ ସାନ୍ତ୍ୱନାମୂଳକ ଭାବେ ପୁରସ୍କୃତ କରାଯାଇଥିଲା।

ଦୁର୍ନୀତି ନିବାରଣ ଓ ଏକତା ଶପଥପାଠ




ଯାଜପୁର,୩୧।୧୦(ସମିସ): ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ସପ୍ତାହ ୨୬ରୁ ୧ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହି ଅବସରରେ ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ବିଶାଳ ସଚେତନତା ରାଲି ବାହାରି କୁସୁମା ଦେଇ ଆମ୍ବେଦକର ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। ଏହି ରାଲିରେ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆଜିର ସଭାରେ ଜିଲ୍ଲାପାଳ ଅମ୍ବର କୁମାର କର, ସଦର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଭିଜିଲାନ୍ସ ଡିଏସ୍‌ପି ସୁଶୀଲ କୁମାର ଏକ୍କା, ଭିଜିଲାନ୍ସ ଡିଏସପି ସୁଲୋଚନା ନାଏକ ଏବଂ ଅତିରିକ୍ତ ସିଡିଓ ଲମ୍ବୋଦର ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ରାଷ୍ଟ୍ରୀୟ ଏକତା ଦିବସ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ଭାରତର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଦେଶର ଏକତା ବଜାୟ ରଖିବା ପାଇଁ "ଏକତା ଶପଥ' ପାଠ କରିଥିଲେ। ଏହାସହିତ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଗଠନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା "ଦୁର୍ନୀତି ନିବାରଣ ଶପଥ' ମଧ ପାଠ କରାଯାଇଥିଲା। ଏହି ସଭାରେ ମଞ୍ଚାସୀନ ଅତିଥିବୃନ୍ଦଙ୍କ ଦ୍ୱାରା ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରାରମ୍ଭିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିନାଶ ସାଗର ମଞ୍ଚ ପରିଚାଳନା କରିଥିଲେ।

ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏକତା ଦିବସ

ଯାଜପୁର,୩୧।୧୦(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଯାଜପୁର ଆନୁକୂଲ୍ୟରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ ଓ ଅଧକ୍ଷତାରେ ସିଭିଲ୍ କୋର୍ଟ, ଯାଜପୁର ପରିସରସ୍ଥ ଭିଡିଓ କନଫରେନ୍ସିଂ ହଲ୍‌ରେ ଏକତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧକ୍ଷତାରେ ଭିଡିଓ ଏକ ଶପଥ ପାଠ କରାଯାଇଥିଲା। ଏହି ଶପଥ ପାଠ ସମାରୋହରେ ଅଦାଲତର ସମସ୍ତ ବିଚାରପତି ଯଥା ଜିଲ୍ଲାର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଅଭିଳାଷ ସେନାପତି, ଅତିରିକ୍ତ ଜିଲ୍ଲା ଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ରେଜିଷ୍ଟ୍ରାର ପଲ୍ଲବୀରାଣୀ ସାହୁ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍‌ଆର୍. ଏବଂ ଏଲ୍‌ଟିଭି) ଲୋପାମୁଦ୍ରା ବେହେରା, ଏସ୍‌ଡିଜେଏମ୍ ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାରପତି ସୁନୀତା ବିଶ୍ୱାଳ, ଜେଏମ୍‌ଏଫ୍‌ସି. ବୀଣାପାଣି ତାଣ୍ଡି, ଜେଏମ୍‌ଏଫ୍‌ସି (ଏଲ୍‌ଆର୍ ଏବଂ ଏଲ୍‌ଟିଭି) ଅଂଶୁମାନ ରଥ ଅଂଶଗ୍ରହଣ କରିଥିଲେ। ପ୍ରାଧିକରଣର ଅଧକ୍ଷ ଅଦାଲତର ସମସ୍ତ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠା ଓ ଅଖଣ୍ଡତାର ଶପଥ ପାଠ କରାଇଥିଲେ। ଏହି ସମାରୋହକୁ ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିଥିଲେ।

ମଦ ପିଇ ଗାଡ଼ି ଚଳାଇ ଜଣେ ଅଟକ



କୁଆଖିଆ,୩୧।୧୦(ସମିସ): ମଦ ପିଇ ଗାଡ଼ି ଚଳାଇବା ଅଭିଯୋଗରେ ପୁଲିସ୍ ଜଣଙ୍କୁ ଗିରଫ କରିଛି। ଆଜି ଅପରାହ୍ନ ୩ଟା ସମୟରେ ୨୦ ନଂ. ଜାତୀୟ ରାଜପଥ ମୁଗୁପାଳ ପଞ୍ଚାୟତ ଗୋବିନ୍ଦପୁର ନିକଟରେ ଜଣେ ଯୁବକ ମଦ ପିଇ ଏକ ଥାର୍ ଗାଡି ଯୋଗେ ଯାଜପୁର ପଟୁ ଫେରୁଥିବା ବେଳେ ରାସ୍ତା ନିକଟରେ ଥିବା ଏକ ସେଲୁନକୁ ଧକ୍କା ଦେଇଥିଲା। ସେଲୁନରେ ଥିବା ମାଲିକ ଅଳ୍ପକେ ବିପଦରୁ ରକ୍ଷା ପାଇ ଯାଇଥିଲା ବେଳେ ଘଟଣା ସମ୍ପର୍କରେ ଖବର ପାଇ କୁଆଖିଆ ପୁଲିସ ସେଠାରେ ପହଞ୍ଚି ଅଭିଯୁକ୍ତକୁ ଥାନାକୁ ଆଣି ପଚରାଉଚରାରୁ କରିଥିଲେ। ଅଭିଯୁକ୍ତ ଜଣକ କଟକ ଜିଲ୍ଲା ବାରଙ୍ଗ ଅଞ୍ଚଳ ଦାରୁଠେଙ୍ଗର ବୋଲି ଜଣାପଡିଛି। ତେବେ ପୁଲିସ ଅଭିଯୁକ୍ତ ବିରୋଧରେ କେସ ନଂ ୪୪୪/୨୬ ରୁଜୁ କରି ଅଟକ ରଖିଥିବା ଜଣାପଡିଛି।

ବନଦୁର୍ଗା ଗ୍ୟାସ୍‌ରୁ ଟାଙ୍କି ଚୋରି ଅଭିଯୋଗ

କୁଆଖିଆ,୩୧।୧୦(ସମିସ): ରସୁଲପୁର ବ୍ଲକର ବନଦୁର୍ଗା ଭାରତ ଗ୍ୟାସ୍‌ରୁ ଗତକାଲି ଦୁର୍ବୃତ୍ତମାନେ ୧୫ଟି ଟାଙ୍କି ଚୋରି କରି ନେଇଥିବା କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ଗତକାଲି ରାତି ୧୧.୪୦ ସମୟରେ କିଛି ଦୁର୍ବୃତ୍ତ ଗୋଦାମ ପଛପଟେ ଲାଗିଥିବା ସିସିଟିଭି ତାରକୁ କାଟି ଟାଙ୍କି ଚୋରି ହୋଇଥିବା ବନଦୁର୍ଗା ଗ୍ୟାସ୍‌ର ମାଲିକ ସୁରେନ୍ଦ୍ର ସାହୁ ଜାଣିବାକୁ ପାଇଥିଲେ। ମାଲିକ ଗୋଦାମ ଷ୍ଟକ ଏବଂ କମ୍ପୁଟର ଷ୍ଟକକୁ ମିଳାଇବା ପରେ ୧୫ଟି ଟାଙ୍କି ଚୋରି ଯାଇଥିବା ଅବଗତ ହୋଇଥିଲେ। ଏ ନେଇ ମାଲିକ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଗୋଦାମରୁ ପୂର୍ବରୁ ଗତମାସ ୧୯ ତାରିଖରେ ମଧ ୮ ଗୋଟି ଟାଙ୍କି ଚୋରି ନେଇ ଗତ ୨୩ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା।

ବ୍ରହ୍ମବରଦାରେ ମା' ଲକ୍ଷ୍ମୀଙ୍କ ଭସାଣ ଉତ୍ସବ

ବ୍ରହ୍ମବରଦା,୩୧।୧୦(ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଅନ୍ତର୍ଗତ ଡିଅସାହି ଗ୍ରାମର ପ୍ରସିଦ୍ଧ ଲକ୍ଷ୍ମୀ ପୂଜାର ଆଜି ସନ୍ଧ୍ୟାରେ ପରିସମାପ୍ତି ଘଟିଛି। ପୂଜା ଶେଷ ହେବା ପରେ ମା' ଲକ୍ଷ୍ମୀ ମେଲାଣି ନେଇଛନ୍ତି। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ମା'ଙ୍କର ଏକ ଭବ୍ୟ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଭସାଣି ଶୋଭାଯାତ୍ରାଟି ଡିଅସାହି ଗ୍ରାମରୁ ବାହାରି ଗ୍ରାମଦେବତୀ ମା' ସିଦ୍ଧ ଚଣ୍ଡୀ, ମୁଖ୍ୟ ବଜାର ତାରିଣୀ ଛକ, ଦୁର୍ଗା ମଣ୍ଡପ ପରିକ୍ରମା କରି ଶେଷରେ ବ୍ରାହ୍ମଣୀ ନଦୀ ପଠାକୁ



ଯାଇଥିଲା। ସେଠାରେ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ବ୍ରାହ୍ମଣୀ ନଦୀରେ ମା'ଙ୍କୁ ବିଧିବଦ୍ଧ ଭାବେ ବିସର୍ଜନ କରାଯାଇଥିଲା। ଏହି ଭସାଣି ଉତ୍ସବରେ ଗ୍ରାମର ବରିଷ୍ଠ ମୁରବି, ପୂଜା କମିଟିର ସମସ୍ତ କର୍ମକର୍ତ୍ତା, ଯୁବକ ଓ ଶତାଧିକ ଗ୍ରାମବାସୀ ସହଯୋଗ କରିଥିଲେ।

• ବ୍ରାଉନସୁଗର ଚଢ଼ଉ

ପୁଲିସ ଉପରେ ଆକ୍ରମଣ, ଜଣେ ଗିରଫ

କୁଆଖିଆ,୩୧।୧୦(ସମିସ): ରସୁଲପୁର ବ୍ଲକ ଯାବରା କଣ୍ଟିଆକଣ ବ୍ରିଜ ନିକଟରେ ଏକ ପାନ ଦୋକାନରେ ବ୍ରାଉନସୁଗର ବିକ୍ରି ହେଉଥିବା ଖବର ପାଇ କୁଆଖିଆ ପୋଲିସ ଚଢ଼ାଉ କରିବା ବେଳେ ପୁଲିସ ଉପରେ ଆକ୍ରମଣ ହୋଇଛି।

କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀଙ୍କ ସୂଚନା ଅନୁଯାୟୀ, ଯାବରା ବ୍ରିଜ ପାଖରେ ଥିବା ଏକ ପାନ କେବିନରେ ବ୍ରାଉନ ସୁଗାର ବିକ୍ରି ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଚଢ଼ଉ ସମୟରେ ଦୋକାନୀ ଏବଂ ସେଠାରେ ଥିବା କିଛି ଲୋକ ପୁଲିସ ଉପରେ ଆକ୍ରମଣ କରିଥିଲେ। ଏହି ସୁଯୋଗରେ ପାନ ଦୋକାନୀ ବ୍ରାଉନସୁଗରକୁ ପୋଖରୀରେ ଫିଙ୍ଗି ଦେଇ କେବିନ ଚାବି ଦେଇ ଖସି ପଳାଇବାରେ ସଫଳ ହୋଇଥିଲା। ପୁଲିସ ଆକ୍ରମଣ କରିଥିବା ଜଣଙ୍କୁ ଗିରଫ କରିଛି। ଏ ନେଇ କୁଆଖିଆ ଥାନାରେ କେସ ନମ୍ବର ୪୪୫/୨୬ ରେ ମାମଲା ରୁଜୁ ହୋଇଛି। ପୁଲିସ କେବିନକୁ ଜବତ କରି ଜଗି ରହିଛି ଏବଂ ଫେରାର ଦୋକାନୀକୁ ଧରିବା ପାଇଁ ତଦନ୍ତ ଜାରି ରହିଛି।

ଚୋରି ଅଟୋ ଜବତ; ଜଣେ ଗିରଫ

ଧର୍ମଶାଳା,୩୧।୧୦(ସମିସ): ଧର୍ମଶାଳା ଥାନା ବାରବାଟି ଅଞ୍ଚଳରୁ ରାତିରେ ଘର ପାଖରେ ଥୁଆ ହୋଇଥିବା ଓଡି-୨୯ ଏଚ-୩୪୭୧ ନମ୍ବର ବିଶିଷ୍ଟ ଏକ ଡାଲା ଅଟୋକୁ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲା। ଏସମ୍ପର୍କରେ ଅଟୋମାଲିକ ସକାଳେ ଜାଣିବା ପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନପାଇବାରୁ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଧର୍ମଶାଳ ପୁଲିସ ୪୩୦/୨୬ରେ ଏକ ମମଲ ରୁଜୁ କରି ତଦନ୍ତ ଚଳାଇବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅନୁଗୁଳର ଛେଣ୍ଡିପଦାରୁ ଚୋରି ହୋଇଥିବା ଅଟୋ ଗାଡିକୁ ଜବତ କରିବା ସହ ଚୋରିର ମୁଖ୍ୟ ଅଭିଯୁକ୍ତ କୁଆଖିଆ ଥାନା ଜଗନ୍ନାଥପୁର ଗ୍ରାମର ମଙ୍ଗୁଳି ଆଲିଆସ ସୁଜିତ କୁମାର ରାଉତକୁ ଗିରଫ କରିଥିଲା। ଆଜି ଅଭିଯୁକ୍ତ ମଙ୍ଗୁଳିକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

ପାଗଳ କୁକୁର କାମୁଡ଼ାରେ ୨ ବାଛୁରି ଆହତ

କବାଟବନ୍ଧ,୩୧।୧୦(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ଏବେ ପାଗଳ କୁକୁରଙ୍କ ଆତଙ୍କ ବୃଦ୍ଧି ପାଇଛି। ଶନିବାର ଅପରାହ୍ନରେ ଏକ ପାଗଳ କୁକୁର ଦୁଇଟି ବାଛୁରିକୁ ଗୋଡେଇ ଗୋଡେଇ କାମୁଡ଼ିଥିବା ଜଣାପଡ଼ିଛି। ଗତ ମାସ ୨୩ ତାରିଖରେ ଏହି ଥାନା ଅଧିନ ବିଭିନ୍ନ ଗାଁରେ ପ୍ରାୟ ୮ ଜଣଙ୍କୁ ଏକ ପାଗଳ କୁକୁର କାମୁଡ଼ି ଆହତ କରିଥିଲା। ସମସ୍ତ ଆହତ ବିଭିନ୍ନ ମେଡ଼ିକାଲରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିବା ବେଳେ ପୁନର୍ବାର ପାଗଳ କୁକୁରର ଏଭଳି ଆକ୍ରମଣରେ ସ୍ଥାନୀୟ ଲୋକମାନେ ଭୟରେ ରହିଛନ୍ତି। ଗାଁରେ ଖେଳୁଥିବା ଛୋଟ ଛୋଟ ପିଲା ମାନଙ୍କ ପ୍ରତି ଏହା ବହୁତ ବିପଦ ଆଣିପାରେ। ଶନିବାର ଏହି ଥାନା ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ଅଧିନ ବଳରାମପୁର ଉପରଗଡ଼ ଗ୍ରାମରେ କୁକୁର ର ଆକ୍ରାନ୍ତକୁ ନେଇ ଲୋକ ମାନେ ଛାନିଆ ହୋଇଛନ୍ତି। ଉଭୟ ମଣିଷ ଏବଂ ଗୃହ ପାଳିତ ପଶୁ ସମସ୍ତେ ଅସୁରକ୍ଷିତ ହୋଇଥିବା ଜଣାପଡିଛି। ଗ୍ରାମର ଚନ୍ଦ୍ରକାନ୍ତ ଧୀର ଏବଂ ସୁଜିତ ଧୀରଙ୍କର ଦୁଇଟି ବାଛୁରି ଛୁଆଙ୍କୁ କୁକୁର କାମୁଡି ଆକ୍ରାନ୍ତ କରିଥିଲା। ଉଭୟ ବାଛୁରିଙ୍କର ବେକ ଏବଂ ମୁହଁକୁ କାମୁଡି କ୍ଷତାକ୍ତ କରିବା ପରେ ଗ୍ରାମବାସୀ କୁକୁରକୁ ଘଉଡ଼ାଇ ଥିଲେ। ପାଗଳ କୁକୁରକୁ ଧରିବା ପାଇଁ ପ୍ରଶାସନ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

ପ୍ରତିଶ୍ରୁତି ପାଳନ କଲାନି ପ୍ରଶାସନ, ପ୍ରତିବାଦରେ ଧାରଣା

କୁଆଖିଆ,୩୧।୧୦(ସମିସ): ରସୁଲପୁର ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ। ଏହାର ପ୍ରତିବାଦ ସହ ରାସ୍ତା ନିର୍ମାଣ ଦାବିରେ ଧାରଣା। ୧୬ନଂ ଜାତୀୟ ରାଜପଥରୁ ରସୁଲପୁର ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଥିବାରୁ ଯାତାୟତ ବାଧାପ୍ରାପ୍ତ ସହ ବୃଦ୍ଧି ପାଉଛି ଦୁର୍ଘଟଣା। ଏହି ରାସ୍ତା



ନିର୍ମାଣ ପାଇଁ ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗତ ଫେବୃଆରୀ ମାସରେ ୨୮ ଦିନ ଧରି ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସେତେବେଳେ ଶୀଘ୍ର ରାସ୍ତା କାମ କରିବାର ପ୍ରତିଶ୍ରୁତି ଦେଇଥିଲେ ଜିଲ୍ଲାପାଳ। କିନ୍ତୁ ଏହା ମଧ୍ୟରେ ୮ମାସ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଗଲାନାହିଁ। ପ୍ରତିବାଦରେ ଆଜି ସ୍ଥାନୀୟ ସଚେତନ ନାଗରିକ ମଞ୍ଚର ଆବାହକ ତଥା ସମାଜସେବୀ ବିଶ୍ୱଜିତ ମହାନ୍ତି ରାସ୍ତା ଉପରେ ଧାରଣାରେ ବସିଛନ୍ତି। ତେବେ କିଛି ବର୍ଷ ପୂର୍ବେ ଏହି ରାସ୍ତା ପାର୍ଶ୍ୱସ୍ଥ ଘରୋଇ ଜମିର ମାପ ଚୁପ ହେବାରୁ ମୂଳ ରାସ୍ତାଟି ବ୍ୟକ୍ତିଗତ ଜମିରେ ରହିଥିବା ଜଣାପଡିଥିଲା। ସେବେଠାରୁ ଉକ୍ତ ରାସ୍ତାର ମରାମତି ହୋଇ ପାରୁନାହିଁ। ଫଳରେ ରାଜନେତା, ସରକାରୀ ଅଧିକାରୀ, ପଞ୍ଚାୟତ ପ୍ରତିନିଧିଙ୍କ ସମେତ ସାଧାରଣ ଲୋକେ ଏହି ଖାଲଖମା ରାସ୍ତାରେ ବ୍ଲକ କାର୍ଯ୍ୟାଳୟକୁ ଯା'ଆସ କରୁଛନ୍ତି। କିନ୍ତୁ ଏହା ଉପରେ କାହାର ନଜର ପଡୁନାହିଁ। ଏହାର ପ୍ରତିବାଦ କରି ସ୍ୱର ଉଠାଇଛି ସ୍ଥାନୀୟ ସଚେତନ ନାଗରିକ ମଞ୍ଚ। ଦାବି ପୂରଣ ନହେଲେ ଆଗାମୀ ଦିନରେ ବ୍ଲକ ଫାଟକରେ ତାଲା ପକାଇବାକୁ ଚେତାବନୀ ଦେଇଛି ମଞ୍ଚ। ଅନ୍ୟପକ୍ଷରେ ରାସ୍ତା ସମସ୍ୟାର ସମାଧାନ ଦିଗରେ ଉଦ୍ୟମ କରାଯାଉଥିବା ରସୁଲପୁର ବିଡ଼ିଓ କହିଛନ୍ତି।

ବଳିଦାନ ଦିବସରେ ଅବ୍ୟବସ୍ଥା

ପୌର କାର୍ଯ୍ୟାଳୟରେ ତାଲା ପକାଇଲା କଂଗ୍ରେସ

ବ୍ୟାସନଗର,୩୧।୧୦(ସମିସ):

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସରେ ଅବ୍ୟବସ୍ଥାକୁ ନେଇ ପ୍ରତିବାଦ କରିଛି କଂଗ୍ରେସ। ଫଳରେ ପୌର କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦିଆଯାଇଛି। ଆଜି ଲୌହମାନବୀଙ୍କ ବଳିଦାନ ଦିବସରେ ପ୍ରତିମୂର୍ତ୍ତୀ ନିକଟରେ ସଫେଇ ତଥା ପୁଷ୍ପମାଲ୍ୟ ଅର୍ପଣ କରିବା ପାଇଁ ସିଡିର ବ୍ୟବସ୍ଥା କରାଯାଇନଥିଲା। ଫଳରେ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଆସିଥିବା ବ୍ୟାସନଗର କଂଗ୍ରେସ କମିଟି ସମେତ କୋରେଇ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା, କର୍ମକର୍ତ୍ତାମାନେ ଦୃଢ଼ ପ୍ରତିବାଦ କରିଥିଲେ। କଂଗ୍ରେସ କର୍ମକର୍ତ୍ତାମାନେ ଘଟଣା ସମ୍ପର୍କରେ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକଙ୍କୁ ପଚାରିବାରୁ ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିନଥିବା କହିଥିଲେ। ଫଳରେ ଏହାକୁ ନେଇ କଂଗ୍ରେସ ନେତା ଓ କର୍ମକର୍ତ୍ତାମାନଙ୍କ ମଧ୍ୟରେ



ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। କଂଗ୍ରେସ କର୍ମକର୍ତ୍ତା ସମୂହ ଇନ୍ଦିରାଗାନ୍ଧୀ ପ୍ରତିମୂର୍ତ୍ତୀ ନିକଟରୁ ପଦଯାତ୍ରା କରି ପୌର କାର୍ଯ୍ୟାଳୟ ନିକଟରେ ପହଞ୍ଚି ଉଭୟ ପାଖରେ ଥିବା ଫାଟକରେ ତାଲା ପକାଇଦେଇଥିଲେ। ପୌର ସଂସ୍ଥା ପକ୍ଷରୁ ସଫେଇ ସହିତ ପୁଷ୍ପମାଲ୍ୟ ଅର୍ପଣ କରିବା ପାଇଁ ସିଡିର ବ୍ୟବସ୍ଥା କରିବା ପରେ ରାଜ୍ୟ କଂଗ୍ରେସ ଉପସଭାନେତ୍ରୀ ବନ୍ଦିତା ପରିଡା, ବ୍ୟାସନଗର ସଭାପତି ତପନ କୁମାର ନାୟକ, କାଉନ୍‌ସିଲର ଅରୁନ୍ଧତୀ ପରିଡା, ରବୀନ୍ଦ୍ର କୁମାର ରାଉତ, ପୂର୍ବତନ ସଭାପତି ଦିଲ୍ଲୀପ କୁମାର ମଲ୍ଲିକ, ହୃଦାନନ୍ଦ ସାମଲ, ପୂର୍ବତନ କାଉନସିଲର ଅନୁପ କୁମାର ନାୟକ, ରାଜ କିଶୋର ପ୍ରଧାନ, ଦୁଃଶାସନ ଦାସ, ପଦ୍ମନାଭ ସ୍ୱାଇଁ, ଆଇଏନ୍‌ଟିୟୁସି ଜିଲ୍ଲା ସାଧାରଣ ସମ୍ପାଦକ ପରମାନନ୍ଦ ସେଠୀ, ନାରାୟଣ ନାୟକ, ନିରଞ୍ଜନ ପରିଡା, ରାଜ କିଶୋର ସ୍ୱାଇଁ, ସୁରେନ୍ଦ୍ର ନାୟକ, ପଦ୍ମନାଭ ନାୟକ, ନିଗର ରଞ୍ଜନ ପହି, ସନ୍ତୋଷ ମହାନ୍ତି, ବଳରାମ ପହି, ରବିନ୍ଦ୍ର ପାତ୍ର, ଗୋଲଖ ଜେନା, ଅମୂଲ୍ୟ ମଲ୍ଲିକ, ବିଶ୍ୱଜିତ ମହାନ୍ତି, କୋରେଇ ବ୍ଲକ ପୂର୍ବତନ ସଭାପତି ହରେକୃଷ୍ଣ ସାହୁ, ରମାକାନ୍ତ ବେହେରା, ପରୀକ୍ଷିତ ମଲ୍ଲିକ, ନିରଞ୍ଜନ ନାୟକ, ଆଲୋକ ସାହୁ, ସତ୍ୟ ପ୍ରକାଶ କୁଅଁର, ଜ୍ଞାନେନ୍ଦ୍ର ଘଡାଇ, ଜଗନ ସେଠି, ମନୋଜ ଜେନା, ବାଦଲ ନାୟକ, ସନ୍ତୋଷ ସାହୁ ପ୍ରମୁଖ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ହରଣ ଟିକରି ମହାଜନ ସାହିରେ ଲକ୍ଷ୍ମୀ ପୂଜା

ବଡଚଣା,୩୧।୧୦(ସମିସ): ବଡଚଣା ବ୍ଲକ୍ ଅନ୍ତର୍ଗତ ଶାଳପଡ଼ା ଗ୍ରାମ ପଞ୍ଚାୟତ ଅର୍ନ୍ତଗତ ହରଣ ଟିକରି ମହାଜନ ସାହିରେ ଧନଦାତ୍ରୀ ମା' ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା ଯଥାବିଧି ପାଳନ ହୋଇଯାଇଛି । ବିଭିନ୍ନ ପୂଜା ମଣ୍ଡପକୁ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ସୁଉଚ୍ଚ ତୋରଣ



ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା କରାଯାଇଛି । ମା'ଲକ୍ଷ୍ମୀଙ୍କୁ ଦର୍ଶନ କରିବା ପାଇଁ ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଲାଗି ରହିଛି । କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଆବାହନ, ଚକ୍ଷୁ ଦାନ, ସୂର୍ଯ୍ୟ ପୂଜା, ହୋମ ଯଜ୍ଞ ଆଦି ପୂଜା ଅର୍ଚ୍ଚନା ଯଥାବିଧି କରାଯାଇଛି । କର୍ତ୍ତା ଭାବରେ ଅଜୟ ସାହୁ, ମନୋଜ କୁମାର ସାହୁ, ତାପସ କୁମାର ସାହୁ, ଜିତେନ୍ଦ୍ର ସାହୁ, ବସନ୍ତ କୁମାର ସାହୁ, ହରିହର ସାହୁ, ଶଙ୍କର୍ଷଣ ସାହୁ ପ୍ରମୁଖ ସହଯୋଗ କରିଥିଲେ । ପୂଜା ମଣ୍ଡପରେ ଭଜନ କୀର୍ତ୍ତନ ପ୍ରବଚନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ପୂଜା ମଣ୍ଡପ ବୁଲି ଦେଖିବା ସହିତ ମା'ଲକ୍ଷ୍ମୀଙ୍କ ଆଶୀର୍ବାଦ କାମନା କରିଥିଲେ । ଆଜି ସନ୍ଧ୍ୟାରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

୧୨ କିମି ରାସ୍ତା ପାଲଟିଛି ମରଣଯନ୍ତା

ଯଖପୁରା,୩୧।୧୦(ସମିସ):



ଯେଉଁ ମାଟି ରାଜ୍ୟ ସରକାରଙ୍କ ରାଜକୋଷକୁ କୋଟି କୋଟି ଟଙ୍କା ଯୋଗାଉଛି, ସେହି ମାଟିର ମୁଖ୍ୟ ରାସ୍ତା ଆଜି ମରଣଯନ୍ତାରେ ପରିଣତ ହୋଇଛି । ୫୩ ନମ୍ବର ଜାତୀୟ ରାଜପଥର ବଙ୍ଗଳା ଛକରୁ ଦାନଗଦି ମିଲଟାରୀ ଛକ ପର୍ଯ୍ୟନ୍ତ ବିସ୍ତୃତ ବିଜୁ ପଟ୍ଟନାୟକ ମାର୍ଗର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହି ୧୨ କିମି ରାସ୍ତା କଳିଙ୍ଗନଗରର ଜୀବନରେଖା । ଏହି ମାର୍ଗ କଡ଼ରେ ଟାଟା ଷ୍ଟିଲ୍, ନୀଳାଚଳ ଇସ୍ପାତ, ଜେଏସ୍‌ଡବ୍ଲୁ ସମେତ ଡଜନରୁ ଅଧିକ ବୃହତ୍ତ କାରଖାନା ରହିଛି । ପ୍ରତିଦିନ ଏହି ରାସ୍ତା ଦେଇ ପ୍ରାୟ ୧୦ ହଜାରରୁ ଅଧିକ ଭାରୀଯାନ ଚଳାଚଳ କରୁଛି । ବିଜୁ ପଟ୍ଟନାୟକ ମାର୍ଗ ନିର୍ମାଣ ହେବା ଦିନଠାରୁ ଏହାର ପୂର୍ଣ୍ଣ ମରାମତି ହୋଇନାହିଁ । ପୂର୍ବେ ଏହା ଜେସିଡିଏଲ୍ ଅଧୀନରେ ଥିବାବେଳେ ନିୟମିତ ଯତ୍ନ ନିଆଯାଉଥିଲା । ଯେବେଠାରୁ ଏହା ଆର୍‌ଆଣ୍ଡ ବି ବିଭାଗକୁ ହସ୍ତାନ୍ତର ହୋଇଛି । ମରାମତି ନାଁରେ କେବଳ କାଗଜପତ୍ରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ଦେଖାଯାଉଛି । ରାସ୍ତା ଉପରେ ମୃତ୍ୟୁର କୂଅ ପରି ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି ।

ଗତ ୧୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କଳିଙ୍ଗନଗର ଗସ୍ତ ପୂର୍ବରୁ ପ୍ରଶାସନ ତରବରିଆ ଭାବେ କେବଳ ମିଲଟାରୀ ଛକରୁ ଯଖପୁରା ପର୍ଯ୍ୟନ୍ତ ରାସ୍ତାକୁ ମରାମତି କରାଇ, ଯାଖପୁରାରୁ ବଙ୍ଗଳା ଛକ ପର୍ଯ୍ୟନ୍ତ ରାସ୍ତାକୁ ଅନାଥ ପରି ଛାଡି ଦେଇଥିଲା । ଏବେ ଖାଲ ଭରିବା ପାଇଁ ଆଣି ରଖାଯାଇଥିବା ପ୍ଲାଣ୍ଟ ଗୁଣ୍ଡ ରାସ୍ତା ଉପରେ ଗଦା ହୋଇ ରାସ୍ତାକୁ ଆହୁରି ସଙ୍କୁଚିତ କରିଦେଇଛି । ଏହି ରାସ୍ତାର ପ୍ରତିକାର ପାଇଁ ବିରୋଧୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ବିରୋଧୀ ଦଳ ସମ୍ପୂର୍ଣ୍ଣ ନୀରବ ରହିଛି । ଆଶ୍ଚର୍ଯ୍ୟର ବିଷୟ, ଏହି ରାସ୍ତା ଦେଇ ପ୍ରତିଦିନ ପ୍ରଶାସନିକ ଅଧିକାରୀ, ରାଜନେତା ଓ ବଡ଼ ବଡ଼ କାରଖାନାର ଅଧିକାରୀମାନେ ଯିବା ଆସିବା କରୁଛନ୍ତି । ମାତ୍ର ବଡ଼ବଡ଼ିଆଙ୍କ ଦାମୀ ଗାଡ଼ିରେ ଖାଲ ଓ ଧୂଳିଧୂଆଁର ପ୍ରଭାବ ପଡୁ ନଥିବାରୁ ସାଧାରଣ ଲୋକଙ୍କ ଅସୁବିଧା ସେମାନେ ହୃଦୟଙ୍ଗମ କରିପାରୁ ନାହାନ୍ତି । ଫଳରେ ଗରିବ ଶ୍ରମିକ, ବାଇକ୍ ଆରୋହୀ ଓ ସାଧାରଣ ଜନତା ପ୍ରତିଦିନ ଜୀବନକୁ ବାଜି ଲଗାଇ ଏହି ରାସ୍ତାରେ ଯାତାୟାତ କରୁଛନ୍ତି । ଏ ନେଇ ବାରମ୍ବାର ଦାବି ହେଲେ ମଧ୍ୟ ପ୍ରଶାସନ ନୀରବ ରହିଛି । ତୁରନ୍ତ ସ୍ଥାୟୀ ମରାମତି ନ ହେଲେ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି ।

ଚିରନ୍ତନୀ ପତ୍ରିକାର କବିତା ପାଠୋତ୍ସବ

ଯାଜପୁର,୩୧।୧୦(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଚିନ୍ତରନ୍ତୀ ସାହିତ୍ୟ ପତ୍ରିକାର ମିଳିତ ଏକଦିବସୀୟ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଚିରନ୍ତନୀ



ପତ୍ରିକାର ସଭାପତି ନାରାୟଣ ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବକୁ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ମଞ୍ଚ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟତମ ଅତିଥିଭାବେ ବରିଷ୍ଠ କବି ଓ ପ୍ରଶାସକ ପ୍ରଦୀପ ବିଶ୍ୱାଳ, ମୁଖ୍ୟଅତିଥି ଭାବେ ଗୀତିକବି ନନ୍ଦକିଶୋର ସିଂ, ସମ୍ମାନୀତ ଅତିଥିଭାବେ ସମାଜସେବୀ ଗୌତମ ରାୟ ଯୋଗଦେଇଥିଲେ । ସାହିତ୍ୟ ଏକାଡେମୀର ସହସଚିବ ସଂଜୟ କୁମାର ଛୁଆଳସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବି ଦୟାନିଧି ନାୟକ ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦିକା ସଞ୍ଜୁକ୍ତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ମଞ୍ଚରେ ଶାରଦୀୟ ଚିରନ୍ତନୀ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ତୃତୀୟ ଅଧିବେଶନ ଡ. ରାଜକିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଡ. ସୂର୍ଯ୍ୟମଣୀ ଖୁଣ୍ଟିଆ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଡ. ରୁଦ୍ରନାରାୟଣ ପୃଷ୍ଟି, କବି ଡ. ଶ୍ରୀହରି ଧଳ, କବି ବିଦ୍ୟୁତଲତା ଦାସ ଏବଂ ସଂଯୁକ୍ତ ମହାପାତ୍ର, ଗାଳ୍ପିକ ନିତ୍ୟାନନ୍ଦ ପଣ୍ଡା ଆଲୋଚକଭାବେ ଯୋଗଦାନ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ କବିତା ମଞ୍ଚରେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ କବି ଗୌତମ ଜେନା, ସୁବ୍ରତ ଦାସ, ପ୍ରଭାତ ବାରିକ, ବିଜୟ ମୋହନ ରାୟ, ଡ. ଅଜୟ କୁମାର ଜେନା, ସନ୍ତୋଷ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ । କବି ପ୍ରଭାତି ରାଉତ ଓ ବିନ୍ଦୁରେଖା ମହାପାତ୍ରଙ୍କ ସଂଯୋଜନାରେ ଶତାଧିକ କବି କବିତା ପାଠ କରିଥିଲେ । ଏହାକୁ ସୁକାନ୍ତି ପଣ୍ଡା, ସରସ୍ୱତୀ ପଣ୍ଡା, ରଞ୍ଜିତା ଦାଶ, ଦିପ୍ତିମାଳା ସାମଲ, ବାଇଧର ମାଝୀ, ସୁବାସ ମହାପାତ୍ର, ଅକ୍ଷୟ ବାରିକ ପ୍ରଭୃତି ପରିଚାଳନାରେ ସହଯୋଗ କରିଥିଲେ ।

ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ

ଯାଜପୁର,୩୧।୧୦(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୪୨ତମ ତିରୋଧାନ ଦିବସ ଯାଜପୁର କଂଗ୍ରେସ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି । ନଗର କଂଗ୍ରେସର ସଭାପତି ନାରାୟଣ ଚନ୍ଦ୍ର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସର ପ୍ରାରମ୍ଭରେ ଗରିଆପୁର ଛକ, ବାରୁଣୀ ପଡ଼ିଆସ୍ଥିତ ଇନ୍ଦିରା ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ପରେ ତିରୋଧାନ ଦିବସ ଅବସରରେ କଂଗ୍ରେସ କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହି ଦିବସରେ ସର୍ବଶ୍ରୀ ବିଷ୍ଣୁ ରାଉତ, ସନ୍ତୋଷ ନନ୍ଦ, ଗଦାଧର ଦାସ, ଶିଶିର ନାୟକ, ରାଜୀବ ମହାପାତ୍ର, ସଂଗ୍ରାମ ସାହାଣୀ, ପୂର୍ଣ୍ଣ ଜେନା, ଅଞ୍ଚଳ ଦାସ, ନକୁଳ ସାହୁ, ଅବ୍ଦୁଲ୍ ରୌଫ୍, ଅବ୍ଦୁଲ୍ ସଲିମ୍, ବିଜୟ ମହାପାତ୍ର ପ୍ରଭୃତି ଯୋଗଦେଇଥିଲେ ।

ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବରୁଆଁ,୩୧।୧୦(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମର ସନ୍ତୋଷ କୁମାର ରାଉତଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସନ୍ତୋଷ କୁମାର ରାଉତ ଫାଉଣ୍ଡେସନ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଯାଜପୁରର ବିଧାୟିକା ସୁଜାତା ସାହୁ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ମୋଟ ୫୩ ୟୁନିଟ୍ ରକ୍ତ ସଂଗ୍ରହ



ହୋଇଥିଲା । ଏହି ଅବସରରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ନାୟକ, ୩୦ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ସୁନୀତା ରାଉତ, ମହେଶ୍ୱରପୁର ସରପଞ୍ଚ ସୁଜିତ୍ କୁମାର ରାୟ, ସମିତି ସଭ୍ୟା ସ୍ମୃତିରେଖା ସାମଲ, ଜମଧର ପଞ୍ଚାୟତ ସରପଞ୍ଚ ବାଦଲ ଖୁଣ୍ଟିଆ, ବରିଷ୍ଠ ବିଜେଡି ନେତା ବ୍ରଜ କିଶୋର ପାଢୀ, ଅମିତ ରାଉତ୍, ଦାମୋଦର ସାହୁ, ଗୌରାଙ୍ଗ ସାମଲ, ଅଭିମନ୍ୟୁ ନାୟକ, ବାଦଲ ମହାନ୍ତି, ପ୍ରଦୀପ ତରେଇ, ଗୋପାଳ ସାମଲ, ଦୀପକ୍ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱତନ୍ତ୍ର ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ଆର୍ଥିକ ସାକ୍ଷରତା ଶିବିର

ଯାଜପୁର,୩୧।୧୦(ସମିସ): ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଜିଲ୍ଲା ପ୍ରଶାସନ (ଆର୍ଥିକ ସେବା ଏବଂ ସଞ୍ଚୟ ବିଭାଗ) ଆନୁକୂଲ୍ୟରେ "ବିଶ୍ୱ ମିତବ୍ୟୟିତା ଦିବସ-୨୦୨୬' ପାଳନ ଉପଲକ୍ଷେ ଏକ ସ୍ୱତନ୍ତ୍ର ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରତିବର୍ଷ ଅକ୍ଟୋବର ୩୦ ତାରିଖରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଇଥାଏ । ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ସଞ୍ଚୟ ମନୋଭାବ ଜାଗ୍ରତ କରିବା, ସଞ୍ଚିତ ଅର୍ଥର ସଠିକ୍ ବିନିଯୋଗ ଏବଂ ଭବିଷ୍ୟତର ସୁରକ୍ଷା ପାଇଁ କ୍ଷୁଦ୍ର ସଞ୍ଚୟର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ସଭାରେ ବ୍ୟାଙ୍କର ସିନିୟର ମ୍ୟାନେଜର ପଞ୍ଚାୟତ ସ୍ତରରେ ସଞ୍ଚୟ ଓ ଆର୍ଥିକ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲାର ୩୧୧ଟି ଗ୍ରାମପଞ୍ଚାୟତ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୭୦ଟି ଗ୍ରାମପଞ୍ଚାୟତକୁ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ସରପଞ୍ଚମାନଙ୍କ ସହଯୋଗରେ ଗ୍ରାମାଞ୍ଚଳରେ ଶିବିର ମାଧ୍ୟମରେ ସାଇବର ଫ୍ରଡ୍ ଓ ଆର୍ଥିକ ଠକାମିରୁ ବର୍ତ୍ତିବା ପାଇଁ ସଚେତନ କରାଯାଉଛି । ଗ୍ରାମପଞ୍ଚାୟତ ସ୍ତରରେ ସରକାରଙ୍କ ସୁବିଧା ଅନୁଯାୟୀ ମାତ୍ର ୧୦୦ ଟଙ୍କାରେ ସଞ୍ଚୟ ଖାତା ଖୋଲାଯାଇପାରୁଛି । ଏତଦ୍ବ୍ୟତୀତ ୧୬ରୁ ୨୯ ବର୍ଷ ବୟସର ଛାତ୍ରଛାତ୍ରୀଙ୍କ ପାଇଁ 'ଯୁବ କନେକ୍ଟ' ମାଧ୍ୟମରେ ଶିକ୍ଷା ଋଣ ସୁବିଧା, ସୁକନ୍ୟା ସମୃଦ୍ଧି ଯୋଜନା, କିଷାନ ଯୋଜନା ଏବଂ ଡାକଘର ମାସିକ ଆୟ ଯୋଜନା ଭଳି ବିଭିନ୍ନ ସରକାରୀ ଜନକଲ୍ୟାଣକାରୀ ଯୋଜନା ବିଷୟରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା । ଏହି ବୈଠକରେ ଯାଜପୁର ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ରାଧାନାଥ ନାୟକ, ସହାୟକ ଡାକ ଅଧିକ୍ଷକ ଦେବଦତ୍ତ ଜେନା, ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ମ୍ୟାନେଜର ଚିତ୍ତରଞ୍ଜନ ପାଗଳ ଏବଂ ଜିଲ୍ଲା ଆର୍ଥିକ ସେବା ଏବଂ ସଞ୍ଚୟ ଅଧିକାରୀ ଅମ୍ବରୀଶ ସାମଲଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବ୍ୟାଙ୍କ ପ୍ରତିନିଧି ଓ କଲେଜ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

୫୪ ବର୍ଷରେ ନାନପୁର ଜନମଙ୍ଗଳ ପାଠାଗାରର ନାଟକ ଉତ୍ସବ

ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ 'ନାନପୁର ଗୌରବ ସମ୍ମାନ'

ବାଲିଚନ୍ଦ୍ରପୁର,୩୧।୧୦(ସମିସ): ଆମ ସମସ୍ତଙ୍କ ଭିତରେ ଜଣେ ଅଭିନେତାର ଏକ ସୁନ୍ଦର ଜୀବନ ରହିଛି । ସମାଜର ଏହି ବିଶ୍ୱ ରଙ୍ଗମଞ୍ଚରେ ଆମେ ମାନବୀୟ ଚେତନାର ନିପୁଣ ଅଭିନୟ କରିପାରିଲେ- ଜୀବନ ସାର୍ଥକ ହେବ ବୋଲି କହିଛନ୍ତି ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସ ନାୟକ । ବଡ଼ଚଣା ବ୍ଲକର ନାନପୁର ମେଲଣ ପଡ଼ିଆଠାରେ ସ୍ଥାନୀୟ ଜନମଙ୍ଗଳ ପାଠାଗାରର ୫୪ତମ ବାର୍ଷିକ ନାଟ୍ୟ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆକାଶ ଦାସ ନାୟକ ନାନପୁର ପଟଣା ଗାଁର ତରୁଣ କଳାକାରମାନଙ୍କ ଏହି ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ । ଉଦ୍‌ଘାଟକ ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଥିଲେ ଦୀର୍ଘ ୫୪ବର୍ଷ ଧରି ଜନମଙ୍ଗଳ ପାଠାଗାର ନିରବଚ୍ଛିନ୍ନ ଭାବେ ଗ୍ରାମାଞ୍ଚଳର କଳା ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ଯେଉଁ ପ୍ରୟାସ କରୁଛନ୍ତି ତାହା ଅଭିନନ୍ଦନୀୟ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ନାନପୁର ଗାଁର ବରେଣ୍ୟ ପ୍ରତିଭା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡା, ଧର୍ମପଦ ପୁରସ୍କାର



ବିଜେତା ବିଖ୍ୟାତ ସ୍ଥପତି ବିପ୍ରଚରଣ ମହାନ୍ତି ଏବଂ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଲେଖକ ତଥା ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କ ପାଇଁ ନାନପୁର ମାଟି ଗର୍ବିତ ବୋଲି କହିଥିଲେ । ପାଠାଗାରର ସଭାପତି ତଥା ପୂର୍ବତନ ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡା ଉତ୍ସବରେ ସଭାପତିତ୍ୱ କରିଥିଲେ । ଉତ୍ସବରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ କୁମାର ଲେଙ୍କାଙ୍କୁ "ନାନପୁର ଗୌରବ ସମ୍ମାନ' ଏବଂ କେନ୍ଦ୍ରାପଡ଼ା କୋ-ଅପରେଟିଭ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁଙ୍କୁ "ସେବାଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସଂପାଦକ ଅକ୍ଷୟ କୁମାର ଷେଣ୍ଟ ସଂପାଦକୀୟ ବିବରଣୀ ଓ ପ୍ରଦୀପ୍ତ ଷେଣ୍ଟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା "କଟି କଟି ଡବଲ କଟି' ଏବଂ "ଗୋଟେ ଶୁଆ ଗୋଟେ ଶାରୀ' ମଞ୍ଚ ନାଟକ ପରିବେଷିତ ହୋଇଥିଲା । ନାଟ୍ୟ ନିର୍ଦ୍ଦେଶକ ରଞ୍ଜନ କୁମାର କରଙ୍କୁ ଏ ଅବସରରେ ସମ୍ମାନିତ କରାଯାଇଥିଲା । ପାଠାଗାରର ଉପସଭାପତି ମାନସ ରଞ୍ଜନ ଦେଓ ସଭା ସଞ୍ଚାଳନ କରିଥିଲା ବେଳେ ମନୋରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ବଡଚଣା,୩୧।୧୦(ସମିସ): ବଡ଼ଚଣା ବ୍ଲକ୍ ନିକଟସ୍ଥ ବାଜିପୁରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ବିଶ୍ୱାଳଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଞ୍ଚଳିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଜପୁରା ଓ ପୁରାତନ ଛାତ୍ର ଛାତ୍ରୀ ଙ୍କ ମିଳିତ ସହଯୋଗରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚକ୍ରଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗଗନ ଚନ୍ଦ୍ର ବାରିକ୍, କିଶୋର ଚନ୍ଦ୍ର ଆଚାର୍ଯ୍ୟ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗୋଲଖ ଚନ୍ଦ୍ର ସାମଲ, ସିଆରସିସି, ଦୁର୍ଗାଚରଣ ହେମ୍ବ୍ରମ, କାର୍ତ୍ତିକ ଚନ୍ଦ୍ର ରାଉତ, ନଟବର ପ୍ରଧାନ, ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ପୁରାତନ ଛାତ୍ର ବିକାଶ ଦାଶ, ଜୟ ପ୍ରକାଶ ବାରିକ୍, ସୌମ୍ୟରଞ୍ଜନ ରାଉତ୍, ଚିତ୍ତରଞ୍ଜନ ରାଉତ୍ ହେମନ୍ତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ, ମାନପତ୍ର ପ୍ରଦାନ ପୂର୍ବକ ଉପହାର ପ୍ରଦାନ କରାଯାଇଥିଲା । ଶେଷରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ନିଜ ବାସଗୃହକୁ ନେଇଥିଲେ ।

୧୧୦ ଲିଟରର ଦେଶୀମଦ ଜବତ; ୨ଗିରଫ

ସୁକିନ୍ଦା,୩୧।୧୦(ସମିସ): ସୁକିନ୍ଦା ପୁଲିସ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୧୦ଲିଟର ଦେଶୀ ଚୋରାମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୁକିନ୍ଦା ହାତିବାରୀ ରାସ୍ତାର ହରିପୁର କଲେଜ ଛକ ନିକଟରୁ ଭୁବନ ଥାନା ଅନ୍ତର୍ଗତ ନିମେଇଁପୁର ଗ୍ରାମ ଧନେଶ୍ୱର ପ୍ରଧାନଙ୍କ ପୁଅ ସୁଦର୍ଶନ ପ୍ରଧାନ(୩୬) ଠାରୁ ୬୦ଲିଟର ଦେଶୀ ମଦ ଓ କରଡାପାଳ ନଦୀବନ୍ଧ ନିକଟରୁ ଆକୁଳ ପ୍ରଧାନଙ୍କ ପୁଅ ପଙ୍କଜ ପ୍ରଧାନ ଠାରୁ ୫୦ଲିଟର ଦେଶୀ ମଦ ଓ ଉଭୟ ବ୍ୟବହାର କରୁଥିବା ଦୁଇଟି ଗାଡ଼ି ଜବତ କରିବା ସହ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ଥାନାରେ ୨୩୭/୨୬ ଓ ୨୩୮/୨୬ରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି ।

ସୁକିନ୍ଦାରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ସୁକିନ୍ଦା,୩୧।୧୦(ସମିସ):

ସୁକିନ୍ଦା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' ପିମ୍ପୁଡ଼ିଆସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ସୁକିନ୍ଦା ବିଡିଓ ପ୍ରଜ୍ଞାପରମିତା ପୃଷ୍ଟି ମୁଖ୍ୟଅତିଥି ଓ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଗୋବର୍ଦ୍ଧନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ମଣ୍ଡଳ ଶିକ୍ଷାଧିକାରୀ ଶୁଭ୍ରାଂଶୁ ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ମାଣିକ ସଏ, ପ୍ରେମାଞ୍ଜଳୀ ନାୟକ, ସ୍ଥାନୀୟ ସରପଞ୍ଚ ତପନ କୁମାର ନାୟକ, ପିଙ୍ଗଳ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ଦୁଲାରୀ ହାଁସଦା, ରବି ନାରାୟଣ ନାୟକ, ସଭାପତି ରଜନୀ ମହାନ୍ତ, ସୁକାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ମହୋତ୍ସବରେ ଛାତ୍ରଛାତ୍ରୀ ନିଜ ନିଜର କଳା, ସଂସ୍କୃତି ଓ ସୃଜନଶୀଳ ପ୍ରତିଭା ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସମସ୍ତ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ନୃତ୍ୟ ପ୍ରତିଯୋଗିତାରେ ହିଙ୍ଗୁଳା କ୍ଲଷ୍ଟର ପ୍ରଥମ, ପିଙ୍ଗଳ କ୍ଲଷ୍ଟର ଦ୍ୱିତୀୟ ଏବଂ ରାସୋଳ କ୍ଲଷ୍ଟର ତୃତୀୟ ସ୍ଥାନ ହାସଲ କରିଥିଲା । ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ନିଜର ଦକ୍ଷତା, ନିଷ୍ଠା ଓ ଉଲ୍ଲେଖନୀୟ ଅବଦାନ ପାଇଁ ଚାରିଜଣ ଶିକ୍ଷକ ନଗଡ଼ାସ୍ଥିତ ଗୁହିଆସାଳ ପ୍ରାଥମିକ ବିଦ୍ୟାଳୟର ଚୈତନ୍ୟ ନାୟକ, ସୁକିନ୍ଦା ଖଣ୍ଡୁରାଇ ଉଚ୍ଚ ବିଦ୍ୟାଳୟର ନମିତା ସାମଲ, କଳା ପାଇଁ ସମର୍ପିତ ତଥା ଯାଜପୁରର ଏମ୍‌ଏଲଏନ୍ ଏକାଡେମିକ୍ ଏକ୍ସପର୍ଟ ବସନ୍ତ ଦାସ ଏବଂ ଡୁବୁରୀ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ହସ୍ପିଟାଲିଟି ଓ ଟୁରିଜିମ୍ ବିଷୟର ଧନ୍ଦାମୂଳକ ଶିକ୍ଷକ ଅଶୋକ କୁମାର ସାହାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ, ଆତ୍ମବିଶ୍ୱାସ ବୃଦ୍ଧି ଏବଂ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶରେ "ସୁରଭି' ଏକ ଉଲ୍ଲେଖନୀୟ ମଞ୍ଚ ସାଜିଥିଲା । କୁହିକା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନୱାର ଅଲ୍ଲୀ ଖାଁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ତଳବନ୍ଧରେ ମଣ୍ଡଳସ୍ତରୀୟ 'ସୁରଭି' ମହୋତ୍ସବ

ବିଞ୍ଝାରପୁର,୩୧।୧୦(ସମିସ): ବିଞ୍ଝାରପୁର ବ୍ଲକର ତଳବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସମାଜସେବୀ ଶିଶିର କୁମାର ନାୟକ ମୁଖ୍ୟବକ୍ତା ଭାବେ ଉଦ୍‌ବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନାଦି ଚରଣ ସାମଲ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ କୁନା ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସାମଲ ଓ ନାରାୟଣ ଚନ୍ଦ୍ର ଦାସ, ସମିତି ସଭ୍ୟ ସଞ୍ଜୟ କୁମାର ମଲ୍ଲିକ ଏବଂ ପଦ୍ମାକର ଗୁରୁ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହେବା ପାଇଁ ପ୍ରତିଯୋଗୀଙ୍କ ମଧ୍ୟରେ ଉତ୍ସାହପୂର୍ଣ୍ଣ ପ୍ରତିଦ୍ୱନ୍ଦିତା ହୋଇଥିଲା । ସଙ୍ଗୀତ ପ୍ରତିଯୋଗିତା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଶିକ୍ଷଣୀୟ ନାଟକ ପରିବେଷିତ ହୋଇଥିଲା । ଏହି ପ୍ରତିଯୋଗିତାଗୁଡ଼ିକର ବିଚାରକ ଭାବେ ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ, ସୋନାଲି ମଲ୍ଲିକ, ନରେଶ ଚନ୍ଦ୍ର ପୃଷ୍ଟି, ଅଭୟ ଚରଣ ଖୁଣ୍ଟିଆ, ରବି ନାରାୟଣ ସାମଲ, ଦିନବନ୍ଧୁ ସାହୁ ଓ ସ୍ୱସ୍ତି ସୁନ୍ଦର ଜେନା ଦାୟିତ୍ୱ ତୁଲାଇଥିଲେ । ଉତ୍ସବ ଅବସରରେ ବିଚାରକମାନଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ, ବିଭିନ୍ନ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ, ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ଏବଂ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହଯୋଗରେ ମହୋତ୍ସବ ସଫଳ ହୋଇଥିଲା ।


ଘରୋଇ ବିଦ୍ୟାଳୟରେ ସୁଗମତା ଯାଞ୍ଚ କଲା ଟାସ୍କଫୋର୍ସ



ଯାଜପୁର,୩୧।୧୦(ସମିସ): ଦିବ୍ୟାଙ୍ଗ ଓ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ସୁଗମ ଶୈକ୍ଷିକ ପରିବେଶ ସୃଷ୍ଟି ଲକ୍ଷ୍ୟରେ ଆଜି ଜିଲ୍ଲା ଟାସ୍କଫୋର୍ସ ପକ୍ଷରୁ ଯାଜପୁର ଓ ବିଞ୍ଝାରପୁର ବ୍ଲକର ବିଭିନ୍ନ ଘରୋଇ ବିଦ୍ୟାଳୟରେ ସୁଗମତା ଯାଞ୍ଚ କରାଯାଇଛି । ଏହି ଟିମ୍‌ର ନେତୃତ୍ୱ ନେଇଥିଲେ ଯାଜପୁର ବ୍ଲକର ଏବିଇଓ ବଳରାମ ପତି । ଟିମ୍‌ରେ ଜିଲ୍ଲାର ପ୍ରକଳ୍ପ ସଂଯୋଜକ ଅଫିସର ପ୍ରୋଗ୍ରାମ ଅଫିସର ଅରୁଣ କୁମାର ମହାନ୍ତ, ଆକ୍ସେସିବଲ ଓଡ଼ିଶା କ୍ୟାମ୍ପେନର ରାଜ୍ୟ ମୁଖ୍ୟ ମଣ୍ଟୁ ଦାସ ଓ ଘରୋଇ ବିଦ୍ୟାଳୟ ପ୍ରତିନିଧି ପ୍ରଭୁ ପ୍ରସାଦ ସାହୁ ସାମିଲ ଥିଲେ । ଟିମ୍ ଛବାଟୀସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, କପାସିସ୍ଥିତ ଜେନିଥ୍ ପବ୍ଲିକ ସ୍କୁଲ, ମଇଦାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଓ ବିଂଝାରପୁରସ୍ଥିତ ଗ୍ରୀନ୍‌ଉଡ୍ କ୍ରିଏଟିଭ୍ ସ୍କୁଲ ପରିଦର୍ଶନ କରିଥିଲେ । ଯାଞ୍ଚ ସମୟରେ କେତେକ ବିଦ୍ୟାଳୟରେ ରାମ୍ପ, ହ୍ୟାଣ୍ଡରେଲ୍ ଓ ଦିବ୍ୟାଙ୍ଗ ମିତ୍ର ଶୌଚାଳୟରେ ସୁଗମତା ବ୍ୟବସ୍ଥାରେ ଅଭାବ ଓ ବାଧାପ୍ରାପ୍ତ ସୁଗମତା ଦେଖିବାକୁ ପାଇଥିଲେ । ବିଦ୍ୟାଳୟଗୁଡ଼ିକୁ ରାମ୍ପ, ରେଲିଂ, ଦିବ୍ୟାଙ୍ଗ ଅନୁକୂଳ ଶୌଚାଳୟ ଓ ସାଇନେଜ୍ ବ୍ୟବସ୍ଥା କରି ବିଇଓ କାର୍ଯ୍ୟାଳୟରେ ଅନୁପାଳନ ରିପୋର୍ଟ ନଭେମ୍ବର ୧୫ ତାରିଖ ପୂର୍ବରୁ ଦାଖଲ ପାଇଁ ପରାମର୍ଶ ଦିଆଯାଇଛି । ଆଗାମୀ ଦିନରେ ଟାସ୍କଫୋର୍ସରେ ଦୁଇଟି ଟିମ୍ ଲଗାତାର ଭାବରେ ବିଭିନ୍ନ ବ୍ଲକର ବିଦ୍ୟାଳୟ ପରିଦର୍ଶନ କରିବ ବୋଲି ଜଣାପଡିଛି ।

ସୃଜନିକା

ସକାଳ
THE SAKALA
www.sakalaepaper.com



ବେଡ୍ ନମ୍ବର -୧୪୩



ସୁଚରିତା ବେହେରା

ସେ ଆଜି ବି ସେମିତି ଚାହିଁଥିଲେ ଝର୍କା ସେପାଖ ପୃଥିବୀକୁ, ଯେମିତି ପ୍ରଥମଥର ତାଙ୍କୁ ଭେଟିବା ବେଳେ ଚାହିଁଥିଲେ। ତାଙ୍କ ଶୂନ୍ୟ ଦୃଷ୍ଟି କାହାକୁ ଖୋଜୁଥିଲା କେଜାଣି! ଲାଗୁଥିଲା ଯେମିତି ବ୍ରହ୍ମାଣ୍ଡର ସବୁ ଶୂନ୍ୟତା ଆସି ଅଟକି ଯାଇଛି ତାଙ୍କରି ପାଖେ। ନିଜ ଚାରିପାଖର କୋଳାହଳକୁ ବେଖାତିର କରି ସମ୍ପୂର୍ଣ୍ଣ ମଗ୍ନ ନିଜ ଦୁନିଆରେ। କିନ୍ତୁ ତାଙ୍କ ମୁହଁରେ ଥିବା କାରୁଣ୍ୟର ଭାବ ଯେକୌଣସି ବ୍ୟକ୍ତିକୁ ଭାବପ୍ରବଣ କରିବାକୁ ଯଥେଷ୍ଟ ଥିଲା। ମୁଁ କେତେଦିନ ହେଲା ଏଠିକି ଆସୁଛି ମନେ ନାହିଁ, ବୋଧେ ଆଠ, ଦଶ କି ପନ୍ଦର ଦିନ ବି ହୋଇପାରେ। ସ୍ୱଇଚ୍ଛାରେ ନୁହେଁ ବାଧ୍ୟରେ। ପ୍ରତିଦିନ ଅସଂଖ୍ୟ ଦୁଃଖ, ଯନ୍ତ୍ରଣା, କୋହକୁ ଭେଟିବାକୁ କିଏ ଚାହିଁବ। ଏଠୁ ଫେରିବା ପରେ ମତେ ଖୁବ୍ ଅଣନିଶ୍ୱାସୀ ଲାଗେ। କିନ୍ତୁ ମା'ର କଥାକୁ ଟାଳିନପାରି ବାଧ ହୁଏ ପୁଣି ଆସିବାକୁ। ମୁଁ ଜାଣେ ମା' ବି କର୍ତ୍ତବ୍ୟ ଦାୟରେ ବନ୍ଧା।

ଅଜା ଏବେ ହସ୍‌ପିଟାଲ ବେଡ୍‌ରେ। ଗାଁରୁ ଆସି ଦିନ ରାତି ରହିବା ଏତେ ସହଜ ନୁହେଁ ତାଙ୍କ ପାଇଁ। ସେଥିପାଇଁ ମୁଁ କଲେଜ ସାରି ହଷ୍ଟେଲ ଫେରିବା ଭିତରେ ପ୍ରତିଦିନ ଆସି ମା' ଓ ଆଈ କଥା ବୁଝିଦେଇ ଯାଏ। ଏହି ସମୟର ଅନୁଭବ କେତେ ଯେ ଯନ୍ତ୍ରଣାଦାୟକ ତାହା ଅନୁଭବୀ ହିଁ ଜାଣେ। ଏହା ବେଶ୍ କିଛି ସମୟ ଆବେଶ କରି ରଖେ ମତେ। ସେଥିରୁ ମୁକୁଳିବା ଅତ୍ୟନ୍ତ କଷ୍ଟକର। ଶହଶହ ରୋଗୀ, ଆଟେଣ୍ଡେଣ୍ଟଙ୍କ ଭିତରେ ସେ କିନ୍ତୁ ନୀରବ, ନିଶ୍ଚଳ। ଅଭିମାନ, ଅନୁରାଗ, ଅନୁଶୋଚନାଠୁ ଢେର ଉର୍ଦ୍ଧ୍ୱରେ। ଆଶ୍ଚର୍ଯ୍ୟ ହୁଏ ମୁଁ। ତାଙ୍କର କ'ଣ କେହି ନାହାନ୍ତି ? ସବୁ ବନ୍ଧନରୁ ସେ ମୁକ୍ତ କି ବନ୍ଧନମୁକ୍ତ ହେବାକୁ କିଏ ତାଙ୍କୁ ଫିଙ୍ଗି ଦେଇଛି ଏଠି। ମା'ଙ୍କୁ ପଚାରିଲେ ସେ କିଛି ଉତ୍ତର ଦିଅନ୍ତିନି। ତାଗିଦ କରି କୁହନ୍ତି "ସମସ୍ତଙ୍କ ଭାଗ୍ୟ ଅଲଗା | ଆଗକୁ ପରୀକ୍ଷା ଅଛି | ପଢ଼ାପଢ଼ିରେ ମନ ଦେ।"

ମୁଁ ଲକ୍ଷ୍ୟ କଲି ଏତିକି ଦିନ ଭିତରେ କେହି ଆତ୍ମୀୟ ତାଙ୍କୁ ଭେଟିବାକୁ ଆସିନାହାନ୍ତି | ନର୍ସଙ୍କୁ ପଚାରିଲି "ଏବେ ବି କ'ଣ ତାଙ୍କ ଚିକିତ୍ସା ଚାଲିଛି ?"

"ନାଇଁ।" ସଂକ୍ଷିପ୍ତ ଉତ୍ତର ଦେଇ ସେ ଚାଲିଗଲେ।

ମୋ' ପାଖରେ ଶବ୍ଦ ନଥିଲା କିଛି କହିବାକୁ। ମୁଁ ଅଜାଙ୍କୁ ଦେଖୁଥିଲି। ଡାକ୍ତରଙ୍କ ଚିକିତ୍ସା, ମା' ଓ ଆଈର ନିସ୍ୱାର୍ଥ ସେବାରେ ସେ ଭଲ ହୋଇ ଆସୁଥିଲେ। କିନ୍ତୁ ସେ !

ମୁଁ ତାଙ୍କ ଉପରୁ ଦୃଷ୍ଟି ଫେରେଇ ଆଣି ଡାକ୍ତରଙ୍କ କ୍ୟାବିନକୁ ଗଲି, ଡିସ୍‌ଚାର୍ଜର ଫର୍ମାଲିଟିଜ୍ ପୂରା କରିବାକୁ। ଅଜାଙ୍କ ଉଜ୍ଜ୍ୱଳ ଆଖି ଓ ସ୍ମିତ ହସ ଦେଖି ପରିବାରର ସମସ୍ତଙ୍କ ମୁହଁରେ ଏବେ ଆଶ୍ୱସ୍ତିର ଚିହ୍ନ। ଘରକୁ ଯିବାକୁ ବ୍ୟଗ୍ର ସମସ୍ତେ। ମୁଁ କିନ୍ତୁ ଭାବୁଥିଲି ଜଣକର ଅସରନ୍ତି ପ୍ରତୀକ୍ଷାର ଅବସାନ ଆଉ କେବେ? ତେଣୁ ଫେରିବାବେଳେ ଡାକ୍ତରଙ୍କୁ ପଚାରିଦେଲି, "ବେଡ୍ ନମ୍ବର-୧୪୩ର ଡିସ୍‌ଚାର୍ଜ କେବେ ହେବ ?"

ଦୀର୍ଘନିଶ୍ୱାସ ସହ ଡାକ୍ତରଙ୍କ ପାଟିରୁ ବାହାରି ଆସିଲା "ବୋଧେ କେବେ ନୁହେଁ!" ■

ଗୋଲଡେନ୍ ସାର୍କଲ, ହାଇଦ୍ରାବାଦ
ମୋ: ୭୯୭୬୪୯୮୨୩୪

ରୂପାନ୍ତର



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

ଯିଏ ଏସନ ଜାଗରରେ
ସାରାରାତି ଜାଳୁଥିଲେ ସମ୍ପର୍କର ଦୀପ,
ଉଚ୍ଚାଟ ସ୍ୱରରେ
ଲକ୍ଷେ ଭକ୍ତଙ୍କ ଭିଡ଼ରେ
ବୁଣୁଥିଲେ ବିଶ୍ୱାସର ବୀଜ,
ସିଏ ସାମାନ୍ୟ କଥାରେ ପାଲଟିଗଲେ
ଇତିହାସର କ୍ରୂର ଚରିତ୍ର!

ଯିଏ ନିଜେ ଗୋଟେ ସମୁଦ୍ର ଥିଲା
ଜଙ୍ଗଲର ଡାକକୁ ଫୁ କରିଥିଲା
ତା' ଛଳଛଳ ପଣରେ
ଆକାଶକୁ ମିଶେଇବାକୁ
ଚାହିଁଥିଲା ନିଜ ନିଃସଙ୍ଗ ଛାତିରେ,
ଦିନେ
ନିନ୍ଦା ଅପବାଦର ନିର୍ମମ ପ୍ରହରେ
ସେ ପାଲଟିଗଲା ମଲାନଈ।
ଅବସୋସ
ତା' ଶେଷ ଠିକଣାରେ ତାକୁ
କେହିବି ଥରେ ଖୋଜିଲେ ନାଇଁ!

ଯିଏ ମାଟି ପାଇଁ
ଦିନେ ଗର୍ବରେ ପତେଇଥିଲା ଛାତି,
ନିଜ ଦାୟରେ କେବେ ଅପସରି ଯାଇନଥିଲା
କର୍ମ ଓ କର୍ତ୍ତବ୍ୟରୁ,
ସେ ଆଜି ପୁରସ୍କୃତ ଦେଶଦ୍ରୋହ ପାଇଁ,
ଶତ୍ରୁଦେଶର ସର୍ବୋଚ୍ଚ ସମ୍ମାନରେ!

ଯିଏ ଅନ୍ୟର ଆଉଟା ରକ୍ତରେ
ଲେଖିଥିଲା ନିଜ ଭାଗ୍ୟ,
ବେହିସାବ ଶବର ଦରିଆରେ
ହସି ହସି ବିସର୍ଜି ଦେଇଥିଲା
ବାସି ରାତିର ସ୍ୱପ୍ନ!
ସମର୍ପଣର ଶାଣିତ ସ୍ୱରରେ ସିଏ
ଦିନେ ପାଲଟିଗଲା ସନ୍ଥ
ପବନର ପଣତରେ ଲୁଚି ଯାଉଥିଲା
ଶତାବ୍ଦୀର ଶ୍ରେଷ୍ଠ ପାପ!

କିଛି ନିଜ ଚିରାଚରିତ ଚର୍ଯ୍ୟାରୁ ବେଫିକର ମୁକୁଳିଲେ,
ରାତିର ଚାଦର ଘୋଡ଼େଇ
କିଛି ବାହାରିଗଲେ ଶେଷ ଆଶାର
ସନ୍ଧାନରେ
ଆଉ କିଛି
ସକାଳର ସୁନେଲି ରଙ୍ଗ ସହ
ଢୋକୁଥିଲେ ଗଲାକାଲିର କଳଙ୍କ!

କିଛି ହାରିଲେ
କିଛି ସମବେତ ସ୍ୱରରେ
ଜୀବନର ଜୈତ୍ର ଗାନ କଲେ,
କିନ୍ତୁ ସଭିଏଁ ନିଜର
ପରିବର୍ତ୍ତିତ ରୂପକୁ
ସମୟ ଖାତାରେ
ରୀତିମତ ଜାହିର କରୁଥିଲେ! ■

ସହଦେବଖୁଣ୍ଟା, ବାଲେଶ୍ୱର
ପିନ-୭୫୬୦୦୧
ମୋ: ୭୭୮୮୯୭୭୨୭୬

ପୁନର୍ଜନ୍ମ



ସୁଜିତ କୁମାର ସତପଥି

ଏମିତି ଦିନେ ହୁଅନ୍ତା ନି
ସନାତନ ଓହ୍ଲେଇ ଆସନ୍ତା
ଟ୍ରକ ଡାଲାରୁ
ସୁତପା ଆମ୍ରଷ୍ଠ ମୁଦ୍ରାରୁ
ଆଉ ସମୀରୁ ସୁରଟରୁ
ସେମାନେ ସବୁ ଗାଁ ବସ୍‌ଷ୍ଟାଣ୍ଡ
ଶେଷ ଚା' ଦୋକାନରେ ଭେଟହୁଅନ୍ତେ
ସୁଖଦୁଃଖ ହୁଅନ୍ତେ
ଯେ ଯାହା ତାହା ଆପଣା ଭିତରେ ବାଣ୍ଟି
ହାଲକା ହୁଅନ୍ତେ
ଶବ୍ଦର ପାହାଡ଼ରୁ ଖସି ଭାବ



ମେଘ ହୋଇ ବରଷି ଦିଅନ୍ତା ଅବଶ ମାଟିରେ
ଏମିତି ଦିନେ ହୁଅନ୍ତା ନି
ଶ୍ୟାମଳୀ, ତନୁଲତା ଫେରିଆସନ୍ତେ
କର୍ମବ୍ୟସ୍ତତାରୁ
ତୀର, ଫୁଲତୁଲି ଦାଦନରୁ ଇଟାଭାଟିରୁ
ହାତ ଧରାଧରି ହୋଇ ଖେଳନ୍ତେ
ପାର୍ଲର ଯାଆନ୍ତେ, ସଫିଂ କରନ୍ତେ
ରିଲ୍‌ସ ନେଇ ଗୁପ୍‌ଚୁପ୍‌ର ମଜା ନିଅନ୍ତେ
ମେହେନ୍ଦି ମାଖିବାରେ ଅପସରି ଯାଆନ୍ତା
ଆଖିତଳ କଳାଦାଗ,
ଛାତିତଳ ଅଣନିଶ୍ୱାସୀ ଲୁହ
ଭୁଲିଯାଆନ୍ତେ ଯୁଗଯୁଗର ଭୋକ ଆଉ ଶୋଷ
କି ଲୁଣ୍ଠିତ ସବୁଜିମା
ଧୀରେଧୀରେ ଅପରୂପ ଘାସ ଯେତେ
ପାଆଁଳି ଯାଆନ୍ତା ସବୁଠି
ଅଦିନିଆ କାକର ଟୋପା ଖସିପଡ଼ନ୍ତା ସେଠି
ଆକାଶରେ ଚିତ୍ରେଇଯାଆନ୍ତା ସାତରଙ୍ଗୀ ଇନ୍ଦ୍ରଧନୁ
ଫୁଟନ୍ତା ପଳାଶ, ଗାଲରେ ଲେସି ହୋଇଯାଆନ୍ତା
ଲାଜ ଓ ଖୁସିର ଫଲଗୁ
ଏମିତି ଦିନେ ହୁଅନ୍ତା ନି
ତମେ, ମୁଁ, ସେମାନେ ସଭିଏଁ
ପ୍ରଥମ, ଦ୍ୱିତୀୟ, ତୃତୀୟର ବିସଙ୍ଗତିକୁ ଭୁଲି
ସମାହିତ ହୋଇଯାଆନ୍ତା ଗୋଟିଏ ଅସ୍ତିତ୍ୱରେ
ଚିତ୍ର-ଚରିତ୍ର, ସ୍ୱପ୍ନ-ସ୍ଥିତି, ନାଦ-ଗୀତି, ବାଦ-ରୀତି
ସବୁକିଛି ମିଳେଇ ଯାଆନ୍ତା
ଈପ୍‌ସିତ ପୁନର୍ଜନ୍ମରେ... । ■

ବାଗାଶ୍ରିତା, ସାଲେଭଟା, ବଲାଙ୍ଗିର
ମୋ: ୯୫୫୬୭୧୧୨୭୨

"କାହିଁକି ମୁଁ ଲେଖେ ତା'ର ସମ୍ପୂର୍ଣ୍ଣ ଉତ୍ତର ମୋତେ ଜଣା ନାହିଁ"





ତରୁଣକାନ୍ତି ମିଶ୍ର

'ମୁଁ କାହିଁକି ଲେଖେ'- ଏ ପ୍ରଶ୍ନ ମୋତେ କେହି କେହି ପଚାରିଛନ୍ତି ଓ ମୁଁ ନିଜେ ବି ଏ ପ୍ରଶ୍ନ ନିଜକୁ ପଚାରିଛି ଅନେକ ଥର । ଏଯାଏ ଏହାର କୌଣସି ଚୂଡ଼ାନ୍ତ ଉତ୍ତର ମୁଁ ଦେଇ ପାରିନାହିଁ, ନା ନିଜକୁ ନା ଅନ୍ୟ କାହାରିକୁ।

ଅଧିକାଂଶ ଲେଖକଙ୍କ ପରି, ମୁଁ ଲେଖା ଆରମ୍ଭ କରିଛି ପିଲାଟି ଦିନରୁ। ପ୍ରଥମେ କେବେ ଗପ ଲେଖିବାକୁ ଚେଷ୍ଟା କରିଥିଲି ମନେ ନାହିଁ, ତେବେ ମୋର ପ୍ରଥମ ସମ୍ପୂର୍ଣ୍ଣ ଗଳ୍ପଟି ମୁଁ ଲେଖିଥିଲି ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳେ। ଗଳ୍ପଟିର ନାମ ଥିଲା, 'ସାବତ ମାଆ'।

ପିଲାଦିନେ ମୁଁ ବହୁତ ଗପ ଶୁଣୁଥିଲି। ମୋ' ମାଆ ପ୍ରାୟ ପ୍ରତି ରାତିରେ ଗପ ଶୁଣାନ୍ତି, ପୌରାଣିକ ଉପାଖ୍ୟାନଠାରୁ ଆରମ୍ଭ କରି ଐତିହାସିକ, କାଳ୍ପନିକ, ଏପରିକି ତାଙ୍କ ପିଲାଦିନର ସ୍ମୃତିକଥା । ମୋ' ଅଜା ମଧ୍ୟ ଗପ କହନ୍ତି ଚମତ୍କାର। ସେ ସବୁ ଗପ ଶୁଣି ମୁଁ ମନକୁ ମନ ଗପ ଗଢ଼େ, ଟିକିଏ ଏପଟ ସେପଟ କରି। ମୋର ଯେମିତି ପସନ୍ଦ, ଯେମିତି ମତେ ଭଲ ଲାଗେ।

'ସାବତ ମାଆ' ଗପଟି ମୁଁ ଲେଖିଥିଲି କାନ୍ଦ-କାନ୍ଦ ହୋଇ। ମୁଁ ପଞ୍ଚମରେ ପଢୁଥିବା ବେଳେ, ହଠାତ୍ ଦିନେ ମାଆ ଡାକ୍ତରଖାନାକୁ ଗଲେ, ଗୋଟିଏ ଜରୁରୀ ଅପରେସନ୍ ପାଇଁ । ଆମେ ଛଅ ଭାଇ ଭଉଣୀ ଅନାଥ ହୋଇଗଲୁ ସାତଟି ରାତି। ସେଇ ସବୁ ରାତିରେ ମୁଁ ବସି ଲେଖିଥିଲି 'ସାବତ ମାଆ' ଗଳ୍ପଟି। ଡାକ୍ତରଖାନାରୁ ଫେରି ମୋ' ମାଆଙ୍କ ହାତରେ ପଡ଼ିଥିଲା ସେଇ ଦୁଇ ପୃଷ୍ଠା କାଗଜ । ଗପଟି ପଢ଼ିସାରି, ଛଳ ଛଳ ଆଖିରେ ମାଆ କହିଥିଲେ ବାପାଙ୍କୁ, "ଯଦି ମୁଁ ଡାକ୍ତରଖାନାରୁ ଫେରି ନଥାନ୍ତି, ମରିଯାଇ ଥାଆନ୍ତି ଅପରେସନ୍ ବେଳେ, ମୋ' ଛୁଆଙ୍କର କଅଣ ହୋଇ ଥାଆନ୍ତା କୁହ ତ !"

ମୋତେ ଲାଗେ, ମୁଁ ଲେଖିବାର ଗୋଟିଏ ପ୍ରମୁଖ କାରଣ ଥିଲା, ମୋ' ଭିତରର, ମୋ' ଅନ୍ତରାତ୍ମାର ସ୍ୱର ନିଜକୁ ନିଜେ ଶୁଣାଇବାରେ। ନିରୋଳାରେ ନିଜ ସହିତ ନିଜେ କଥା ହେବାରେ। ଆଜି ବି ସେଇ ଅଭିଳାଷରେ ମୁଁ ଲେଖେ। ଯଦି ମୋ' ଗଳ୍ପର ଗୋଟିଏ ମୁଖ୍ୟ ସ୍ୱର ହୋଇଥାଏ କାରୁଣ୍ୟର, ଛଟପଟ ଅନୁଭବର, ତେବେ ତାହା ହିଁ ମୋର ଅନ୍ତଃସ୍ୱର, ତାହା ହିଁ ମୋର ଉପଲବ୍ଧି। କିନ୍ତୁ ସେହି ଆପାତ-କାରୁଣ୍ୟ ଅନ୍ତରାଳରେ ରହିଛି ଏକ ଗଭୀର ପ୍ରତ୍ୟୟ, ମଣିଷ ବାରମ୍ବାର ବିଫଳ ହେଉଥାଏ, ମଣିଷ ହାରି ଯାଉଥାଏ, କିନ୍ତୁ ସେ ପରାସ୍ତ ହୁଏ ନାହିଁ, ମାନବିକତାର ବିଲୟ ନାହିଁ।

ଯଦି ମୁଁ ଲେଖୁଥାଏ ମୋ' ନିଜ ପାଇଁ, ତେବେ କାହିଁକି ମୁଁ ତା'କୁ ପ୍ରକାଶ କରେ ଛାପା ଅକ୍ଷରରେ? ମୁଁ କରେ ଏହି ଆଶାରେ ଯେ ମୋର ଏହି ଅନୁଭବ, ଏହି ଉପଲବ୍ଧି ଅନ୍ୟ କାହାରି ହୃଦୟରେ ମଧ୍ୟ ରହିଛି, ସେ ବି ଭାବୁଛି ଠିକ୍ ମୋ' ପରି । ସେହି ଐକ୍ୟ, ସେହି ସାମୀପ୍ୟ ମୋତେ ଭରସା ଦିଏ ଜୀବନ ଉପରେ, ବଞ୍ଚିବାର କଳା ଆୟତ୍ତ କରିବାରେ।

ପ୍ରଚାର ଓ ପ୍ରତିଷ୍ଠା ପାଇଁ ମୁଁ କେବେ ଲେଖିନାହିଁ। ଓଡ଼ିଶାରେ ସାହିତ୍ୟିକର ଗୁରୁତ୍ୱ ସେମିତି କିଛି ନାହିଁ, ଯାହାସବୁ କୁହାଯାଏ ସେ ସବୁ ଆଳଙ୍କାରିକ, ଔପଚାରିକ କଥା, ପ୍ରାୟତଃ ନିରର୍ଥକ। ଓଡ଼ିଶାରେ ସାହିତ୍ୟିକ ଲେଖିଥାଏ ତା' ନିଜସ୍ୱ, ଭାବଗତ ସନ୍ତୋଷ ଓ ଆନନ୍ଦ ପାଇଁ । ନ ଲେଖି ରହିହୁଏ ନାହିଁ ବୋଲି।

ଓଡ଼ିଶାରେ ଅଧିକାଂଶ ଲେଖକ ଫଟା ପାହୁଲାଟିଏ ବି ପାଆନ୍ତି ନାହିଁ, ବହି ଲେଖି। ବହି ବଜାରରେ ସମସ୍ତେ ପାରିଶ୍ରମିକ ପାଆନ୍ତି। ପ୍ରକାଶକ ରୋଜଗାର କରେ, ଛାପାଖାନା ଲାଭ କରେ, କାଗଜ କାଳି ଯୋଗାଉଥିବା ଲୋକ ତା'ର ପ୍ରାପ୍ୟ ବୁଝି ନିଏ, ବହି ଦୋକାନୀ ବି ତା' କମିଶନ ପାଇଯାଏ। କିନ୍ତୁ ଯାହାର ଲେଖା ବିକ୍ରି ହୁଏ ସେ କିଛି ପାଏ ନାହିଁ। କପର୍ଦ୍ଦକଶୂନ୍ୟ ରିକ୍ତ ହାତରେ ସେ ପୁଣି ଲେଖେ, ରାତି ରାତି ଅନିଦ୍ରା ହୋଇ, ପରିବାରକୁ ବିଭିନ୍ନ ଭାବେ ବଞ୍ଚିତ କରି। ସେ ନ ଲେଖି ରହି ପାରେ ନାହିଁ। ତାହା ହିଁ ତା'ର ଦୁର୍ଭାଗ୍ୟ, ଏବଂ ତା'ର ସୌଭାଗ୍ୟ।

ପଇସା ବଡ଼ କଥା ନୁହେଁ, ରୋଜଗାରର ଅନେକ ବାଟ ରହିଛି। ଓଡ଼ିଶାର ଲେଖକ ପେଟ ପୋଷିବାକୁ କିଛି ନା କିଛି ଉପାୟ ଖୋଜି ନିଏ। କିନ୍ତୁ ଯାହା ସେ ଲେଖେ, ତା'କୁ କେହି ପଢ଼ନ୍ତି କି ?

ଓଡ଼ିଶାରେ ପାଠକଙ୍କ ସଂଖ୍ୟା ନଗଣ୍ୟ। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଅନେକଙ୍କର ଶ୍ରଦ୍ଧା ନାହିଁ । ସେମାନେ ଭାବନ୍ତି ଓଡ଼ିଆରେ କିଛି ଭଲ ବହି ଲେଖାହୁଏ ନାହିଁ । ଏ ସବୁ ପଢ଼ିବା ସମୟର ଅପଚୟ । ସେମାନଙ୍କ ଭିତରୁ କେହି କେହି ମୋତେ କେବେ କେମିତି ପଚାରି ଦିଅନ୍ତି, "ଆଉ ! ଲେଖାଲେଖି କେମିତି ଚାଲିଛି ?" ସତେ ଯେମିତି ମୋର ଗୋଟିଏ ପୁରୁଣା, ଆଦୌ ଭଲ ହେଉ ନଥିବା ରୋଗ ରହିଛି ଓ ସେଥିପାଇଁ ସେମାନେ ମୋ' ପ୍ରତି ସହାନୁଭୂତିଶୀଳ ।

ସେମାନେ ହୁଏତ ଠିକ୍, ମୋ' ଭିତରେ ରହିଛି ଗୋଟିଏ ପୁରୁଣା, କେବେ ଭଲ ହୋଇ ପାରୁ ନଥିବା ରୋଗ । ଏ ରୋଗ ମୋର ଜନ୍ମ ସମୟରୁ। ଏ ରୋଗ ମୋତେ କଷ୍ଟ ଦିଏ, ଅସ୍ଥିର କରିଦିଏ; ଏ ଜାଗତିକ ପୃଥିବୀର ବିଳାସ, ବ୍ୟସନ, କ୍ଷମତା ଓ ପ୍ରତିଷ୍ଠା ମୋର ଏ ରୋଗକୁ ଭଲ କରିପାରି ନାହିଁ, ବରଂ କେବେ କେମିତି ଅଧିକ ଛଟପଟ କରିଛି, ଉତ୍‌ପ୍ରେରିତ କରିଛି ଆହୁରି ରାତି ଅନିଦ୍ରା ହେବାକୁ, କଷ୍ଟ ପାଇବାକୁ, ନିଜକୁ ଜାଳି ଦେବାକୁ । ମୋର ସେହି ଜ୍ୱଳନ, ସେହି ଆକୁତି ହୁଏତ ଆଉ କାହାରି ଆତ୍ମାକୁ ଛୁଇଁବ, ବଞ୍ଚିବାକୁ ଭରସା ଦେବ, କେଉଁ ଅଦେଖା ଜନପଦର ଅଜଣା ମଣିଷକୁ, ନିଃସଙ୍ଗ ଏକାକୀ ରାତିରେ ।


ଭବଭୂତି କହିଥିଲେ, ଅନେକ ଦିନ ଆଗରୁ, 'କାଲୋହ୍ୟମ୍ ନିରବଧି, ବିପୁଳାଚ ପୃଥ୍ୱୀ'। ସେ କହିଥିଲେ, ଏ ବିଶାଳ ପୃଥିବୀରେ, କେହି ନା କେହି, କେବେ ଦିନେ ମୋ' ମନର କଥା ବୁଝି ପାରିବ। ■

୧୩୭, ଲୁଇସ୍ ରୋଡ୍,
ବିଜେବି ନଗର, ଭୁବନେଶ୍ୱର, ୭୫୧୦୧୪

ପୁସ୍ତକ ଓ ପତ୍ରିକା ପରିଚୟ

ଭାଷା ଆଇନ୍

ସଂପାଦନା: ପବିତ୍ର ମହାରଥା



ଶବ୍ଦସ୍ପର୍ଶ
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୨
ମୂଲ୍ୟ : ୨୫୦ ଟଙ୍କା

ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି। ଓଡ଼ିଆ ଭାଷାରେ ରଚିତ ବହୁ ଉଚ୍ଚକୋଟୀର କୃତିରେ ଆମ ସାହିତ୍ୟ ସମୃଦ୍ଧଶାଳୀ। ଓଡ଼ିଶା ସରକାରୀ ଭାଷା ଆଇନ ପ୍ରସ୍ତାବରୁ ସଂଶୋଧିତ ଦଣ୍ଡବିଧାନ ପର୍ଯ୍ୟନ୍ତ ଭାଷା ଆଇନର ଇତିହାସ, କ୍ରମ ବିକାଶ, ସଂଶୋଧନ ଆଦିକୁ ନେଇ ପବିତ୍ର ମହରଥାଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଭାଷା ଆଇନ୍' ପୁସ୍ତକ। ଏହି ପୁସ୍ତକରେ ଜାନକୀଶ ବଡ଼ପଣ୍ଡାଙ୍କ 'ଭାଷା ଆଇନକୁ ନେଇ ଆଲୋଚନା', ବିଭୁପ୍ରସାଦ ତ୍ରିପାଠୀଙ୍କ 'ସ୍ଥିତିଜ ଭାଷା ଆଇନକୁ ଗତିଜ କରିବାର ପ୍ରୟାସ' ଆଦି ଆଲୋଚନାଗୁଡ଼ିକରେ ଓଡ଼ିଆ ଭାଷା ସୁରକ୍ଷାର ବିଭିନ୍ନ ଆଇନ ସଂପର୍କରେ ତର୍ଜମା କରାଯାଇଛି। ସେହିପରି ବିଧାନସଭାରେ ଭାଷା ଆଇନ ଉପରେ ଆଲୋଚନାର ଅବିକଳ ବିବରଣୀ, ଓଡ଼ିଆ ଭାଷା ଆଇନ ଗତି ଓ ପ୍ରଗତିର ଧାରା, ଭାଷା ଆନ୍ଦୋଳନ, ଓଡ଼ିଶା ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ, ଓଡ଼ିଶା ସରକାରୀ ଭାଷା ସଂଶୋଧିତ ଅଧିନିୟମ, ଭାଷା ଆଇନର ସଂଶୋଧନ ଆଦି ସଂପର୍କରେ ତଥ୍ୟ ଭିତ୍ତିକ ବିବରଣୀ ସଂକଳିତ ହୋଇଛି। ଓଡ଼ିଆ ଭାଷା ଆଇନ ସଂପର୍କିତ ଏହା ଏକ ଉପାଦେୟ ପୁସ୍ତକ। ■

ଝୁମୁକା

ସଂପାଦକ: ମାନସ ରଞ୍ଜନ ସାମଲ



୧୪୪, ଏଲ୍.ଟି. କଲୋନୀ, ଚାରବାଟିଆ
କଟକ-୭୫୪୦୨୮
ମୂଲ୍ୟ ୫୦ ଟଙ୍କା

ବିଶିଷ୍ଟ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କ ବଳିଷ୍ଠ ସମ୍ପାଦନାରେ ପ୍ରକାଶ ପାଇଛି 'ଝୁମୁକା'ର ଶାରଦୀୟ ବିଶେଷାଙ୍କ -୨୦୨୬ । 'ଗଳ୍ପ ବିଭାଗ'ରେ ଶାନ୍ତନୁ କୁମାର ଆଚାର୍ଯ୍ୟ, ପ୍ରତିଭା ରାୟ, ମହେଶ୍ୱର ମହାନ୍ତି, ଦାଶ ବେନହୁର, ଜୟନ୍ତୀ ରଥ, ରମେଶ ପତ୍ରୀ, ନିତ୍ୟାନନ୍ଦ ସ୍ୱାଇଁ, ନିରୁପମା ଆଚାର୍ଯ୍ୟ, ନରେନ୍ଦ୍ର ପ୍ରସାଦ ଦାସ, ଛନ୍ଦା ମିଶ୍ର ପ୍ରମୁଖଙ୍କ ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ପାର୍ବଣ ବିଶେଷ'ରେ 'ମନେପଡ଼େ ମାମୁଘର' ଶୀର୍ଷକରେ କଥାକାର ଗୌରହରି ଦାସ ଓ ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଆଲେଖ୍ୟ ଉଚ୍ଚକୋଟୀର ହୋଇଛି । 'ଏକାଙ୍କିକା ବିଭାଗ'ରେ ସଂଘମିତ୍ରା ମିଶ୍ର ଓ 'ଫିଚର'ରେ 'ଭାରତର ଦ୍ୱାଦଶ ମହୀୟସୀ ମହିଳା' ଚମତ୍କାର ହୋଇଛି । 'କବିତା ବିଭାଗ'ରେ ରାଜକିଶୋର ପାଢ଼ୀ, ଦେବରାଜ ସାମନ୍ତରାୟ, ନିର୍ଭୟ କୁମାର ପାଣି, ସୁନାମଣି ରାଉତ, ବଙ୍କିମ ଚନ୍ଦ୍ର ନାୟକ, ଜୟନ୍ତିକା, ଚିରଶ୍ରୀ ଇନ୍ଦ୍ରସିଂ, ହରିହର ଶୁକ୍ଳ, ମହେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖଙ୍କ ସୃଷ୍ଟି ମନଛୁଆଁ ହୋଇଛି । ବହୁ ବରିଷ୍ଠ ଓ ଯୁବ ସ୍ରଷ୍ଟାଙ୍କ ସୃଷ୍ଟିରେ ସମୃଦ୍ଧ 'ଝୁମୁକା' ବେଶ୍ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

ସତ୍ୟମେବ ଜୟତେ

ସଂପାଦକ: ମାନସ ରଞ୍ଜନ ଦାଶ



ସତ୍ୟମେବ ଜୟତେ ପରିବାର
ସପନପୁର, ଶିଶୁଆ, ସାଲେପୁର, କଟକ
ମୂଲ୍ୟ : ୧୦୦

'ସତ୍ୟମେୟ ଜୟତେ ପରିବାର' ପକ୍ଷରୁ ମାନସ ରଞ୍ଜନ ଦାଶଙ୍କ ସଂପାଦନାରେ 'ସତ୍ୟମେବ ଜୟତେ' ବାର୍ଷିକ ମୁଖପତ୍ର -୨୦୨୬ ପ୍ରକାଶ ପାଇଛି । ଏହି ପତ୍ରିକାରେ ଓଡ଼ିଶାର ଅନେକ ପ୍ରତିଷ୍ଠିତ ଓ ଯୁବ ଲେଖକଲେଖିକାଙ୍କ କବିତା, ଗପ, ପ୍ରବନ୍ଧ ଆଦି ପ୍ରକାଶ ପାଇଛି । ଡକ୍ଟର ଗୌତମ ମହାରଣାଙ୍କ 'ସୁପୁତ୍ରସ୍ତୁ କୁଳେ ଭାତି', ଡ. ସନ୍ତୋଷ କୁମାର ପଣ୍ଡାଙ୍କ 'ସଂକଳ୍ପ ନୁହେଁ, ସମୟର ଆହ୍ୱାନ', ଡକ୍ଟର ତରୁଲତା ଦେବୀଙ୍କ 'ସଂପର୍କର ପରିଭାଷା', ଜୟଦେବ ଲେଙ୍କାଙ୍କ 'ସେଇ ସାତ ରଙ୍ଗରେ...' ଆଦି ପ୍ରବନ୍ଧ ଉଚ୍ଚକୋଟୀର ହୋଇଛି । ସେହିପରି ଡକ୍ଟର ଅନୁପମା ବିଶ୍ୱାଳଙ୍କ 'ସାବତ ଶାଶୁ', ଡକ୍ଟର ମନ୍ଦାକିନୀ ପାଢ଼ୀଙ୍କ 'ସନ୍ତାନ ପାଇଁ ମମତା', ବିପ୍ଳବ ବିକାଶ ବେହେରାଙ୍କ 'ଶବ୍ଦର ତରଙ୍ଗ', କମଳିନୀ ସେନାପତିଙ୍କ 'ଶୂନ୍ୟତାର ବାସ୍ନା' ପ୍ରଭୃତି ମନଛୁଆଁ ହୋଇଛି । ସେଭଳି ଶ୍ରୀମତୀ ନିର୍ମଳା ପରିଡ଼ାଙ୍କ 'ସମୟ ନୁହେଁ କାହାର', ଅପର୍ତ୍ତି ସେଠୀଙ୍କ 'ସଂଗ୍ରାମ', ହରିହରି ମହାନ୍ତଙ୍କ 'ସତ୍ୟଭାମାପୁର ଶିଶୁ', ସୁରେଶ ଚନ୍ଦ୍ର ବାୟାଙ୍କ 'ସମୀରଣ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ସତ୍ୟମେବ ଜୟତେ'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

ଅବଶିଷ୍ଟାଂଶ...

ବିପର୍ଯ୍ୟୟ ପାଇଁ...

ସମୟରେ ସମନ୍ୱିତ ଜଳ ପରିଚାଳନା ଏବଂ ପରେ ତ୍ୱରିତ ଉଦ୍ଧାର କାର୍ଯ୍ୟରେ ବିଫଳତା ସରକାରଙ୍କ ତଣ୍ଟିରେ କଣ୍ଟା ହୋଇ ଲାଗିଛି । ସରକାର କେବଳ ରିଲିଫ୍ ବଣ୍ଟନ କିମ୍ବା କ୍ଷତିପୂରଣ ଘୋଷଣା କରି ଦାୟିତ୍ୱ ସାରିପାରିବେ ନାହିଁ। ପ୍ରକୃତିର ପ୍ରକୋପକୁ ରୋକିବା ମଣିଷ ହାତରେ ନାହିଁ, କିନ୍ତୁ ପୂର୍ବ ପ୍ରସ୍ତୁତି ଓ ଦାୟିତ୍ୱପୂର୍ଣ୍ଣ ପରିଚାଳନାରେ ଜୀବନ ଓ ସମ୍ପତ୍ତିର କ୍ଷତି ନିଶ୍ଚିତ ଭାବେ କମାଯାଇପାରିଥାନ୍ତା। ମାତ୍ର ତାହା ସମ୍ଭବ ହୋଇ ପାରିନାହିଁ। ବିପର୍ଯ୍ୟୟ ପରିଚାଳନାରେ ଦଶନ୍ଧି ଦଶନ୍ଧି ଧରି ଓଡ଼ିଶାର ସୁନାମକୁ ଅର୍ଣ୍ଣବ ପରି ଏକ ଛୋଟ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛି ।

ପୂରା ଗାଁକୁ...

ଓ କନ୍ଧମାଳ ଜିଲା ପ୍ରଶାସନର ମିଳିତ ଉଦ୍ଧାରକାରୀ ଦଳ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟ ଅଞ୍ଚଳରେ ଅନେକ ଘର ମାଟି ତଳେ ପୋତି ହୋଇଯାଇଥିବାରୁ ଓଡ୍ରାଫ୍, ଅଗ୍ନିଶମ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ମାଟି ଖୋଳି ଉଦ୍ଧାର କାର୍ଯ୍ୟ ଜୋରଦାର ଜାରି ରହିଛି। ଅନ୍ୟ ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ଏଯାଏଁ କୌଣସି ସୂଚନା ମିଳି ନ ଥିବାରୁ ଜଙ୍ଗଲ ଭିତରେ କେହି ଜୀବିତ ଥାଇପାରନ୍ତି ଆଶା ରଖି ପ୍ରଶାସନ ପକ୍ଷରୁ ଜଙ୍ଗଲ ଅଞ୍ଚଳରେ ମଧ୍ୟ ତଲାସୀ ଅଭିଯାନ ଚାଲିଛି।ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଭଞ୍ଜନଗର ଉପଜିଲାପାଳ ଉମା ଶଙ୍କର ବେହେରା, ବିଡିଓ ଭାରତୀ ଦେବୀ, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଅତିରିକ୍ତ ତହସିଲଦାର ଅବିନାଶ ମହାର ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟର ସରଜମିନ ତଦାରଖ କରୁଛନ୍ତି।

ଜୀବନହାନିକୁ ନେଇ...

ଏକାଧିକଙ୍କ ପ୍ରାଣହାନୀ ଓ ଅନେକ ନିଖୋଜ ହୋଇଯାଇଥିବା ଖବର ବିଷୟରେ ଜାଣି ମୁଁ ଦୁଃଖିତ। ଲୋକମାନଙ୍କ ସୁରକ୍ଷିତ ଉଦ୍ଧାର ଓ ଜନଜୀବନକୁ ସୁଗମ କରିବା ପାଇଁ ସରକାର ତ୍ୱରିତ ଭାବେ ସମସ୍ତ ପଦକ୍ଷେପ ସୁନିଶ୍ଚିତ କରନ୍ତୁ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି।

ବ୍ଲକ ଘେରିଲେ...

ସହାୟତା ବର୍ତ୍ତମାନ ସୁଦ୍ଧା ପ୍ରଶାସନ କରିନାହିଁ। ବନ୍ୟାକୁ ତିନି ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ କୁରୁଳା ପଞ୍ଚାୟତ ବାଇଶିପଲ ଗ୍ରାମର ବନ୍ୟା ବିପନ୍ନଙ୍କୁ ଖାଦ୍ୟ ଦେବା ତ ଦୂରର କଥା, ସେମାନଙ୍କ ନିକଟରେ ପହଞ୍ଚି ପାରିନାହାନ୍ତି। ଏଭଳି ଅଭିଯୋଗ ଆଣି କୁରୁଳା ପଞ୍ଚାୟତ ବାଇଶିପଲ ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ଶେରଗଡ଼ ପଞ୍ଚାୟତ ସମିତି ଘେରାଉ କରି ଧାରଣାରେ ବସିଥିଲେ। ଦୀର୍ଘ ସମୟଧାରଣରେ ବସିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ସେମାନଙ୍କ ନିକଟକୁ ଆସିନଥିଲେ। ଖବର ପାଇ ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ କୁମାର ଜେନାଙ୍କ ନେତୃତ୍ୱରେ ଶେରଗଡ ଗସ୍ତରେ ଆସିଥିବା ବିଜେଡି ପ୍ରତିନିଧି ମଣ୍ଡଳୀ ପଞ୍ଚାୟତ ସମିତିରେ ପହଞ୍ଚିଥିଲେ। ଧାରଣାରେ ବସିଥିବା ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମସ୍ୟା ବୁଝିବା ପରେ ବିଡିଓଙ୍କ ସହିତ ଯୋଗାଯୋଗ କରିଥିଲେ। ଜିଲ୍ଲାପାଳଙ୍କ ସହିତ କଥା ହୋଇ ଲୋକଙ୍କୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଲୋକେ ଧାରଣାରୁ ଓହରିଥିଲେ।

ଜନଆକ୍ରୋଶର ବିସ୍ଫୋରଣ...

ଗାଡ଼ି ଆଗରେ ଗ୍ରାମବାସୀ ଶୋଇ ପ୍ରତିବାଦ ଜଣାଇଛନ୍ତି। ଏହିସବୁ ଘଟଣା ବିପର୍ଯ୍ୟୟ ପରିଚାଳନା ଓ ରିଲିଫ୍ ବଣ୍ଟନକୁ ନେଇ ସରକାରୀ ଦାବି ଏବଂ ତୃଣମୂଳ ସ୍ତରର ବାସ୍ତବତା ମଧ୍ୟରେ ରହିଥିବା ବଡ଼ ବ୍ୟବଧାନକୁ ସ୍ପଷ୍ଟ କରିଛି ।

ପୁରୁଷୋତ୍ତମପୁର ବ୍ଲକ୍‌ର କୁମ୍ଭାରୀ ଗ୍ରାମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଘେରାଉ କରାଯାଇଛି ଓ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ବାତ୍ୟା ଓ ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିବାକୁ ବିଧାୟକ ଗ୍ରାମକୁ ଯାଇଥିବାବେଳେ ତାଙ୍କୁ ଘେରିଥିଲେ ଉତ୍ୟକ୍ତ ଗ୍ରାମବାସୀ। ଗାଁରେ ବନ୍ୟାଜଳ ପଶିବା ଯୋଗୁଁ ଟ୍ରାନ୍ସଫର୍ମର ପ୍ରଭାବିତ ହୋଇଥିଲା। ଫଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଥିବାବେଳେ ଲୋକେ ଦିନଦିନ ଧରି ଅନ୍ଧାରରେ ରହିବାକୁ ବାଧ୍ୟ ହୋଇଥିଲେ। ଅନ୍ୟପଟେ ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ସ୍ଥିତିକୁ ଆହୁରି ଜଟିଳ କରିଥିଲା। ବିଧାୟକ ଗାଁରେ ପହଞ୍ଚିବା ମାତ୍ରେ ଲୋକେ ତାଙ୍କୁ ବିଭିନ୍ନ ସମସ୍ୟା ନେଇ ଘେରିଯାଇଥିଲେ। ବିଦ୍ୟୁତ୍ କେବେ ଫେରିବ, ବନ୍ୟା ସମୟରେ ଆବଶ୍ୟକ ସହାୟତା କାହିଁକି ମିଳିଲାନି ଏବଂ ଲୋକଙ୍କ ଦୁର୍ଦ୍ଦଶା ପ୍ରତି ପ୍ରଶାସନ ଏତେ ଉଦାସୀନ କାହିଁକି ବୋଲି ପ୍ରଶ୍ନ କରିଥିଲେ। ବିଧାୟକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଲୋକଙ୍କ ରାଗ ଶାନ୍ତ ହୋଇ ନ ଥିଲା। ଏହି ସମୟରେ କିଛି ଲୋକ ଠେଲାପେଲା କରିଥିଲେ ଓ ତାଙ୍କ ଉପରକୁ ହାତ ଉଠାଇଥିଲେ। ମାତ୍ର ଆକ୍ରମଣ ଘଟଣାକୁ ବିଧାୟକ ଖଣ୍ଡନ କରିଛନ୍ତି।

ସେହିଭଳି ସୋରଡ଼ା ନିର୍ବାଚନମଣ୍ଡଳୀର ନୂଆଗଡ଼ ଗ୍ରାମରେ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ମଧ୍ୟ ଲୋକଙ୍କ ତୀବ୍ର ବିରୋଧର ସାମ୍ନା କରିବାକୁ ପଡ଼ିଛି। ବନ୍ୟା ପରବର୍ତ୍ତୀ ସ୍ଥିତି ପରଖିବାକୁ ମନ୍ତ୍ରୀ ଗ୍ରାମକୁ ଯାଇଥିବାବେଳେ ଲୋକମାନେ ତାଙ୍କ ସମ୍ମୁଖରେ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି ବିପତ୍ତି ସମୟରେ ଲୋକେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ପାଇଁ ହନ୍ତସନ୍ତ ହେଉଥିବାବେଳେ ଜନପ୍ରତିନିଧି ଓ ପ୍ରଶାସନ କାହିଁକି ଠିକ୍ ସମୟରେ ପହଞ୍ଚିଲେ ନାହିଁ ବୋଲି ସେ ପ୍ରଶ୍ନ କରିଛି। ଲୋକମାନଙ୍କ ଏପରି ପ୍ରତିବାଦ, ଅସନ୍ତୋଷ ସରକାରୀ ବ୍ୟବସ୍ଥା ପ୍ରତି ଅବିଶ୍ୱାସ ସୃଷ୍ଟି ହୋଇଥିବା କୁହାଯାଉଛି ।

ଶେରଗଡ଼ ବ୍ଲକ୍‌ରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ସେଠାରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଲୋକେ ଘେରି ତୀବ୍ର ପ୍ରତିବାଦ ଜଣାଇଥିବା ସୂଚନା ମିଳିଛି। ବିପର୍ଯ୍ୟୟ ପରେ କ୍ଷୟକ୍ଷତି ଆକଳନରେ ବିଳମ୍ବ, ରିଲିଫ୍ ବଣ୍ଟନରେ ଅବ୍ୟବସ୍ଥା, ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣରେ ବିଫଳତାକୁ ନେଇ ଲୋକଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ସାନଖେମୁଣ୍ଡିରେ ବିଡିଓଙ୍କ ଗାଡ଼ି ଆଗରେ ଶୋଇ ଗ୍ରାମବାସୀ ପ୍ରତିବାଦ କରିବା ମଧ୍ୟ ପ୍ରଶାସନର କାର୍ଯ୍ୟଶୈଳୀ ପ୍ରତି ଲୋକଙ୍କ ତୀବ୍ର କ୍ଷୋଭକୁ ଦର୍ଶାଇଛି । ଆସିକା ବିଧାୟକଙ୍କୁ ମଧ୍ୟ ବିରୋଧ କରାଯାଇଥିବା ଖବର ମିଳିଥିଲେ ହେଁ ଏହାର ସତ୍ୟତା ସ୍ପଷ୍ଟ ହୋଇନାହିଁ। ହିଞ୍ଜିଳି, ଖଲ୍ଲିକୋଟ, ସୋରଡ଼ା, ଶେରଗଡ଼ ଓ ସାନଖେମୁଣ୍ଡିର ଘଟଣାକ୍ରମ ସରକାରଙ୍କ ବ୍ୟବସ୍ଥା ପ୍ରତି ଲୋକଙ୍କ ମଧ୍ୟରେ ବର୍ଦ୍ଧିତ ଅସନ୍ତୋଷକୁ ସ୍ପଷ୍ଟ କରିଛି।

ଜ୍ଞାନେଶଙ୍କ ବିରୋଧରେ...

କାର୍ଯ୍ୟ କରୁଛନ୍ତି। ସରକାରୀ ହାତବାରିସି ସାଜି ସେ ଜନସାଧାରଣଙ୍କ ଅଧିକାରର ହନନ କରିଛନ୍ତି। ତେଣୁ ତାଙ୍କୁ ତୁରନ୍ତ ପଦରୁ ହଟାଯିବା ସହ ଦେଶଦ୍ରୋହ ମାମଲାରେ ବିଚାର କରାଯିବା ଉଚିତ। ଏହାସହ ସଂସଦୀୟ ଅନୁମୋଦନ କିମ୍ବା ତଦାରଖ ବିନା ଭୋଟର ପଞ୍ଜୀକରଣ ଫର୍ମ-୬ରେ ପରିବର୍ତ୍ତନ ଆଣିବା, ଇସିଆଇନେଟ୍ ୱେବସାଇଟ୍ ମାଧ୍ୟମରେ ଭୋଟର ତାଲିକାକୁ ନିଜ ନିୟନ୍ତ୍ରଣକୁ ନେବା, ନିର୍ବାଚନ ସଂକ୍ରାନ୍ତୀୟ ନିଷ୍ପତ୍ତି ବେଳେ ଅନ୍ୟ ଦୁଇଜଣ ନିର୍ବାଚନ ଆୟୁକ୍ତଙ୍କୁ ଦୂରେଇ ରଖିବା ଆଦି ପ୍ରମୁଖ ଅଭିଯୋଗ ଉଠିଥିଲା। ଜ୍ଞାନେଶଙ୍କୁ ହଟାଇବା ସହିତ ଏସଆଇଆର ବାତିଲ କରିବା, ନିର୍ବାଚନ କମିସନ ନିଯୁକ୍ତି ସଂକ୍ରାନ୍ତ ସଂଶୋଧିତ ଆଇନ -୨୦୨୩କୁ ରଦ୍ଦ କରିବା ଲାଗି ମେଣ୍ଟ ଦାବି କରିଛି। ମେଣ୍ଟ ନେତା ଅଭିଯୋଗ କରିଛନ୍ତି ଯେ ବିରୋଧୀ ଦଳର ୧୪୫ ଜଣ ସାଂସଦଙ୍କୁ ସସପେଣ୍ଡ କରି ସରକାର ଏହି କଳା ଆଇନ ପାସ୍ କରିଥିଲେ। ରାହୁଲ ଏହି ପରିପ୍ରେକ୍ଷୀରେ ସଂସଦରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ ଖାରଜ ହୋଇଥିବା କଥା କହିଥିଲେ। ଫଳରେ ଅନୋନ୍ୟପାୟ ହୋଇ ବିରୋଧୀ ଏହି ପନ୍ଥା ଆପଣାଇଥିବା ପ୍ରକାଶ କରିଛନ୍ତି। ଅନ୍ୟପଟେ, ବିଜେପି ଏହି କାର୍ଯ୍ୟକ୍ରମକୁ ସଂସଦର ଅପମାନ ତଥା 'ହାସ୍ୟାସ୍ପଦ ନାଟକ' ବୋଲି କହି ସମାଲୋଚନା କରିଛି। ବିଜେପି ପ୍ରବକ୍ତା ସମ୍ବିତ ପାତ୍ର କଟାକ୍ଷ କରି କହିଛନ୍ତି ଯେ, କଂଗ୍ରେସ ରାହୁଲ ଗାନ୍ଧୀଙ୍କୁ ଆଜୀବନ ପାଇଁ 'ସାଙ୍କେତିକ ପ୍ରଧାନମନ୍ତ୍ରୀ' କରି ରଖୁ। ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିରୋଧୀଙ୍କୁ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ଆହ୍ୱାନ ଦେଇଛନ୍ତି।

ତେଲ ଦର...

ରିଫାଇନ୍‌ଡ ତେଲ ଉପରେ ମଧ୍ୟ ଶୁଳ୍କ ହ୍ରାସ କରାଯାଇଥିଲା। ସରକାର କହିଥିଲେ ଯେ ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଘରୋଇ ବଜାରରେ ଦର କମାଇବା ଏବଂ ଗ୍ରାହକଙ୍କୁ ଆଶ୍ୱସ୍ତି ଦେବା। ହେଲେ କମ୍ପାନୀ କୌଣସି ପ୍ରକାରେ ଦର ହ୍ରାସ କରିନାହାଁନ୍ତି। ଅପରପକ୍ଷେ ବିଶ୍ୱ ବଜାରରେ ଖାଇବା ତେଲର ଦର ବୃଦ୍ଧି ପାଇବା କାରଣରୁ ପାର୍ବଣ ଋତୁରେ ଗ୍ରାହକମାନେ ଏହି ଟିକସ ହ୍ରାସର କୌଣସି ଲାଭ ପାଇପାରିଲେ ନାହିଁ। ବାସ୍ତବରେ, ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଇବା କାରଣରୁ ଭାରତର ଆମଦାନୀ ବ୍ୟୟ ମଧ୍ୟ ବୃଦ୍ଧି ପାଇଛି। ଚଳିତ ବର୍ଷର ପ୍ରଥମ ୬ ମାସରେ ଆମଦାନୀ ପରିମାଣ ୮୭,୦୦୦ କୋଟି ଟଙ୍କା ରହିଛି, ଯାହା ଗତ ବର୍ଷର ଏହି ସମୟ ମଧ୍ୟରେ ୭୩,୦୦୦ କୋଟି ଟଙ୍କା ଥିଲା। ବର୍ତ୍ତମାନ ପରିସ୍ଥିତିରେ ଉପଭୋକ୍ତାମାନଙ୍କ ପାଇଁ ଖାଇବା ତେଲର ଉଚ୍ଚ ଦରରୁ ତୁରନ୍ତ କୌଣସି ଆଶ୍ୱସ୍ତି ମିଳିବାର ସମ୍ଭାବନା ନାହିଁ।

ଅର୍ଣ୍ଣବ ଉଜାଡ଼ିଲା..

ଆଶଙ୍କା କରାଯାଉଛି। ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ ଅବପାତଟି ପଶ୍ଚିମ-ଉତ୍ତରପଶ୍ଚିମରେ ଗତି କରି ଆଜି ରାତି ସୁଦ୍ଧା ଗଭୀର ଅବପାତ ଓ ଆସନ୍ତାକାଲି ବାତ୍ୟାରେ ପରିଣତ ହୋଇପାରେ। ୨ ତାରିଖ ସନ୍ଧ୍ୟାରେ ଏହା ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ ସମୟରେ ପବନର ସର୍ବାଧିକ ବେଗ ଘଣ୍ଟାପ୍ରତି ୧୦୦ କିମି ରହିପାରେ। ସ୍ଥଳଭାଗ ଛୁଇଁବା ପରେ ଏହା ତେଲେଙ୍ଗାନା ଆଡ଼କୁ ଗତି କରିବ। ତେବେ ତେଲେଙ୍ଗାନାରେ ପହଞ୍ଚିବା ବେଳକୁ ଏହା ଗଭୀର ଅବପାତକୁ ହ୍ରାସ ପାଇଥିବ ବାତ୍ୟା 'ଅର୍ଣ୍ଣବ' ବେଳେ ପବନର ବେଗ ଘଣ୍ଟା ପ୍ରତି ୧୫୦ କିମି ପର୍ଯ୍ୟନ୍ତ ରହିଥିଲା। କିନ୍ତୁ ସମ୍ଭାବ୍ୟ ବାତ୍ୟାରେ ପବନର ବେଗ ଘଣ୍ଟା ପ୍ରତି ସର୍ବାଧିକ ୧୦୦ କିମି ରହିପାରେ। ସମ୍ଭାବ୍ୟ ବାତ୍ୟା କାରଣରୁ ଆସନ୍ତାକାଲିଠାରୁ ଓଡ଼ିଶାରେ ବର୍ଷା ଓ ପବନ ଆରମ୍ଭ ହୋଇଯିବ ବୋଲି ଆଇଏମଡି ପକ୍ଷରୁ ସୂଚନା ଜାରି କରାଯାଇଛି। ତେବେ ଉଭୟ ବର୍ଷା ଏବଂ ପବନର ତୀବ୍ରତା ୩ ଏବଂ ୪ ତାରିଖରେ ସର୍ବାଧିକ ରହିବ। ୩ ତାରିଖରେ ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ। ସେଥିପାଇଁ ଏହି ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି କଳାହାଣ୍ଡି, ନବରଙ୍ଗପୁର, ପୁରୀ ଓ ଖୋର୍ଦ୍ଧାରେ ପ୍ରବଳ ବର୍ଷା ସହ ସମାନ ଭାବରେ ୫୦ରୁ ୬୦ କିମି ବେଗରେ ପବନ ବହିପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦ୍ ବ୍ୟତୀତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ୩ ତାରିଖ ବର୍ଷା ହେବା ସହ ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ୪ ତାରିଖରେ ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରାୟତଃ ସମାନ ସ୍ଥିତି ବଜାୟ ରହିବାକୁ ଥିବାବେଳେ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ନିଖୋଜଙ୍କ ସନ୍ଧାନ...

ନିର୍ଦ୍ଦେଶ ଦେଇଛନ୍ତି। ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ ବିପର୍ଯ୍ୟୟ ସମୟରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ଆଧିକାରିକ ଓ ସଠିକ୍ ତଥ୍ୟ ଯୋଗାଇ ଦିଆଯାଉ। ଅନ୍ୟପକ୍ଷରେ ଗଣମାଧ୍ୟମ ଓ ବିଭିନ୍ନ ସୂତ୍ରରୁ ଆସୁଥିବା ତଥ୍ୟ ଓ ଖବରର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକ ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଉଦ୍ଧାର କାର୍ଯ୍ୟରେ ରେଳ ବିଭାଗର ସକ୍ରିୟ ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ପ୍ରଦାନ ସୁନିଶ୍ଚିତ କରାଯାଇଛି। ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ପାଇଁ ରେଳବାଇ ସହାୟତାରେ ଚେନ୍ ପୁଲି ସିଷ୍ଟମ୍ ବ୍ୟବହାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଷ୍ଟ କୋଷ୍ଟ ରେଳୱେ ପକ୍ଷରୁ ଏହି ଚେନ୍ ପୁଲି ବ୍ୟବସ୍ଥାକୁ ତୁରନ୍ତ ଘଟଣାସ୍ଥଳକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଉଦ୍ଧାର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜି.ଉଦୟଗିରି ଭୂସ୍ଖଳନ ସ୍ଥଳରେ ସିଧାସଳଖ କାମ କରିବା ପାଇଁ ହେଲିକପ୍ଟର ଯୋଗେ ଅତ୍ୟାଧୁନିକ 'ସିସ୍‌ମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍' ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ବୈଠକର ଆଲୋଚନାରୁ ଜଣାପଡିଛି ଯେ ଘଟଣାସ୍ଥଳରେ ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ଓ ଏସ୍‌ଓଜି ଭଳି ପ୍ରମୁଖ ଉଦ୍ଧାରକାରୀ ସଂସ୍ଥାଗୁଡ଼ିକ ମିଳିତ ଭାବେ ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି। ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସେବା, ରାସ୍ତାଘାଟ ଏବଂ ଅନ୍ୟାନ୍ୟ ଜରୁରୀ ସେବାଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଆଗାମୀ ସମ୍ଭାବ୍ୟ ବାତ୍ୟା ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତି, ବିପଦସଙ୍କୁଳ ଅଞ୍ଚଳରୁ ଆଗୁଆ ସ୍ଥାନାନ୍ତରଣ, ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ ଓ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ଔଷଧ ମହଜୁଦ ରଖିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ରକ୍ଷା କରିବା ଉପରେ ସମୀକ୍ଷାରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି। ଏହି ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

୫୦ ଲକ୍ଷର ଗଞ୍ଜେଇ...

ଏଏନ୍‌ଟିଏଫ୍ ସ୍ୱତନ୍ତ୍ର ଟିମ୍ ଶନିବାର ମଧ୍ୟାହ୍ନରେ ଖୋର୍ଦ୍ଧାସ୍ଥିତ ପିଏନ୍ କଲେଜ ନିକଟରେ ଚଢ଼ଉ କରିଥିଲା। ସେଠାରେ ସନ୍ଦେହଜନକ ଭାବେ ଯାଉଥିବା ଦୁଇଟି କାର୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଗାଡ଼ି ଭିତରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ଏହାସହିତ ଦୁଇଟି କାରରୁ ୫ ଜଣଙ୍କୁ ଅଟକ ରଖିଥିଲା। ଉଭୟ ଗାଡ଼ି କନ୍ଧମାଳରୁ ଗଞ୍ଜେଇ ନେଇ ମହାରାଷ୍ଟ୍ରର ସୋଲାପୁର ଅଭିମୁଖେ ଯାଉଥିବା ଜଣାପଡ଼ିଛି। ଦୀର୍ଘବର୍ଷ ଧରି ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଏକ ସଂଗଠିତ ଗଞ୍ଜେଇ ଚାଲାଣ ନେଟ୍‌ୱର୍କ କାର୍ଯ୍ୟ କରୁଥିବା ଏଏନ୍‌ଟିଏଫ୍ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଗଞ୍ଜେଇ କେଉଁଠାରୁ ଆସୁଥିଲା, ଏହାର ଅନ୍ୟ ଗ୍ରାହକ ଓ ସହଯୋଗୀ କିଏ, ଏହି କାରବାରରେ କେତେ ଟଙ୍କାର ଆର୍ଥିକ କାରବାର ହୋଇଛି ଓ ନେଟ୍‌ୱର୍କର ପରିସର କେତେ ବ୍ୟାପକ, ସେନେଇ ଏଏନ୍‌ଟିଏଫ୍ ତଦନ୍ତ ଚଳାଇଛି। ଅଧିକ ତଥ୍ୟ ଓ ପ୍ରମାଣ ସଂଗ୍ରହ ପାଇଁ ଆବଶ୍ୟକ ପଡ଼ିଲେ ଗିରଫ ୫ ଜଣଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏଏନ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

ଉନ୍ମୋଚିତ ହେଲା...

ଦେଇଥିଲେ। ବର୍ତ୍ତମାନ ଏହି ଶିଳାର ତଳ ଅଂଶ ସିମେଣ୍ଟ ଘୋଡ଼ଣୀ ମଧ୍ୟରେ ଥିଲେ ହେଁ ଏଥିରେ ଜଣେ ବୀର ହାତରେ ତରବାରୀ ଓ ଢାଲ ଧରି ଅଲୀଢ଼ ଭଙ୍ଗୀରେ ଦଣ୍ଡାୟମାନ ଥିବା ଓ ପାଦଦେଶରେ ଦୁଇଜଣ କ୍ଷୁଦ୍ର ଅନୁଚର ଥିବା ଦେଖାଯାଏ। ଏହି ଶୈଳୀର ବୀରଶିଳା ଖିଚିଂ ନିକଟସ୍ଥ ଦୋମୁହାଣୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ଜୟପୁରରେ ମଧ୍ୟ ଦେଖିବାକୁ ମିଳୁଥିବାରୁ ଏହାକୁ "ମୟୂରଭଞ୍ଜ ଶିଳ୍ପ ଶୈଳୀ' ଭାବେ ଚିହ୍ନିତ କରାଯାଇଛି। ମୟୂରଭଞ୍ଜର ସାମରିକ ଇତିହାସରେ ଏହା ପ୍ରଥମ ଲିପିବଦ୍ଧ ବୀରଶିଳା ହୋଇଥିବାରୁ ଏହା ଏକ ବିଶେଷ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି କ୍ଷେତ୍ର ଅନୁସନ୍ଧାନରେ ଗବେଷକଙ୍କ ସହ ମୃତ୍ୟୁଞ୍ଜୟ ଗୋପାଳ, ସହକାରୀ କୃଷି ଅଧିକାରୀ ବିଶ୍ୱଭୂଷଣ ଘୋଷ, ଅଧ୍ୟାପକ ସମୀର ନାଏକ ଓ ରାହୁଲ ବେହେରା ସହଯୋଗ କରିଥିଲେ।

ହିଞ୍ଜିଳିରେ ବିଜେଡିର...

ଉପୁଜିଛି ବୋଲି ବିଜେଡି ପକ୍ଷରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଛି। ବିଜେଡିର ଏହି ପ୍ରତିନିଧି ଦଳ ସହିତ ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ସମେତ ପ୍ରତାପ ଜେନା, ପୂର୍ବତନ ବିଧାୟକ ସୁବାସ ସୁବାସ ବେହେରା, ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ଭୃଗୁ ବକ୍ସିପାତ୍ର, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ,ରଂଜିତା ସାହୁ, ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ହିଞ୍ଜିଳିକାଟୁ ପୌରପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ହିଞ୍ଜିଳିକାଟୁ ପୌରପରିଷଦ ବିଧାୟକ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ହିଞ୍ଜିଳିକାଟୁ ନଗର ବିଜେଡି ସଭାପତି ହୃଦୟାନନ୍ଦ ମହାପାତ୍ର,ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିଭୁ ପ୍ରସାଦ ପଣ୍ଡା, ତରୁଣ କୁମାର ପଣ୍ଡା,ନୀଳମଣି ପଟ୍ଟନାୟକ,ଯୁଧିଷ୍ଠିର ସ୍ୱାଇଁ,କିରଣ କୁମାର ପଟ୍ଟନାୟକ,ଙ୍କ ସମେତ ବହୁ ବହୁ ସ୍ଥାନୀୟ ନେତୃମଣ୍ଡଳୀ ଓ କର୍ମୀ ଉପସ୍ଥିତ ଥିଲେ।

ଅଧ୍ୟକ୍ଷାଙ୍କ ବହିଷ୍କାର...

ବିକ୍ଷୋଭରେ ସାମିଲ୍ ରହିଥିଲେ। ବ୍ଲକ୍ ପରିସରରେ ଏଭଳି ଉତ୍ତେଜନା ଦେଖି ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ସୂଚନାଯୋଗ୍ୟ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ବିଜେଡି ଛାଡ଼ି କିଛି ମାସ ତଳେ ବିଜେପିରେ ମିଶିଥିଲେ। ଆଉ ବ୍ଲକ୍‌ର ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟରେ ତାଙ୍କୁ ଅଣଦେଖା କରାଯିବା ଏପରିକି ବିଜିବିଓ ପ୍ରକଳ୍ପରେ ପଞ୍ଚାୟତିରାଜ ବିଭାଗର ଗାଇଡ୍ ଲାଇନ୍‌କୁ ଉଲ୍ଲଂଘନ କରି ଗ୍ରାମସଭାରୁ ଯାଇଥିବା ଅଧ୍ୟକ୍ଷାଙ୍କ ସୁପାରିସ୍‌କୁ ବେଖାତିର୍ କରି କମିଟି ମାଧ୍ୟମରେ ପ୍ରକଳ୍ପ ଚୟନ କରିବାକୁ ନେଇ ଅଧ୍ୟକ୍ଷା ଉର୍ମିଳା ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଭଦ୍ରକ ଜିଲ୍ଲା ପରିଷଦ ପଦସ୍ଥ ଅଧିକାରୀଙ୍କ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରିବା ସହ ମଧ୍ୟବର୍ତ୍ତୀ ଆଦେଶର ପରବର୍ତ୍ତୀ ତାରିଖ ଯାଏ ଉକ୍ତ ଯୋଜନାର କୌଣସି ପ୍ରକଳ୍ପ ଆଗକୁ ନିର୍ଦ୍ଦେଶ ଦେଇଥିଲେ। ଅଥଚ ବିଜେପିରେ ଥାଇ ଭଦ୍ରକ ବ୍ଲକ୍‌ର ବିକାଶମୂଳକ କାର୍ଯ୍ୟ ଉପରେ ହାଇକୋର୍ଟରେ ମାମଲା ରୁଜୁ କରି କାର୍ଯ୍ୟର ରହିତାଦେଶ ଜାରି କରିଥିଲେ। ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳାଙ୍କ ଏଭଳି ଦଳ ବିରୋଧୀ କାର୍ଯ୍ୟରେ ପ୍ରତିବାଦ କରି ଶନିବାର ଶହ ଶହ ବିଜେପି କର୍ମୀ ଓ ଭଦ୍ରକ ବିଜେପି ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସମର୍ଥକମାନେ ବ୍ଲକ୍ ଅଧ୍ୟକ୍ଷାଙ୍କୁ ବିରୋଧ କରି ପ୍ରତିବାଦ ସଭା କରିବା ସହ ବ୍ଲକ୍ ଆଗରେ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ବିଜେପି ଦଳରେ ରହି ଦଳ ବିରୋଧୀ କାର୍ଯ୍ୟ କଲେ ଦଳରୁ ବହିଷ୍କାର କରାଯାଉ ବୋଲି ଦାବି କରିଥିଲେ। ଶନିବାର ଏହି ଘଟଣାକୁ ନେଇ ଦିନ ତମାମ ଭଦ୍ରକ ବ୍ଲକ୍ ପରିସରରେ ଉତ୍ତେଜନା ଲାଗି ରହିଛି। ଉଲ୍ଲେଖ ଥାଉ କି, ଭଦ୍ରକ ବ୍ଲକ୍‌ରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବାବେଳେ ଏହି ଘଟଣା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ପିସି କାରବାର ଓ ବ୍ୟାପକ ଦୁର୍ନୀତି ନେଇ ଖୋଳତାଡ଼ ହେଲେ ଅନେକ ତଥ୍ୟ ପଦାକୁ ଆସିପାରିବ। ଭଦ୍ରକ ବ୍ଲକ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିବାବେଳେ ଏହି ବ୍ଲକ୍‌ରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ଏବେ ବ୍ଲକ୍ ଅଧ୍ୟକ୍ଷା ମାମଲା ରୁଜୁ କରି ବିଜେପି ଦଳରେ ରହି ଦଳୀୟ ବିଧାୟକ ଶ୍ରୀ ମହାପାତ୍ରଙ୍କୁ ଓ ରାଜ୍ୟ ସରକାରଙ୍କୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ଉର୍ମିଳାଙ୍କ ପଛରେ କିଏ ରହିଛି ବୋଲି ବିଜେପି ନେତାମାନେ ପ୍ରଶ୍ନ ଉଠାଇଥିବାବେଳେ ଏବେ ଭଦ୍ରକ ବିଜେପି ଦୁଇ ଫାଳ ହୋଇଯାଇଛି। ଉର୍ମିଳାଙ୍କୁ ବିଜେପି ଦଳରୁ ବହିଷ୍କାର କରାଯାଉ ବୋଲି ବହୁ ବିଜେପି ନେତା ଦାବି କରିଛନ୍ତି।

କଲେଜ ଛାତ୍ରୀଙ୍କୁ...

ବାରିପଟେ ରକ୍ତ ଦାଗ ଦେଖିବାକୁ ମିଳିଥିଲା। ଏହାକୁ ନେଇ ପରିବାର ଓ ପଡ଼ୋଶୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତୁରନ୍ତ ମାର୍ଶାଘାଇ ଥାନାରେ ଖବର ଦିଆଯିବା ସହ ରାତିସାରା ଖୋଜାଖୋଜି ଜାରି ରହିଥିଲା। ମାତ୍ର ସସ୍ମିତାଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଆଜି ସକାଳେ ଘରଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ଏକ ଦଳପୂର୍ଣ୍ଣ ପୋଖରୀରେ ସସ୍ମିତାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଠାବ କରାଯାଇଥିଲା। ଏହାପରେ ଗ୍ରାମରେ ଉତ୍ତେଜନାର ପରିବେଶ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଏକତରଫା ପ୍ରେମ ଓ ବିବାହ ପାଇଁ ଚାପକୁ ନେଇ ମୃତା ଛାତ୍ରୀଙ୍କ ପରିବାର ପକ୍ଷରୁ ଗୁରୁତର ଅଭିଯୋଗ ଆସିଛି।

ମୃତାଙ୍କ ମାଆଙ୍କ କହିବା ଅନୁଯାୟୀ, ମାର୍ଶାଘାଇ ଅଞ୍ଚଳର ଜଣେ ଯୁବକ ଅଜିତ ମହାନ୍ତି ପୂର୍ବରୁ ସସ୍ମିତାଙ୍କୁ ଏକତରଫା ପ୍ରେମ କରିବା ସହ ହଇରାଣ କରୁଥିଲେ। ବିବାହ ପାଇଁ ଚାପ ପକାଉଥିଲେ। ସସ୍ମିତା ଏଥିରେ ରାଜି ନ ହେବାରୁ ଉକ୍ତ ଯୁବକ ଘରକୁ ଆସି କ୍ଷମା ମାଗିଥିବା ମଧ୍ୟ ସେ କହିଛନ୍ତି। ଝିଅର ମୃତ୍ୟୁ ପଛରେ ଉକ୍ତ ଯୁବକଙ୍କ ସମ୍ପୃକ୍ତି ଥିବା ପରିବାର ଓ ସମ୍ପର୍କୀୟ ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଅଭିଯୋଗର ସତ୍ୟତା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣାକୁ ନେଇ ମାର୍ଶାଘାଇ ଥାନାରେ ହତ୍ୟା ସନ୍ଦେହରେ ମାମଲା ରୁଜୁ ହୋଇଛି। ବୈଜ୍ଞାନିକ ଦଳ ଓ ସନ୍ଧାନୀ କୁକୁରର ସହାୟତାରେ ପୁଲିସ ତଦନ୍ତକୁ ଜୋରଦାର କରିଛି। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼ଙ୍କ ଉପସ୍ଥିତିରେ ଥାନାଧିକାରୀ ତପନ ନାୟକଙ୍କ ତତ୍ତ୍ୱାବଧାନରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଧରିତ୍ରୀ ଜେନା ଓ ଏସ୍‌ଆଇ ପ୍ରବୀଣ କାନ୍ଦୁଆଲା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି ଓ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ କହିଛନ୍ତି। ଅନ୍ୟପକ୍ଷରେ ଗତକାଲି କୁଦାନଗରୀ ଥାନା ଅନ୍ତର୍ଗତ ଆଇତିପୁର ପଞ୍ଚାୟତର ମହାରକୁଳ ଅଞ୍ଚଳର ଲୁଣା ନଦୀବନ୍ଧ ରାସ୍ତାକଡ଼ରୁ ଜଣେ ଅଜଣା ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ହୋଇଥିଲା। ଏହି ଦୁଇଟି ଘଟଣା ଜିଲ୍ଲାରେ ମହିଳାଙ୍କ ସୁରକ୍ଷାକୁ ନେଇ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି।

TENDER NOTICE

Ref No. SDCCB/FAD/3165 Date : 31.10.2026

Sealed tenders under Two-Bid System (Technical & Financial Bid) are invited from registered reputed & registered Architectural & Interior Designing firms for complete **Interior Furnishing, Electrical, Networking & Civil works at Fertilizer Township Branch & Onsite ATM, Rourkela.**

SCHEDULE DETAILS:

Mandatory Site Visits	:	31.10.2026 to 13.11.2026 (During Business Hours)
Last Date for Bid Submission	:	16.11.2026 by 5.00 PM
Date of Bid Opening	:	17.11.2026
EMD	:	₹ 20,000/- (Rs. Twenty Thousand)
Eligibility Criteria	:	Min. Avg. Annual Turnover of Rs. 50.00 Lakhs during last FYs & 1 similar completed work of min. Rs. 20.00 Lakhs in last 5 yrs.

For detailed RFP doc, terms & conditions & eligibility criteria, please visit website: **www.sdccbsng.bank.in**
The undersigned reserves the right to modify, alter or reject the Tender Notice/Tender process, fully or partially, without assigning any reason thereof.

Sd/-
Chief Executive Officer
(The Sundargarh District Central Co-operative Bank Ltd.)
Regent Market, Main Road, Sundargarh

'e' PROCUREMENT NOTICE NO. 16 / 2026-27

25001/1424/2627

1.	Name of work.	:	**Road Work**
2.	Total No. of Work.	:	**01 (One) work.**
3.	Estimated Cost.	:	**Rs. 36.97 lakhs.**
4.	Period of Completion.	:	**03 (Three) Calendar Months.**
5.	Class of contractors.	:	**'C' & 'B' Class.**

Other details as follows:

a)	Procurement officer.	:	**Superintending Engineer, Rural Works Division, Kataka.**
b)	Availability of tender online for bidding.	:	**From dt. 04.11.2026 at 11.00 A.M. to dt. 17.11.2026 up to 5.00 P.M.**
c)	Last date & time of seeking of tender clarification.	:	**dt. 16.11.2026 up to 5.00 P.M.**
d)	Date & Time of Opening of Tender.	:	**dt. 18.11.2026 at 11.00 A.M.**

Further details can be seen from the Govt. website **www.tendersodisha.gov.in**

Superintending Engineer
Rural Works Division
Kataka

OIPR-25001/25053/1/26-27/0018

34001/1080/2627

GOVERNMENT OF ODISHA
e-PROCUREMENT NOTICE
WORKS DEPARTMENT
Bid Identification No. S.E. CBT (R&B) 11/2026-27
charbatiadivision01@gmail.com

i.	Name of the work	:	**Barricading works-01 No.**
ii.	Estimated cost	:	**Rs. 26,46,170/-**
iii.	Period of completion	:	**07 Days**
iv.	Date & time of availability of Bid documents in the portal	:	**from 10.00 AM of 02.11.2026 to 09.11.2026 up to 5.00 PM for 'online' bidding**
v.	Last date/ time for receipt of Bids in the portal	:	**09.11.2026 up to 5.00 PM.**
vi.	Name and address of the officer inviting Bid	:	**Superintending Engineer, Charbatia (R&B) Division, Choudwar**

Further details can be seen from the e-procurement portal **http://www.tendersorissa.gov.in.**
Any addendum/ corrigendum/ cancellation of tender can also be seen in the said website.

Superintending Engineer
Charbatia (R&B) Division

OIPR-34001/34092/1/26-27/0007

OFFICE OF THE MUNICIPAL COUNCIL GUNUPUR
E-Mail ID : gunupur.mun@gmail.com 13001/2313/2627

Letter No. **2600** Dated: **30.10.2026**

CORRIGENDUM - 1
EXTENSION OF BID SUBMISSION DATE
Quotation Call Notice Ref. No. 2539 / dated 15.10.2026

Due to unavoidable circumstances, the bid submission date in connection with Quotation Call Notice Ref. No. 2539 dated 15.10.2026 has been extended up to **5.00 PM on 12.11.2026**. Hence the bid documents completed in all respect should reach to the undersigned on or before 5.00 PM on 12.11.2026 by regd post/ Speed post only and the quotation shall be opened on **13.11.2026** at **11.00 AM** in the office of the Municipal Council, Gunupur in presence of the bidders or their authorized representatives. The bid document can be obtained from the office of Gunupur Municipality by paying a non-refundable bid document processing fees **Rs.500/-** (Rupees five hundred only) or by furnishing a DD from any scheduled commercial Bank or any nationalized bank drawn in favour of Executive Officer, Gunupur Municipality during the office hours on or before dt: 11.11.2026. Other contents of Quotation Call Notice remain unchanged.

Executive Officer
Gunupur Municipality

OIPR-13001/13104/1/26-27/0006

QUOTATION CALL NOTICE FOR ENGAGEMENT OF TAPA BOAT FOR SEA PATROLLING DURING 2026-27 SEASON FOR PROTECTION OF SEA TURTLE

8001/425/2627 **Notice No. 03 Dated 30.10.2026**

Sealed quotations in Plain paper / letter head are invited from the intending owners having more than one Tapa boat with valid license for "Engagement on hire basis by the undersigned for sea turtle protection duty during 2026-27". The period of engagement shall normally be from **15th November'2026** to **31st March'2027**. The owners are to quote the monthly hire charges inclusive of all taxes. The cost of fuel will be borne by this Division. The details of term and condition for engagement of Tapa boat are at Annexure-A.

The last date of receipt of sealed quotations is **12th November'2026 till 11 AM** in the O/o the Divisional Forest Officer, Chilika Wildlife Division, Balugaon at Gopinathpur, Balugaon. Opening of Quotations will be on **12th November'2026 at 12 PM** in O/o the Divisional Forest Officer, Chilika Wildlife Division, Balugaon.

The undersigned reserves the right to cancel or reject any or all quotations without assigning any reason thereof.

Divisional Forest Officer
Chilika Wildlife Division

OIPR-8001/8015/1/26-27/0006

NOTICE

By virtue of an affidavit sworn before The Executive Magistrate Salepur ,Cuttack, dated 18.09.2026 I, Chou Sukanti Praharaj , D/O-Harekrushna Mohapatra, Address At-Jhadeswarpur,Post-Jhadeswarpur, PS -Mahanga, Dist - Kataka,Odisha declare that I have changed my name from CHOU SUKANTI PRAHARAJ to SUKUTI PRAHARAJ .Henceforth, I shall be known as **SUKUTI PRAHARAJ** for all purposes.

CHOU SUKANTI PRAHARAJ

ଆବଶ୍ୟକ

ଝାରପୋଖରିଆ ଟୋଲ୍ ପ୍ଲାଜା, ମୟୂରଭଞ୍ଜ, ଓଡ଼ିଶା ଠାରେ ଅବସରପ୍ରାପ୍ତ କର୍ମଚାରୀ ଏବଂ ଅବସରପ୍ରାପ୍ତ ସୁରକ୍ଷା କର୍ମଚାରୀ (ଅସ୍ତ୍ର ଲାଇସେନ୍ସପ୍ରାପ୍ତ) ଆବଶ୍ୟକ।

ଯୋଗାଯୋଗ
8130006980

WANTED

Retired Employees and retired security personnel (holding arms licenses) are required at Jharpokharia Toll Plaza, Mayurbhanj, Odisha.

Contact
8130006980

AFFIDAVIT

By virtue of an affidavit sworn before the Executive Magistrate, Sohela CF No. 01 Dated 30.10.2026, I, Uma Dishree, D/O -Sudarshan Dishree, R/O Vill. Marekel, PO.-Tungibandhali, PS.-Sohela, Dist.: Bargarh-768033 declare that, the date of my birth wrongly mentioned in the Aadhar Card as dated 07.03.2003. But the actual date of Birth is **30.08.2002**. That I have changed my name from **Lijarani Dishri** to **Uma Dishree**. Henceforth I shall be known as **Uma Dishree** for all future purposes.

AFFIDAVIT

By virtue of an affidavit sworn before Executive Magistrate Bhubaneswar on Dated 29/10/2026, I, **AMRITA MISHRA**, D/o Gouranga Mishra resident of AT- Plot No: 250, Lane-4, Near Sum Hospital, Bharatpur, Baramunda, Bhubaneswar, Dist.- Khordha, PIN- 751003, Odisha, declare that I have changed my name from **ANITA MISHRA (Old Name)** to **AMRITA MISHRA (New Name)**. Henceforth, I shall be known as **AMRITA MISHRA** for all purposes.

Sd/- **AMRITA MISHRA**

AFFIDAVIT

By virtue of an affidavit sworn before the Notary Public, Bhubaneswar, dated 26.10.2026, I, Lovely Digal, D/o Dushasan Digal, At/PO-Bhrungijodi, PS-Phiringia, Dist-Kandhamal, Odisha-762011, declare that my father's correct name is Dushasan Digal, as mentioned in his Aadhaar Card and PAN Card, but it has been erroneously recorded as Dushason Digal in my 10th Pass Certificate. That Dushasan Digal and Dushason Digal refer to one and the same person, i.e. my father.

AFFIDAVIT

I, Akshya Kumar Dhal, aged about 45 years, S/o- Damodar Dhal, resident of At/Po- Alapua, Ps- Pattamundai, Dist- Kendrapara, Odisha, PIN- 754214, do hereby declare by this affidavit No.12, dtd- 22/10/2026, that now onwards I shall be known as **AKSHAYA KUMAR DHAL** for all future purposes.

ଧୂଷୁରୀ ଡାକ୍ତରଖାନାରେ ମହିଳାଙ୍କ ମୃତ୍ୟୁ; ଚିକିତ୍ସାକୁ ନେଇ ପ୍ରଶ୍ନ

ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର

ବେତାଳିଗାଁ,୩୧।୧୦(ସମିସ)

ଧାମନଗର ବ୍ଲକ୍ ଅନ୍ତର୍ଗତ ଧୂଷୁରୀ ଆଞ୍ଚଳିକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ୬୦ ବର୍ଷୀୟା ମହିଳାଙ୍କ ମୃତ୍ୟୁକୁ ନେଇ ଚିକିତ୍ସା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଚିକିତ୍ସାରେ ଅବହେଳା ହୋଇଥିବା ନେଇ ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଥିବାବେଳେ ଔଷଧ ଓ ଇଞ୍ଜେକ୍ସନ ଯୋଗାଣକୁ ନେଇ ମଧ୍ୟ ପରିବାର ଓ ଡାକ୍ତରଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଛି। ମୃତ ମହିଳା ଜଣକ ହେଲେ ଧାମନଗର ବ୍ଲକ୍ ରାଇପୁର ପଞ୍ଚାୟତ ଅନ୍ତର୍ଗତ ରାଇପୁର ଗ୍ରାମର ନକୁଳ ବିଶ୍ୱାଳଙ୍କ ପତ୍ନୀ ସ୍ୱର୍ଣ୍ଣଲତା ବିଶ୍ୱାଳ (୬୦)।

ପରିବାର ଲୋକଙ୍କ କହିବା ଅନୁଯାୟୀ, ରାତି ପ୍ରାୟ ୪ଟାରେ ସ୍ୱର୍ଣ୍ଣଲତାଙ୍କର ହଠାତ୍ ପେଟ ଓ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଧୂଷୁରୀ ଆଞ୍ଚଳିକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡ୍ୟୁଟିରେ ଥିବା ଜଣେ ଆୟୁଷ ଡାକ୍ତର ତାଙ୍କର ଚିକିତ୍ସା କରୁଥିବା ସମୟରେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ପୁଅ, ଦିଅର ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଡ୍ୟୁଟିରେ ଥିବା ଡାକ୍ତର ଶୋଇଥିବାରୁ ତାଙ୍କୁ ବାରମ୍ବାର ଡାକିବାକୁ ପଡ଼ିଥିଲା। ଡାକ୍ତର ଉଠିବା ପରେ ଚିକିତ୍ସା ଆରମ୍ଭ ହେବାରେ ବିଳମ୍ବ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ବିଳମ୍ବ ଯୋଗୁଁ ମହିଳାଙ୍କ ଜୀବନ ରକ୍ଷା ହୋଇପାରିଲା ନାହିଁ ବୋଲି ପରିବାର ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଚିକିତ୍ସା ସମୟରେ ଡାକ୍ତରଖାନାରୁ ଔଷଧ ନ ମିଳିବାରୁ ନିକଟସ୍ଥ ଏକ ଔଷଧ ଦୋକାନରୁ



ଔଷଧ ଓ ଇଞ୍ଜେକ୍ସନକୁ ନେଇ ଡାକ୍ତରଙ୍କ ସହ ଭିନ୍ନ ମତ

ଔଷଧ ଓ ଇଞ୍ଜେକ୍ସନ କିଣିବାକୁ କୁହାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଦୋକାନରୁ ଔଷଧ କିଣାଯିବା ସହ ଦୋକାନୀ ଇଞ୍ଜେକ୍ସନ ଦେଇଥିବା ସେମାନେ କହିଛନ୍ତି। ଏଥିସହ ଔଷଧ ଦୋକାନର ବିଲ୍ ମଧ୍ୟ ଦେଖାଇଛନ୍ତି। କିନ୍ତୁ ଡାକ୍ତରଙ୍କ ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି।

ଡାକ୍ତରଙ୍କ କହିବା ଅନୁଯାୟୀ, ଔଷଧ ଡାକ୍ତରଖାନାରୁ ହିଁ ନିଆଯାଇଥିଲା ଏବଂ ଇଞ୍ଜେକ୍ସନ ସେ ନିଜେ ଦେଇଥିଲେ। ଘଟଣାକୁ ନେଇ ଡାକ୍ତରଖାନା ପରିସରରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗିରହିଥିଲା। ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ନ ହେବା ପାଇଁ ଧୂଷୁରୀ ପୁଲିସ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଖବର ପାଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ମନ୍ମଥ ସାମନ୍ତସିଂହାର ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ଏହି ଘଟଣା ପରେ ରାତିରେ ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା ଏବଂ ଔଷଧ ଯୋଗାଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ହଜାର ହଜାର ଲୋକଙ୍କ ଚିକିତ୍ସା ନିମନ୍ତେ ନିର୍ଭରଯୋଗ୍ୟ ଧୂଷୁରୀ ଆଞ୍ଚଳିକ ଡାକ୍ତରଖାନାରେ ରାତି ସମୟରେ ଜରୁରୀକାଳୀନ ଚିକିତ୍ସା ଦାୟିତ୍ୱରେ ଆୟୁଷ ଡାକ୍ତର ରହୁଥିବା ବ୍ୟବସ୍ଥାକୁ ନେଇ ମଧ୍ୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସରକାରୀ ଡାକ୍ତରଖାନାରେ ମାଗଣା ଔଷଧ ଯୋଗାଣ ବ୍ୟବସ୍ଥା ଥିବା ସତ୍ତ୍ୱେ ରୋଗୀଙ୍କୁ ବାହାରୁ ଔଷଧ କିଣିବାକୁ ପଡୁଥିବା ଅଭିଯୋଗ ଏହି ପ୍ରଶ୍ନକୁ ଆହୁରି ଗୁରୁତ୍ୱ ଦେଇଛି। ତେବେ ସ୍ୱର୍ଣ୍ଣଲତାଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ ଏବଂ ଚିକିତ୍ସାରେ କୌଣସି ଅବହେଳା ହୋଇଥିଲା କି ନାହିଁ, ତାହାର ନିରପେକ୍ଷ ତଦନ୍ତ ପରେ ସ୍ପଷ୍ଟ ହେବ। ଔଷଧ ଦୋକାନର ବିଲ୍, ଡାକ୍ତରଖାନାର ଔଷଧ ରେକର୍ଡ ଓ ଚିକିତ୍ସା ସମ୍ପର୍କିତ ତଥ୍ୟ ଯାଞ୍ଚ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହ ରାତିର ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସାଧାରଣରେ ଦାବି ହେଉଛି।

ମହିଳାଙ୍କୁ ଅପହରଣ ଅଭିଯୋଗରେ ବାବା ଥାନାରେ ଅଟକ

ଦୋବଲ,୩୧।୧୦(ସମିସ): ଯାଜପୁର ଜିଲ୍ଲା ରାମବାଗ ଅଞ୍ଚଳର ଜନୈକା ମହିଳାଙ୍କୁ ଧାମନଗର ଥାନା ଦୋବଲ ପଞ୍ଚାୟତର ସାପକାଟିଆ ମଠର ସିପୁନୁ ସାହୁ(ବାବା) ଅପହରଣ କରିବା ଅଭିଯୋଗରେ ଧାମନଗର ପୁଲିସ ଉକ୍ତ ବାବାଙ୍କୁ ଧାମନଗର ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଅଗଷ୍ଟ ମାସରୁ ମହିଳା ଜଣକ ନିଖୋଜ ଅଛନ୍ତି। ପୂର୍ବରୁ ଏନେଇ ରାମବାଗ ଫାଣ୍ଡିରେ ଏକ ନିଖୋଜ ଏତଲା ଦିଆଯାଇଥିଲା। ତେବେ ପରିବାର ପକ୍ଷରୁ ସନ୍ଦେହ କରାଯାଉଛି ଯେ ସିପୁନୁ ବାବା ଏହି ଘଟଣା ସମ୍ପର୍କରେ ସବୁକିଛି ଜାଣିଛନ୍ତି ଏବଂ ଗତ ୩ ମାସ ଧରି ସେ ନିଜ ମଠ ଛାଡ଼ି ଫେରାର୍ ରହିଥିଲେ। ମାତ୍ର ପରିବାର ଲୋକ ସିପୁନୁ ବାବାଙ୍କ ମଠକୁ ଯାଇଥିବାବେଳେ ସେଠାରେ ବାବାଙ୍କ ସହିତ ସାକ୍ଷାତ୍ ହୋଇଥିଲା। କିନ୍ତୁ ବାବା ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଅନେକ ପଚରାଉଚରା କରାଯାଇଥିଲା। ବାବା ଓ ତାଙ୍କ ସହଯୋଗୀମାନେ ବିଭିନ୍ନ ପ୍ରକାର ହତ୍ୟା ଧମକ ଓ ଭୟଭୀତ କରୁଥିବାରୁ, ଧାମନଗର ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାବାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଉକ୍ତ ଘଟଣା ଯାଜପୁର ଜିଲ୍ଲାର ଅପହରଣ କେସ୍ ହୋଇଥିବାରୁ ସମ୍ପୃକ୍ତ ବାବାଙ୍କୁ ଯାଜପୁର ଥାନାକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାସ କହିଛନ୍ତି। ପ୍ରକାଶ ଥାଉ କି, ଏହି ବାବାଙ୍କ ଘର ଭଣ୍ଡାରିପୋଖରୀ ଥାନା ଅଙ୍କୁଲିକଣାରେ ସେ ପ୍ରଥମେ ଭଣ୍ଡାରିପୋଖରୀ ବଜାରରେ ଏକ ଗ୍ୟାରେଜ୍‌ରେ କାମ କରୁଥିବାବେଳେ ଅପହରଣ ହୋଇଥିବା ମହିଳାଙ୍କୁ ଅବିବାହିତ ବେଳେ ଭଲ ପାଉଥିଲେ। କିନ୍ତୁ ସେଠାରେ ପ୍ରେମରେ ବିଫଳ ହୋଇ ପରିବାର ଲୋକଙ୍କଠାରୁ ମାଡ଼ ଖାଇ ଫେରାର୍ ହୋଇଥିଲେ। ପରବର୍ତ୍ତୀ ସମୟରେ ସିପୁନୁ ସାହୁ ସାପକାଟିଆ ମଠରେ ବାବା ହୋଇ ରହିଥିଲେ। ପ୍ରତିଶୋଧ ପରାୟଣ ହୋଇ ଉକ୍ତ ବିବାହିତ ମହିଳାଙ୍କୁ ଅପହରଣ କରିଛନ୍ତି ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। କିନ୍ତୁ ବାବା ଏହାକୁ ମିଥ୍ୟା ବୋଲି କହିଛନ୍ତି।

ଓଲଙ୍ଗ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ



ଭଦ୍ରକ,୩୧।୧୦(ସମିସ): ଓଲଙ୍ଗସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ମୋଟ୍ ୭୨ଟି ବିଜ୍ଞାନ ପ୍ରକଳ୍ପ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପଗୁଡ଼ିକ ମଧ୍ୟରେ ପରିବେଶ ସୁରକ୍ଷା, ଅକ୍ଷୟ ଶକ୍ତି, ଜଳ ସଂରକ୍ଷଣ, ମହାକାଶ ବିଜ୍ଞାନ, କୃଷି, ପ୍ରଯୁକ୍ତି ବିଦ୍ୟା ଏବଂ ଦୈନନ୍ଦିନ ଜୀବନରେ ବିଜ୍ଞାନର ବ୍ୟବହାର ଭଳି ବିଷୟ ଅନ୍ତର୍ଭୁକ୍ତ ହୋଇଥିଲା। ପ୍ରତ୍ୟେକ ପ୍ରକଳ୍ପ ପଛରେ ପିଲାମାନଙ୍କ କଠିନ ପରିଶ୍ରମ, ଶିକ୍ଷକମାନଙ୍କ ମାର୍ଗଦର୍ଶନ ଓ ବୈଜ୍ଞାନିକ ଚିନ୍ତାଧାରା ସ୍ପଷ୍ଟ ବାରି ହେଉଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଖଗେଶ୍ୱର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ୍ ବିଜ୍ଞାନ ପର୍ଯ୍ୟବେକ୍ଷକ ବୈକୁଣ୍ଠ ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେମାନେ ପ୍ରତ୍ୟେକ ପ୍ରକଳ୍ପ ବୁଲି ଦେଖିବା ସହ ପିଲାମାନଙ୍କ ଜିଜ୍ଞାସାର ଉତ୍ତର ଦେଇଥିଲେ। ପ୍ରକଳ୍ପଗୁଡ଼ିକର ନିରପେକ୍ଷ ମୂଲ୍ୟାଙ୍କନ ପାଇଁ ଚାରିଜଣିଆ ବିଚାରକ ମଣ୍ଡଳୀ ଗଠନ କରାଯାଇଥିଲା। ଏଥିରେ ଓଏଭି ଧାମନଗରର ବିଜ୍ଞାନ ଶିକ୍ଷକ ପ୍ରଦୀପ ଜେନା, ଓଏଭି ବନ୍ତର ଜୀବ ବିଜ୍ଞାନ ଶିକ୍ଷକ ଅବିନାଶ ତ୍ରିପାଠୀ, ଓଏଭି ଓଲଙ୍ଗର ପଦାର୍ଥ ବିଜ୍ଞାନ ଶିକ୍ଷକ ଟୁନ୍‌ଟୁନ୍ ଶାହା ଏବଂ ଗଣିତ ଶିକ୍ଷକ ବିନୟ ବିନ୍ଦୁସାଗର ବେହେରା ଉପସ୍ଥିତ ଥିଲେ। କେବଳ ପ୍ରକଳ୍ପ ପ୍ରଦର୍ଶନ ନୁହେଁ, ଏହି ଦିନକୁ ଅଧିକ ରୋଚକ କରିବା ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ସୁମିତ୍ର ବେହେରାଙ୍କ ଦ୍ୱାରା ଏକ ଜ୍ଞାନବର୍ଦ୍ଧକ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା ଯେଉଁଥିରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଭାଗ ନେଇଥିଲେ। ଏହା ସହ ଶିଖା ସ୍ୱରୂପା ନାୟକ ଓ ବରିଷ୍ଠ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଜ୍ଞାନ ଯାଦୁ ପ୍ରଦର୍ଶନ କରାଯାଇ ବିଜ୍ଞାନର ଚମତ୍କାରିତାକୁ ସରଳ ଭାବେ ବୁଝାଯାଇଥିଲା। ସମଗ୍ର ବିଜ୍ଞାନ ପ୍ରଦର୍ଶନୀକୁ ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ବଳ ଅତି ନିଷ୍ଠାର ସହ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ କାଦମ୍ବରୀ କରଶର୍ମା ସଞ୍ଚାଳନା କରିଥିଲେ।

ନିର୍ମାଣାଧୀନ ରାସ୍ତାରେ ଅଘଟଣ; ଅଳ୍ପକେ ବର୍ତ୍ତିଲେ ନାବାଳକ

ଠିକାଦାରଙ୍କ କାର୍ଯ୍ୟଶୈଳୀକୁ ନେଇ ଗ୍ରାମବାସୀ ଅସନ୍ତୁଷ୍ଟ



ଧାମନଗର,୩୧।୧୦(ସମିସ): ଧାମନଗର ବ୍ଲକ୍ ଭଗବାନପୁର ପଞ୍ଚାୟତ ଅଧୀନସ୍ଥ ଅନହରପୁର ରାଜସ୍ୱ ମୌଜାର ତେନ୍ତୁଳିପୋଖରୀ ଗାଁରେ ରାସ୍ତା ନିର୍ମାଣ ଚାଲିଥିବାବେଳେ ଯାତାୟାତ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଘଟିଛି ଏକ ଅଘଟଣ। ଗ୍ରାମର ପରୀକ୍ଷିତ ଜେନାଙ୍କ ୧୨ବର୍ଷୀୟ ପୁଅ ଜନ୍ମେଜୟ ଜେନା ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ବୁଦ୍ଧିରାମ ଜେନାଙ୍କ ପୁଅ ଧନେଶ୍ୱର ଜେନା ତାଙ୍କୁ ତୁରନ୍ତ ଧାମନଗର ମେଡିକାଲକୁ ନେଇ ଯାଉଥିଲେ। ତେବେ ଗ୍ରାମର ମୁଖ୍ୟ ରାସ୍ତାରେ ବ୍ଲକ୍ ପକ୍ଷରୁ ଅନୁମୋଦିତ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ରାସ୍ତା ଉପରେ ବାଲି ଓ ଚିପ୍ସ ପଡ଼ି ରହିଥିଲା। ଏଥିଯୋଗୁଁ ଭାରସାମ୍ୟ ହରାଇ ସେମାନେ ନିକଟସ୍ଥ ଜଳାଶୟରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ନାବାଳକଙ୍କୁ ଧାମନଗର ମେଡିକାଲ ପଠାଇଥିଲେ। ନିର୍ମାଣାଧୀନ ରାସ୍ତାରେ ସତର୍କ ସୂଚନାଫଳକ ନ ଥିବାବେଳେ ବ୍ୟାରିକେଡ୍ କିମ୍ବା ବିକଳ୍ପ ଯାତାୟାତ ବ୍ୟବସ୍ଥା ନ କରି ସମ୍ପୂର୍ଣ୍ଣ ରାସ୍ତାକୁ ଅବରୋଧ କରି କାର୍ଯ୍ୟ କରାଯାଉଥିଲା। ଫଳରେ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲୋକଙ୍କ ସୁରକ୍ଷାକୁ ଅଣଦେଖା କରି କେଉଁ ପରିସ୍ଥିତିରେ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।

ସୂଚନାଯୋଗ୍ୟ, "ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ୨୦୨୬-୨୭ ଆର୍ଥିକ ବର୍ଷରେ ତେନ୍ତୁଳିପୋଖରୀ ଗ୍ରାମରେ ପକ୍କା ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ୩ ହଜାର ୬୫୦ ଟଙ୍କା ଅନୁମୋଦନ ହୋଇଛି। ତେବେ ନିର୍ମାଣ କାର୍ଯ୍ୟର ମାନ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏହି ଘଟଣାରେ ଚୈତନ୍ୟ ଜେନା, ଜୟନ୍ତୀ ଦଳେଇ, ବୁଦ୍ଧିରାମ ଜେନା, ସନାତନ ଦେହୁରୀ ଓ ଗୋଲାପୀ ଜେନାଙ୍କ ସମେତ ଗ୍ରାମବାସୀ ବ୍ଲକ୍ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି। ତେବେ ଏହି ଘଟଣାର ଫୋନ୍ ମାଧ୍ୟମରେ ଅଭିଯୋଗ କ୍ରମେ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ସ୍ଥାନୀୟ ସମିତିସଭ୍ୟ ସୂଚନା ଦେଇଛନ୍ତି।

ଆର୍‌ଆଇଙ୍କୁ ଆକ୍ରମଣ ଘଟଣା | ଥାନାରେ ମାମଲା; ତହସିଲ୍‌ରେ ସମାଧାନ

ଧାମନଗର,୩୧।୧୦(ସମିସ): ଗତ ୨୩ ତାରିଖ ଅପରାହ୍ଣରେ ଧାମନଗର ତହସିଲ୍ ଅଧୀନ ରଇପୁର ଆର୍‌ଆଇ କାର୍ଯ୍ୟାଳୟରେ ଉକ୍ତ ଅଞ୍ଚଳର ବିଦ୍ୟାଧର ରାଉତଙ୍କ ପୁତ୍ର ବସନ୍ତ ରାଉତ ଅଫିସରେ ପହଞ୍ଚି କାର୍ଯ୍ୟରତ ଆର୍‌ଆଇ ଶକ୍ତି ରଞ୍ଜନ ମଲ୍ଲିକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ସରକାରୀ କାଗଜପତ୍ର ଚିରି ନଷ୍ଟ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣା ଓ ଅଭିଯୋଗ କ୍ରମେ ଧୂଷୁରୀ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କୌଣସି ଉପାୟ ନ ପାଇ ବାଧ୍ୟ ହୋଇ ବସନ୍ତ ଗତ ୨୯ ତାରିଖରେ କ୍ଷମା ପ୍ରାର୍ଥନାର ଏକ ଲିଖିତ ଅନୁରୋଧ ପତ୍ର ଗାଁର ମୁରବି ଓ କେତେକ ମୁଖିଆଙ୍କ ସହ ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ଦ୍ୱାରସ୍ଥ ହୋଇଥିଲା। ଏହି ଅନୁରୋଧକୁ ଭିତ୍ତିକରି ତହସିଲଦାର ଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ପରିଦର୍ଶକ ଗିରିଶ ଚନ୍ଦ୍ର ନାୟକ ଓ ଧର୍ମପଦ ସାହୁଙ୍କ ତତ୍ତ୍ୱାବଧାନରେ ତହସିଲ୍ କାର୍ଯ୍ୟାଳୟ ପରିସରରେ ବଡ଼ବାବୁ ତପନ କୁମାର ଜେନା, ବରିଷ୍ଠ କିରାଣି ଅଭିରାମ ବେଉରିଆ, ରାଜସ୍ୱ ସହାୟକ ରାଜେଶ ମାଝୀ, ବାସୁଦେବ ପଣ୍ଡା, ରାଜସ୍ୱ ନିରୀକ୍ଷକ ବିକ୍ରମ ଦାସ, କିଶୋର ଚନ୍ଦ୍ର ମଲ୍ଲିକ, ନୀଳମାଧବ ବାରିକ, ଲଳିତ ବାରିକ, ଅଙ୍କିତ୍ ସୋରେନ, ଶୁଭଶ୍ରୀ ନାୟକ, କନ୍ଦ ମାରାଣ୍ଡି, ଦେବୀପ୍ରସନ୍ନ ବାରିକ, ଦେବାଶିଷ ମହାପାତ୍ରଙ୍କ ସମେତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଆର୍‌ଆଇ ଶକ୍ତି ରଞ୍ଜନ ମଲ୍ଲିକ ଏବଂ ଅଭିଯୁକ୍ତ ବସନ୍ତ ରାଉତ ଉଭୟ ପକ୍ଷଙ୍କୁ ନେଇ ବ୍ୟାପକ ଆଲୋଚନା କରି ନିଷ୍ପତ୍ତି ହେଲା ଯେ ସରକାରୀ ଅଫିସରେ ପଶି ଗଣ୍ଡଗୋଳ ଓ ଆକ୍ରମଣ କରିଥିବାରୁ ଦ୍ୱିତୀୟ ପକ୍ଷ ନିଜର ଭୁଲ୍ ସ୍ୱୀକାର କରି ପ୍ରଥମ ପକ୍ଷ ଶକ୍ତି ରଞ୍ଜନ ମଲ୍ଲିକଙ୍କୁ କ୍ଷମା ମାଗିବା ସହ ଭବିଷ୍ୟତରେ ଆଉ କୌଣସି ଗଣ୍ଡଗୋଳ କରିବିନି ବୋଲି ବସନ୍ତ ପ୍ରତିଶ୍ରୁତି ଦେବା ପରେ ସମାଧାନ ହୋଇଥିଲା। ଏହି ଆଲୋଚନା ଓ ସମାଧାନ ପତ୍ର ଥାନାରେ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

ଜାତୀୟ ଏକତା ଦିବସ ଶପଥପାଠ



ଭଦ୍ରକ,୩୧।୧୦(ସମିସ): ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶନିବାର ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜାତୀୟ ଏକତା ଦିବସ ଅବସରରେ ରାଷ୍ଟ୍ରୀୟ ଏକତା ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସରୋଜ କୁମାର ଦତ୍ତ, ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ଶପଥ ପାଠ ନେଇଥିଲେ।

ଭଦ୍ରକ ସ୍ୱୟଂଶାସିତ କଲେଜରେ ଦୁର୍ନୀତି ନିବାରଣ ସଚେତନତା



ଭଦ୍ରକ,୩୧।୧୦(ସମିସ): ଭଦ୍ରକ ସ୍ୱୟଂଶାସିତ କଲେଜ ପ୍ରାଙ୍ଗଣରେ ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସଚ୍ଚୋଟତା ଓ ଦୁର୍ନୀତି ନିବାରଣ ସମ୍ପର୍କରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ଉଦ୍ଦେଶ୍ୟରେ ଏକ ଶପଥପାଠ କରାଇଥିଲେ। ଡ. ରଞ୍ଜନ ବେହେରା, ଡ. ସଞ୍ଜୟ ଦତ୍ତ, ଗିରିଶ ଚନ୍ଦ୍ର ପ୍ରଧାନ ଏବଂ ସଞ୍ଜୁ କଉଶଲ୍ୟା ମଧ୍ୟ ଏହି କାର୍ଯ୍ୟକ୍ରମକୁ ସମର୍ଥନ ଓ ସହଯୋଗ କରିବା ସହ ନିଜ ନିଜର ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା (ଏନ୍‌ସିସି) କାର୍ଯ୍ୟକ୍ରମ ଅଧିକାରୀ ଡ. ସୁଦର୍ଶନ ଦାସ ସଫଳତାର ସହ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଭଦ୍ରକ ସ୍ୱୟଂଶାସିତ କଲେଜ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଲକ୍ଷ୍ମୀକାନ୍ତ ନାୟକ ଏହି କାର୍ଯ୍ୟକ୍ରମକୁ ଆୟୋଜନ ସହ ଆବଶ୍ୟକୀୟ ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ବୈଠକ



ଭଦ୍ରକ,୩୧।୧୦(ସମିସ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ବୈଠକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତି ରୋକିବାରେ ସମସ୍ତଙ୍କ ସକ୍ରିୟ ଭୂମିକା ରହିଛି ବୋଲି ଉଲ୍ଲେଖ କରିବା ସହିତ ପ୍ରତ୍ୟେକ ଅଧିକାରୀ, ଜନସାଧାରଣ ଓ ଯୁବପିଢ଼ି ଏଥିପ୍ରତି ଆତ୍ମ ନିୟନ୍ତ୍ରଣ କରି ନିଜ କର୍ତ୍ତବ୍ୟ ସମ୍ପାଦନ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ୍ତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଉପସ୍ଥିତ ରହି ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ରକ୍ଷା, ସ୍ୱଚ୍ଛତା ସହ ଦାୟିତ୍ୱ ନିର୍ବାହ କରିବା, ଜନସାଧାରଣଙ୍କ ହିତସାଧନ ଲାଗି ସମର୍ପିତ ରହିବା, ଜନସଚେତନତା ହିଁ ସମାଜରେ ଦୁର୍ନୀତିର ମୂଳୋତ୍ପାଟନ କରିବାରେ ସହାୟକ ହେବ ବୋଲି କହିଥିଲେ।

ପିଏମ୍ କିଷାନ: ୧.୬୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୩୨.୫୦ କୋଟି ସହାୟତା

ଭଦ୍ରକ,୩୧।୧୦(ସମିସ): ଭଦ୍ରକ ଜିଲ୍ଲାରେ ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ଜିଲ୍ଲା ସଂସ୍କୃତି ଭବନଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନ ଯୋଜନାର ୨୪ତମ କିସ୍ତିର ଅର୍ଥରାଶି ପ୍ରଦାନ ସମ୍ପର୍କିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ପିଏମ୍ କିଷାନ ଯୋଜନାର ୨୪ତମ କିସ୍ତି ଅଧୀନରେ ଭଦ୍ରକ ଜିଲ୍ଲାର ମୋଟ୍ ୧ ଲକ୍ଷ ୬୨ ହଜାର ୫୨୪ ଚାଷୀଙ୍କୁ ପ୍ରତ୍ୟେକଙ୍କ ନିମନ୍ତେ ୨ ହଜାର ଟଙ୍କା ହିସାବରେ ସର୍ବମୋଟ୍ ୩୨ କୋଟି ୫୦ ଲକ୍ଷ ୪୮ ହଜାର ଟଙ୍କାର ଆର୍ଥିକ ସହାୟତା ସିଧାସଳଖ ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି। ଏହି ଅର୍ଥରାଶି ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀ କ୍ରୟ ସହିତ କୃଷି ସମ୍ବନ୍ଧୀୟ ଆବଶ୍ୟକତା ପୂରଣରେ ସହାୟକ ହେବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶୁଭେନ୍ଦ୍ର ସାମଲ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶଶୀଭୂଷଣ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସଞ୍ଜୟ କୁମାର, ଜିଲ୍ଲା କୃଷି ଅଧିକାରୀ ପ୍ରୀତିରେଖା ମହାଲିକ ଓ ଯୋଜନା ଅଧିକାରିଣୀ ମୈଥିଳୀ ମିନର୍ଭା ଗିରି ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ କୃଷି ବିଭାଗର ବିଭିନ୍ନ ଅଧିକାରୀ, କର୍ମଚାରୀ ଓ ବହୁ ଚାଷୀ ଉପସ୍ଥିତ ଥିଲେ। ସହକାରୀ କୃଷି ନିର୍ଦ୍ଦେଶିକା ଅନୁରାଧା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜଗନ୍ନାଥପୁର ଅଣ୍ଡରପାସ୍ ନିକଟରେ ବାଣ ବିକ୍ରି ନିଷେଧ

ଭଦ୍ରକ,୩୧।୧୦(ସମିସ): ଭଦ୍ରକ ଜିଲ୍ଲାର ଏନ୍‌ଏଚ୍-୧୬ ଅନ୍ତର୍ଗତ ଜଗନ୍ନାଥପୁର ଅଣ୍ଡରପାସ୍ (ସାଳନ୍ଦୀ ନଦୀ ନିକଟ) ଅଞ୍ଚଳରେ ବେଆଇନ ଭାବେ ବାଣ ଦୋକାନ ଖୋଲିବା, ବାଣ ମହଜୁଦ ରଖିବା ଓ ବିକ୍ରି କରିବା ଉପରେ ଭଦ୍ରକ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ସୌରଭ ଚକ୍ରବର୍ତ୍ତୀ ନିଷେଧାଦେଶ ଜାରି କରିଛନ୍ତି। ଏଥିସହିତ ବାଣବିକ୍ରି କିମ୍ବା ମହଜୁଦ ରଖିବା ଉଦ୍ଦେଶ୍ୟରେ ଉକ୍ତ ଅଞ୍ଚଳରେ ନିର୍ମାଣ କରାଯାଇଥିବା ସମସ୍ତ ବେଆଇନ ଅସ୍ଥାୟୀ ଷ୍ଟଲ୍, କାଉଣ୍ଟର ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷେଧାଦେଶ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୨୨୩ ଅନୁଯାୟୀ ଆଇନଗତ ଓ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି।

ମା'ଙ୍କ ଆଗମନକୁ ଅପେକ୍ଷା କରିଛନ୍ତି ଶ୍ରଦ୍ଧାଳୁ

ସାଜସଜ୍ଜାରେ ଲାଗିପଡ଼ିଛନ୍ତି ପୂଜା କମିଟି

ଚରମ୍ପା,୩୧।୧୦(ସମିସ): ଭଦ୍ରକର ପ୍ରସିଦ୍ଧ ତଥା ଐତିହାସିକ ମା' ପଥରକାଳୀଙ୍କ ପୂଜାକୁ ନେଇ ଏବେଠାରୁ ଉତ୍ସବମୁଖର ହୋଇଉଠିଛି ପରିବେଶ। ଆସନ୍ତା କାଳୀପୂଜାକୁ ଭବ୍ୟ ଓ ଆକର୍ଷଣୀୟ ଭାବେ ପାଳନ କରିବା ପାଇଁ ପୂଜା କମିଟି ପକ୍ଷରୁ ଜୋରଦାର୍ ପ୍ରସ୍ତୁତି ଚାଲିଛି। ମା'ଙ୍କ ଆଗମନକୁ ଅପେକ୍ଷା କରି ରହିଛନ୍ତି ଶହଶହ ଶ୍ରଦ୍ଧାଳୁ। ପୂଜା ମଣ୍ଡପର ସାଜସଜ୍ଜା, ଆଲୋକୀକରଣ, ଆକର୍ଷଣୀୟ ତୋରଣ ନିର୍ମାଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ କମିଟିର ସଦସ୍ୟମାନେ ବ୍ୟସ୍ତ ରହିଛନ୍ତି। ମା'ଙ୍କ ପୂଜାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ସହ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା କରିବା ଉପରେ କମିଟି ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭଦ୍ରକର ଏହି ଐତିହାସିକ କାଳୀପୂଜା ସହ ଅଞ୍ଚଳବାସୀଙ୍କ ଗଭୀର ଧାର୍ମିକ ଭାବନା ଓ ଆସ୍ଥା ଜଡ଼ିତ ରହିଛି। ପ୍ରତିବର୍ଷ ମା'ଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷ ମଧ୍ୟ ପୂଜାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳୁଛି। ମା' ପଥରକାଳୀଙ୍କ ଆଶୀର୍ବାଦରେ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ ବୋଲି ପୂଜା କମିଟି ପକ୍ଷରୁ କାମନା କରାଯାଇଛି।





ବିଏନ୍‌ଏମ୍‌ଏ କଲେଜ ଛାତ୍ର ସଂସଦ ନିର୍ବାଚନ ହେର୍‌ଫେର୍; ଅଧ୍ୟକ୍ଷଙ୍କୁ ଓକିଲଙ୍କ ନୋଟିସ

ସନ୍ଧ୍ୟା ୭ରେ ଜିତେଇଥିଲେ; ସକାଳୁ ସକାଳୁ ହରାଇଦେଲେ

ତିହିଡ଼ି,୩୧।୧୦(ସମିସ)

ତିହିଡ଼ି ବିରଞ୍ଚି ନାରାୟଣ ମାଧବାର୍ଜୁନ କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ କଲେଜ କର୍ତ୍ତୃପକ୍ଷଙ୍କ ସନ୍ଦେହଜନକ ଭୂମିକା ସାମ୍ନାକୁ ଆସିଛି। ନିର୍ବାଚନ ଅଧିକାରୀ ଓ କଲେଜ ଅଧ୍ୟକ୍ଷ ଏକପାଖିଆ ଭାବେ ଫଳାଫଳ ବଦଳାଇଥିବା ନେଇ ଏବେ ଗାଁରୁ ସହର ଚର୍ଚ୍ଚା ଜୋର୍ ଧରିଛି। ଏପରିକି ଏହି ବେଆଇନ ପୁନଃଗଣତିକୁ ବିରୋଧ କରି ପରାଜିତ ଉପସଭାପତି ପ୍ରାର୍ଥୀ ଆଇନର ଆଶ୍ରୟ ନେଇ କଲେଜ କର୍ତ୍ତୃପକ୍ଷଙ୍କୁ ଓକିଲ ନୋଟିସ୍ ପଠାଇବା ଘଟଣା ଶିକ୍ଷା ଏବଂ ରାଜନୈତିକ ମହଲରେ କମ୍ପନ ସୃଷ୍ଟି କରିଛି।

ପ୍ରାପ୍ତ ସୂଚନା ମୁତାବକ, ଗତ ୧୫ ତାରିଖରେ ରାଜ୍ୟର ଅନ୍ୟାନ୍ୟ କଲେଜ ସହିତ ଏଠାରେ ମଧ୍ୟ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭୋଟ୍ ଗଣତି ଶେଷ ହେବା ପରେ ଯୁକ୍ତ ୩ ଛାତ୍ର ତଥା ଛାତ୍ର ନେତା ସୁମନ୍ତ କୁମାର ମଲ୍ଲିକଙ୍କୁ ଉପସଭାପତି ଭାବେ ବିଜୟୀ ବୋଲି ସ୍ପଷ୍ଟ ଭାବେ



ଘୋଷଣା କରାଯାଇଥିଲା। ମାତ୍ର ଏବିଭିପି ପ୍ରାର୍ଥୀ ପୂଜାରାଣୀ ବିଶ୍ୱାଳଙ୍କ ପରାଜୟକୁ ହଜମ କରି ନ ପାରି କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ କଲେଜ କର୍ତ୍ତୃପକ୍ଷ ହଠାତ୍ ପୁନଃଗଣତିର ନାଟକ ରଚିଥିଲେ ବୋଲି ଅଭିଯୋଗ ହେଉଛି। ଆଇନଜୀବୀ ସୂର୍ଯ୍ୟକାନ୍ତ କୁଅଁରଙ୍କ ଜରିଆରେ ପଠାଯାଇଥିବା ନୋଟିସରେ ସ୍ପଷ୍ଟ କରାଯାଇଛି ଯେ ଏହି ପୁନଃଗଣତି ପ୍ରକ୍ରିୟା ସମ୍ପୂର୍ଣ୍ଣ ବେଆଇନ, ଗଣତନ୍ତ୍ର ବିରୋଧୀ ଏବଂ ତ୍ରୁଟିପୂର୍ଣ୍ଣ ଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ବିଜୟୀ ପ୍ରାର୍ଥୀ ସୁମନ୍ତ କୁମାର ମଲ୍ଲିକଙ୍କୁ ଏ ସମ୍ପର୍କରେ କୌଣସି ପୂର୍ବ ସୂଚନା ବା ନୋଟିସ୍ ଦିଆଯାଇ ନ ଥିଲା କିମ୍ବା ପୁନଃଗଣତି ସମୟରେ ତାଙ୍କର କିମ୍ବା ତାଙ୍କ ପ୍ରତିନିଧିଙ୍କର କୌଣସି ଉପସ୍ଥିତି ନ ଥିଲା। ପ୍ରଶାସନିକ କ୍ଷମତାର ଅପବ୍ୟବହାର କରି କେବଳ ଶାସକ ଦଳର ଚାପରେ ଏଭଳି ମନମୁଖି ପଦକ୍ଷେପ ନିଆଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୋଟିସରେ ଚେତାବନୀ ଦିଆଯାଇଛି ଯେ, ଆସନ୍ତା ୭ଦିନ ମଧ୍ୟରେ ସୁମନ୍ତ କୁମାର ମଲ୍ଲିକଙ୍କୁ ଯଥାଯଥ ଉପସଭାପତି ଭାବେ ପୁନଃ କାର୍ଯ୍ୟକାରୀ କରା ନ ଗଲେ ମହକିଲ ବାଧ୍ୟ ହୋଇ ଅଦାଲତଙ୍କ ଦ୍ୱାରସ୍ଥ ହେବେ। ପ୍ରକାଶ ଥାଉକି, ଏହି ନିର୍ବାଚନରେ ସୁମନ୍ତ ସିବିଜେଡିର ପ୍ରାର୍ଥୀ ହୋଇଥିବା ବେଳେ ପୂଜାରାଣୀ ଏବିଭିପି ସମର୍ଥିତ ପ୍ରାର୍ଥୀ ଥିଲେ। ମାଛ ମାରିବାକୁ ଯାଇ ହାତ କାଟିବା ପରି କଲେଜ କର୍ତ୍ତୃପକ୍ଷଙ୍କ ଏପରି ମୁଖାଖସା କାର୍ଯ୍ୟକଳାପ ଏବେ ସର୍ବସାଧାରଣରେ ନିନ୍ଦାର ବିଷୟ ପାଲଟିଛି।

ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

୨୦୬ ବିଦ୍ୟାଳୟରୁ ଯୋଗଦେଲେ ୪୦୦ ପ୍ରତିଯୋଗୀ

ବନ୍ତ/ଆଗରପଡ଼ା,୩୧।୧୦(ସମିସ): ବନ୍ତ ବ୍ଲକ୍ ଗଣିଜାଙ୍ଗସ୍ଥିତ ନେହେରୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ୨୦୬ଟି ବିଦ୍ୟାଳୟର ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେଇ ସଙ୍ଗୀତ, ନୃତ୍ୟ, କୁଇଜ୍, ଚିତ୍ରାଙ୍କନ, ବକ୍ତୃତା ଆଦି ୩୦ଟି ପ୍ରତିଯୋଗିତାରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବ୍ଲକ୍ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱ ତଥା ଏବିଇଓ ନରେନ୍ଦ୍ର କୁମାର ବାରିକଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ସଭାରେ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓଷ୍ଟା ସଭାପତି ଶଶୀଶେଖର କରଶର୍ମା, ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ମନୋରଞ୍ଜନ ସେଠୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ର ଯୋଗଦେଇ ଶିଶୁଙ୍କ ପ୍ରତିଭା ବିକାଶ ଓ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶିକ୍ଷକ ଅଭୟ କୁମାର ପ୍ରଧାନ ଅତିଥି ପରିଚୟ



ପ୍ରଦାନ କରିଥିବାବେଳେ ସିଆର୍‌ସିସି ପ୍ରଫୁଲ୍ଲ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଟିଲୋ ସିଆର୍‌ସିସି ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ୩୦ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ କୃତୀ ପ୍ରତିଯୋଗୀମାନଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା। ଏହି ଅବସରରେ କଳା ଶିକ୍ଷକ ନମିତା ବେହେରା ଓ ପଦ୍ମନାଭ ସେଠୀଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଏକ ଆକର୍ଷଣୀୟ ବାଲୁକା ପ୍ରତିକୃତି ନିର୍ମାଣ କରାଯାଇଥିଲା। ୨ୟ ଅଧିବେଶନରେ ବ୍ଲକ୍ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ନାୟକ, ସରପଞ୍ଚ ରଶ୍ମିତା ସେଠୀ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ର ଓ ପ୍ରାକ୍ତନ ସରପଞ୍ଚ ରଞ୍ଜନ କୁମାର ସାହୁ ଯୋଗଦେଇଥିଲେ। ଏହି ଅଧିବେଶନରେ ୩୦ଟି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଭିନ୍ନ ବିଦ୍ୟାଳୟର ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିବା ୯୦ ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମଲ୍ଲିକ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସିଆର୍‌ସିସି ନିରଞ୍ଜନ ଖିଲାର, ପ୍ରଦୀପ ପଲେଇ, ଉତ୍ତମ ଦାସ, ଅକ୍ଷୟ ସାହୁ, ପ୍ରଫୁଲ୍ଲ ସାହୁ, ସନ୍ତୋଷ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

ନେରଡ଼ାରୁ ସୁନା ଅଳଙ୍କାର ଚୋରି

ବାରିକପୁର,୩୧।୧୦(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନେରଡ଼ା ଗାଁରୁ ଚୋରି ହୋଇଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ ଉର୍ମିଳା ନାୟକଙ୍କ ଏତଲା ମୁତାବକ, ତାଙ୍କ ଦେହ ଅସୁସ୍ଥ ଥିବାରୁ ସେ ଚିକିତ୍ସା ପାଇଁ ନିକଟସ୍ଥ ଗ୍ରାମର ବନ୍ଧୁ ଘରେ ଅବସ୍ଥାନ କରୁଥିଲେ। ଘରେ କେହି ନ ଥିବାବେଳେ ଏହାର ସୁଯୋଗ ନେଇ କେହି ଅଜଣା ଦୁର୍ବୃତ୍ତ ଗତ ୨୭ ତାରିଖ ଦିନ ଘର ଦରଜା ଭାଙ୍ଗି ଗୃହରେ ପ୍ରବେଶ କରି ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଛନ୍ତି। ଏହାସହ ନଗଦ ଟଙ୍କା, ଶାଢ଼ି ଓ ଚାଉଳ ବସ୍ତା ମଧ୍ୟ ଚୋରି ହୋଇଛି। ଏନେଇ ମହିଳା ଜଣକ ୨୯ ତାରିଖରେ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

୬ ଫୁଟ୍‌ର ନାଗ ଉଦ୍ଧାର

ବାରିକପୁର,୩୧।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଜଗନ୍ନାଥ ପ୍ରସାଦଠାରୁ ଏକ ୬ ଫୁଟ୍‌ର ନାଗ ସାପ ଉଦ୍ଧାର ହୋଇଛି। ସୂଚନା ମୁତାବକ, ଗ୍ରାମର ପର୍ଶୁରାମ ନନ୍ଦଙ୍କ ବାଡ଼ିରେ ପାଳ ଘେରା ଜାଲ ରହିଥିବାବେଳେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ସାପଟି ବିଚରଣ କରିବାକୁ ଆସି ଏଥିରେ ଫସି ଯାଇଥିଲା। ସକାଳୁ ଜାଲରେ ନାଗ ଛନ୍ଦି



ହୋଇଥିବା ଗୃହସ୍ଥ ଦେଖିବାକୁ ପାଇଥିଲେ। ଏନେଇ ଯାଜପୁରର ସାପ ଧରାଳି ଚିତ୍ତରଞ୍ଜନ ପଣ୍ଡାଙ୍କୁ ଖବର ଦିଆଯାଇଥିଲା। ଖବରପାଇ ସାପ ଧରାଳି ଗାଁରେ ପହଞ୍ଚି ଅକ୍ଷୁଣ୍ଣ ଅବସ୍ଥାରେ ନାଗକୁ ଉଦ୍ଧାର କରି ନିକଟସ୍ଥ ବୈତରଣୀ ପଠାରେ ଛାଡ଼ିଥିଲେ। ଜାଲରେ ଫସି ରହିଥିବା ନାଗ ସାପ ଦେଖିବାକୁ ଅନେକ ଲୋକ ରୁଣ୍ଡ ହୋଇଥିଲେ।

ତହସିଲ୍‌ଦାରଙ୍କ ବଦଳି

ବାରିକପୁର, ୩୧।୧୦ (ସମିସ): ଭଣ୍ଡାରିପୋଖରୀ ତହସିଲ୍‌ଦାର ରୋଜାଲିନ ବେହେରାଙ୍କ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଛି। ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଓଡ଼ିଶା ପ୍ରଶାସନିକ ସେବା ଅଧିକାରିଣୀ ସୁଶ୍ରୀ ସୁପ୍ରିୟାଙ୍କୁ ଭଣ୍ଡାରିପୋଖରୀ ତହସିଲ୍‌ଦାର ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୩୦ ତାରିଖ ଦିନ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦିଓ ତହସିଲ୍‌ଦାର ଭଣ୍ଡାରିପୋଖରୀଠାରେ ୩ ବର୍ଷ କାର୍ଯ୍ୟ କରିନାହାନ୍ତି କିନ୍ତୁ ତାଙ୍କର କାର୍ଯ୍ୟଶୈଳୀ ସନ୍ତୋଷଜନକ ନ ଥିବାରୁ ତାଙ୍କୁ ବଦଳି କରାଯାଇଥିବା ଚର୍ଚ୍ଚା ହେଉଛି।

ଦୁଃଖେଶ୍ୱର ପୀଠରୁ ରୁପା ଚୋରି

ବାରିକପୁର,୩୧।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତ ଥୈଲାସ୍ଥିତ ବାବା ଦୁଃଖେଶ୍ୱରଙ୍କ ପୀଠରୁ ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର ଚୋରି ହୋଇଛି। ସୂଚନା ମୁତାବକ, ଗତ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପୀଠରେ ପ୍ରବେଶ କରି ଠାକୁରଙ୍କ ରୁପା ମୁକୁଟ, ଆଖି, ରୁପା ଘୋଡ଼ା, ଟିକିଲି ଆଦି ଲୁଟ୍ କରିଛନ୍ତି। ଶନିବାର ସକାଳୁ ଘଟଣା ଜଣାପଡ଼ିବା ପରେ ପୂଜା କମିଟି ପକ୍ଷରୁ ସରପଞ୍ଚ ପୂର୍ଣ୍ଣ ଚନ୍ଦ୍ର ମାଝୀ, ବୀରେନ୍ଦ୍ର ବେହେରା, ପ୍ରଶାନ୍ତ ବାରିକ, ବିଜୟ ମାଝୀ, ଚିତ୍ତରଞ୍ଜନ ପତି, ନକୁଳ ବେହେରା ସ୍ଥାନୀୟ ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ତଦନ୍ତ ତ୍ୱରିତ କରି ତୁରନ୍ତ ଚୋର ଧରିବାକୁ କମିଟି ପକ୍ଷରୁ ପୁଲିସକୁ ଅନୁରୋଧ କରାଯାଇଛି।

ନଈରେ ବୁଡ଼ି ୩ ବର୍ଷର ଶିଶୁ ମୃତ

ବନ୍ତ/ଆଗରପଡ଼ା,୩୧।୧୦(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଗଦା କାଶୀପୁର ତରଡ଼ିପାଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଖେଳୁ ଖେଳୁ



କପାଳୀ ନଈରେ ପଡ଼ିଯିବାରୁ ସନାତନ ଜେନାଙ୍କ ୩ ବର୍ଷର ପୁଅ ସିଦ୍ଧାର୍ଥ ଜେନାଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାକୁ ନେଇ ସମଗ୍ର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ଦିନ ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ଗ୍ରାମର ଜଣେ ବ୍ୟକ୍ତି ନଈରେ ଶିଶୁଟି ଭାସୁଥିବା ଦେଖିବାକୁ ପାଇଥିଲେ। ସେ ତୁରନ୍ତ ଶିଶୁଟିକୁ ଉଦ୍ଧାର କରିବା ସହ ତା'ର ପରିବାର ଲୋକଙ୍କୁ ଖବର ଦେଇଥିଲେ। ତେବେ ସେତେବେଳକୁ ଶିଶୁଟିର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି। ପରିବାର ଲୋକେ ତୁରନ୍ତ ଶିଶୁଟିକୁ ପ୍ରଥମେ ବରପଦା ମେଡିକାଲ ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ। ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ପ୍ରଚାରିତ ହେବା ପରେ ତରଡ଼ିପାଳ ଗ୍ରାମରେ ଗଭୀର ଶୋକ ପ୍ରକାଶ ପାଇଛି। ଏକ ଛୋଟ ଶିଶୁର ଅକାଳ ମୃତ୍ୟୁରେ ପରିବାରବର୍ଗଙ୍କ ସମେତ ଗ୍ରାମବାସୀ ମର୍ମାହତ ହୋଇପଡ଼ିଛନ୍ତି।

ବଢ଼ିଲା ରେବ ଓ କପାଳି

କାକୁଡ଼ିଗଡ଼ିଆ-ହାତିଆପଡ଼ାରେ ପାଣି

ସହିଦ ନଗର,୩୧।୧୦(ସମିସ): ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ରେବ ଓ କପାଳି ନଦୀରେ ଜଳସ୍ତର ବୃଦ୍ଧି କରିଛି। ୨ ନଦୀର ଉଚ୍ଛୁଳା ପାଣି ଧାମନଗର ବ୍ଲକ୍‌ର ୨ଟି ଗ୍ରାମ କାକୁଡ଼ିଗଡ଼ିଆ ଏବଂ ହାତିଆପଡ଼ାରେ ପ୍ରବେଶ କରିଛି। ଲଘୁଚାପ ଜନିତ ଗତ ତିନିଦିନର ପ୍ରବଳ ବର୍ଷା ହେବା ଯୋଗୁଁ କିଛି ଦିନ ଧରି ଅପେକ୍ଷାକୃତ କମ୍ ପାଣି ଥିବା ରେବ ଏବଂ କପାଳି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଶନିବାର ରେବ ନଦୀର ଜଳସ୍ତର ବୃଦ୍ଧି ପାଇ ଗଡ଼ିଆଳି ପଞ୍ଚାୟତର



କାକୁଡ଼ିଗଡ଼ିଆ ଗ୍ରାମକୁ ପ୍ରବେଶ କରିଛି। ବସନ୍ତିଆ ସାହି ରାସ୍ତା ଉପରେ ୩ ଫୁଟ୍ ଉଚ୍ଚତାରେ ଜଳ ପ୍ରବାହିତ ହେଉଥିବାରୁ ସାହି ଲୋକେ ପ୍ରଭାବିତ ହୋଇଛନ୍ତି। ଅନ୍ୟପକ୍ଷରେ କପାଳି ନଦୀର ବଢ଼ିଲା ପାଣି ଅସୁରାଳି ପଞ୍ଚାୟତର ହାତିଆପଡ଼ା ଓ ତୋରବନ୍ତିଆ ଗ୍ରାମକୁ ପଶି ଚିନ୍ତା ସୃଷ୍ଟି କରିଛି। ହାତିଆପଡ଼ା-ଖପରପଦା ଆରଡ଼ି ରାସ୍ତା ବୁଡ଼ି ରହିଥିବା ଜଣାଯାଇଛି। ୨ ନଦୀର ଉଦ୍‌ବୃତ୍ତ ଜଳ ଅସୁରାଳି, ଫତେପୁର, ଖପରପଦା, କାସିମପୁର, ଗଡ଼ିଆଳି ଆଦି ପଞ୍ଚାୟତର କେତେକ ଅଞ୍ଚଳର ଚାଷଜମିକୁ ଜଳମଗ୍ନ କରି ରଖିଛି।

■ ମାଳଦା ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବ ଉଦ୍‌ଯାପିତ

ଦର୍ଶକଙ୍କୁ ମତୁଆଲା କଲେ ସବ୍ୟସାଚୀ ଓ ଅର୍ଚ୍ଚିତା



ବାରିକପୁର, ୩୧।୧୦ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ଜଗନ୍ନାଥ ବଜାର ବଣିକ ସଂଘଠାରେ ପ୍ରସିଦ୍ଧ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ପ୍ରତିକୂଳ ପାଗ ସତ୍ତ୍ୱେ ବେଶ୍ ଧୁମ୍‌ଧାମ୍‌ରେ ୭ ଦିନ ବ୍ୟାପୀ ଉତ୍ସାହ ଉଦ୍ଦୀପନାର ସହ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ୍‌ର ବିଶିଷ୍ଟ ସମାଜସେବୀ ଶଶୀକୁମାର ସାହୁ ଯୋଗଦେଇ ବୈଦିକ ରୀତିନୀତି ଅନୁଯାୟୀ ପାଳିତ ହେଉଥିବା ମହୋତ୍ସବରେ ସ୍ଥାନୀୟ ପ୍ରତିଭାମାନଙ୍କର ଉନ୍ମୋଚିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ବଦ୍ରି ନାରାୟଣ ଧଳ, ସିନେ ଅଭିନେତା ସବ୍ୟସାଚୀ ମହାପାତ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ ପ୍ରମୁଖ ଯୋଗଦେଇ ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସିନେ ତାରକା ଦ୍ୱୟଙ୍କ ସଂଳାପ ଓ ନୃତ୍ୟ ଗୀତରେ ହଜାର ହଜାର ଜନସାଧାରଣ ବିମୋହିତ ହୋଇଥିଲେ। ସ୍ଥାନୀୟ ପ୍ରତିଭାଧାରୀ ଭାସ୍କର ଦାସ, ଧରଣୀଧର ଦାସ, ଇଂ ଦେବବ୍ରତ ବାରିକ, ବାବାଜାନ ସଂଗଠନକୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହାଛଡ଼ା ମଞ୍ଚରେ ଉପସ୍ଥିତ ଥିବା ସମସ୍ତ ନିମନ୍ତ୍ରିତ ଅତିଥିଙ୍କୁ ଆୟୋଜକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି ଆଭିମୁଖ୍ୟ ପ୍ରଦାନ କରିଥିବାବେଳେ ସମ୍ପାଦକ ରାଜେନ୍ଦ୍ର ଶତପଥୀ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ଏବଂ ମହୋତ୍ସବ କମିଟି ସହ ସଂଯୋଜକ ଦୁର୍ଯ୍ୟୋଧନ ଲେଙ୍କା ସ୍ୱାଗତ ଭାଷଣ ସହିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପଙ୍ଗଟା ଘାଟକୁଳର ଗଜଲକ୍ଷ୍ମୀ ମହୋତ୍ସବ ଉଦ୍‌ଯାପିତ

ଧୁଷୁରୀ, ୩୧।୧୦ (ସମିସ): ଧାମନଗର ବ୍ଲକ୍ ହସନାବାଦ ପଞ୍ଚାୟତ ଅଧୀନ ପଙ୍ଗଟା ଘାଟକୁଳଠାରେ ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ସାର୍ବଜନୀନ ମା' ଗଜଲକ୍ଷ୍ମୀ ପୂଜା ମହୋତ୍ସବ ମହାଆଡ଼ମ୍ବର ଓ ଆଧାତ୍ମିକ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ କିଛି ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ସହ ଅଞ୍ଚଳବାସୀ ସାମିଲ୍ ହୋଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ କଟକର ପ୍ରସିଦ୍ଧ ଷ୍ଟାର ନାଇଟ୍ ମେଲୋଡି ପାର୍ଟି ପକ୍ଷରୁ ଆୟୋଜିତ ଆକର୍ଷଣୀୟ ସାଂସ୍କୃତିକ ଓ ସଙ୍ଗୀତ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବେଶ୍ ବିମୋହିତ



କରିଥିଲା। ସୁମଧୁର ସଙ୍ଗୀତ ଓ ମନୋରଞ୍ଜନଭରା ପରିବେଷଣରେ ଉତ୍ସବସ୍ଥଳୀ ଉତ୍ସବମୁଖର ହୋଇଉଠିଥିଲା। ଏହି ଅବସରରେ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା, ସମାଜସେବା ଓ ଅବଦାନ ପାଇଁ ପରିଚିତ ବହୁ ବ୍ୟକ୍ତିତ୍ୱଙ୍କୁ ପୂଜା କମିଟି ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ମଧ୍ୟରେ ସମାଜସେବୀ ଚତୁର୍ଭୁଜ ନାୟକ, ଉପେନ୍ଦ୍ର ଦାସ, ରାଜକିଶୋର ପ୍ରଧାନ, ରବିନାରାୟଣ ବସନ୍ତିଆ, ପ୍ରଫୁଲ୍ଲ ଚନ୍ଦ୍ର ଧଳ, ସୁରେନ୍ଦ୍ର ମହାପାତ୍ର, ସିଦ୍ଧାର୍ଥଶଙ୍କର ମିଶ୍ର, ପ୍ରାର୍ଥନା ନାୟକ, ହିତାଂଶୁ ଶେଖର ସାହୁ, ଜ୍ୟୋତିପ୍ରକାଶ ପୁହାଣ, ଅନ୍ତର୍ଯ୍ୟାମୀ ମହାପାତ୍ର, ସତ୍ୟଜିତ୍ ପଣ୍ଡା ଓ ସଞ୍ଜୟ ପ୍ରଧାନ ପ୍ରମୁଖ ରହିଥିଲେ। ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଧୀରେନ୍ଦ୍ର କୁମାର ଦାସ ସୁଚାରୁରୂପେ ପରିଚାଳନା କରିଥିଲେ। ସମଗ୍ର ମହୋତ୍ସବକୁ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ନିଶିକାନ୍ତ ନାୟକ, ସମ୍ପାଦକ ସୀମାଞ୍ଚଳ ଦାସ ଓ କୋଷାଧ୍ୟକ୍ଷ ଆଶିଷ ଜେନାଙ୍କ ନେତୃତ୍ୱରେ କମିଟିର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରି ସଫଳ କରିଥିଲେ। ଶେଷରେ ଯୁବ ସାମ୍ବାଦିକ ତଥା ପୂଜା କମିଟିର ଉପସଭାପତି ରତିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଏବି କଲେଜରେ ଦୁର୍ନୀତି ନିବାରଣ ସପ୍ତାହ

ବାସୁଦେବପୁର, ୩୧।୧୦ (ସମିସ): ବାସୁଦେବପୁର ଅଟଳବିହାରୀ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଅଟଳ ବିହାରୀ କଲେଜର ଅଧ୍ୟକ୍ଷ ଡ. ଚିନ୍ମୟୀ ସେନାପତି, ମୁଖ୍ୟ ଅତିଥି ଭାବେ ବାସୁଦେବପୁର ଥାନା ଇନ୍‌ସପେକ୍ଟର ନିରୋଜ ସାମଲ, ମେଜର ଡ. ପରେଶ କୁମାର ଦାସ, ପ୍ରାଧ୍ୟାପିକା ଡ. ସୌଦାମିନୀ ତ୍ରିପାଠୀ, ପ୍ରାଧ୍ୟାପିକା ସୁଜାତା ମହାପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଯୁବଗୋଷ୍ଠୀ ଦୁର୍ନୀତି ବିରୋଧରେ ସ୍ୱର ଉଠାଇଲେ ଦୁର୍ନୀତିମୁକ୍ତ ସମାଜ ଗଠନ ହୋଇପାରିବ। ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା, ଶିକ୍ଷା କର୍ମଚାରୀଙ୍କୁ ଦୁର୍ନୀତିମୁକ୍ତ ସମାଜ ଗଠନ କରିବାକୁ ଶପଥପାଠ କରିଥିଲେ।

ସମାଜସେବୀଙ୍କ ସ୍ମୃତିଚାରଣ ସଭା

ଧୁଷୁରୀ,୩୧।୧୦(ସମିସ): ଧୁଷୁରୀ ପତ୍ରୀସାହିଠାରେ ସ୍ୱର୍ଗତ ବିପିନ ବିହାରୀ ପତିଙ୍କ ଦ୍ୱାଦଶାହ କ୍ରିୟା ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶଶିକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ସଞ୍ଚାଳନ କରିଥିଲେ। ସଭାରେ ବକ୍ତା ଭାବେ ବିଷ୍ଣୁ କୁମାର ପରିଡ଼ା, ଦୁର୍ଯ୍ୟୋଧନ ତରାଇ, କ୍ଷୀରୋଦ ଧଳ, ସୌରଦୀପ୍ତି ପତି, ମୁରଲୀଧର ପଣ୍ଡା, ବିଭୁପାଦ ମିଶ୍ର, ଶୋଭାରାଣୀ ପଣ୍ଡା, ସୂରଜ ଚନ୍ଦ୍ର ସେଠୀ, ହେମନ୍ତ ସୁତାର, ପ୍ରଦୀପ ନାୟକ, ବିଦ୍ୟାଧର ରାଉତ, ବିଜୟ ନାୟକ, କାହ୍ନୁଚରଣ ପଣ୍ଡା, ସରୋଜିନୀ ପଣ୍ଡା, ନିରୋଧ ବେହେରା, ଶରତ ସୁତାର, ରାମଚନ୍ଦ୍ର ସାହୁ, ନିରାକାର ଧଳ, ଦାମୋଦର ମଲ୍ଲିକ, ସଦାଶିବ ପୋଥାଳ ଓ ବସନ୍ତ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ବକ୍ତାମାନେ ସ୍ୱର୍ଗତ ପତିଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଗୁଣ, ଆଦର୍ଶ ଓ ଜୀବନର ବିଭିନ୍ନ ସ୍ମୃତିକୁ ମନେ ପକାଇଥିଲେ। ତାଙ୍କର ଅମାୟିକ ବ୍ୟବହାର ଓ ସ୍ମରଣୀୟ ଅବଦାନ ସର୍ବଦା ସମସ୍ତଙ୍କ ହୃଦୟରେ ଜୀବିତ ରହିବ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଉପସ୍ଥିତ ସମସ୍ତେ ଦିବଂଗତ ଆତ୍ମାଙ୍କ ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

ରାଷ୍ଟ୍ରର ଏକତା ଓ ଅଖଣ୍ଡତା ପାଇଁ ଗଣଦୌଡ଼

ତିହିଡ଼ି,୩୧।୧୦(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା 'ଜାତୀୟ ଏକତା ଦିବସ' ଅବସରରେ ଶନିବାର ସକାଳେ ତିହିଡ଼ି ଅଞ୍ଚଳରେ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସମାଜରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଏକ ଭବ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ଆଇଆଇସି ଲୋପାମୁଦ୍ରା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ,



ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗଦେଇଥିଲେ। ଏହି ଅବସରରେ ସକାଳେ ତିହିଡ଼ି ଥାନା ପରିସରରୁ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଓ ଗଣଦୌଡ଼ ବାହାରି ପ୍ରମୁଖ ସ୍ଥାନ ପରିକ୍ରମା କରିଥିଲା। ଦୌଡ଼ରେ ଅଂଶଗ୍ରହଣ କରିଥିବା ଯୁବକ ଓ ଛାତ୍ରଛାତ୍ରୀମାନେ ହାତରେ ଜାତୀୟ ପତାକା ଦେଶର ଏକତା ଅକ୍ଷୁଣ୍ଣ ରହୁ ସର୍ଦ୍ଦାର ପଟେଲ ଅମର ରହେ ଆଦି ନାରା ଦେଇ ପରିବେଶକୁ ଉତ୍ସାହମୁଖର କରିଦେଇଥିଲେ। ଦୌଡ଼ ପରେ ଆୟୋଜିତ ସଭାରେ ଆଇଆଇସି ଲୋପାମୁଦ୍ରା ନାୟକ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଦୂରଦୃଷ୍ଟି ଏବଂ ଦେଶ ଗଠନରେ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥି, ପୁଲିସ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଦେଶର ଏକତା ଓ ସଂହତିକୁ ବଜାୟ ରଖିବା ପାଇଁ 'ଜାତୀୟ ଏକତା ଶପଥ' ପାଠ କରିଥିଲେ। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ଦେଶପ୍ରେମ ଏବଂ ସାମାଜିକ ସଦ୍ଭାବର ଏକ ଅନନ୍ୟ ବାର୍ତ୍ତା ସୃଷ୍ଟି କରିଥିଲା।

ଚାନ୍ଦବାଲି: ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଚାନ୍ଦବାଲି ପୁଲିସ୍ ବିଭାଗ ତରଫରୁ 'ରନ୍ ଫର୍ ୟୁନିଟି' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀକୁ ସ୍ମରଣ କରି ଏହି 'ରନ୍ ଫର୍ ୟୁନିଟି' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସକାଳୁ ଚାନ୍ଦବାଲି ସହରର କାଳୀମନ୍ଦିରଠାରୁ ବାସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ପୁଲିସ ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବର୍ଗର ନାଗରିକମାନେ ଏକତ୍ରିତ ହୋଇ ଦୌଡ଼ିଥିଲେ। ଅଂଶଗ୍ରହଣକାରୀମାନେ ସର୍ଦ୍ଦାର ପଟେଲଙ୍କ ଚିତ୍ର



ଥିବା ବିଶାଳ ବ୍ୟାନର ଧରି ରାସ୍ତାରେ ଚାଲିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜାତୀୟ ଏକତା, ସମନ୍ୱୟ ଏବଂ ଦେଶପ୍ରେମର ଭାବନାକୁ ସୁଦୃଢ଼ କରିବା। ଚାନ୍ଦବାଲି ଥାନା ଅଧିକାରୀ ପରେଶ ମହାନ୍ତି କହିଛନ୍ତି ଯେ, ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣ କରି ସମାଜରେ ଏକତା ଓ ଶାନ୍ତିର ବାର୍ତ୍ତା ପ୍ରଚାର କରିବା ଏହି ଅଭିଯାନର ଲକ୍ଷ୍ୟ ବୋଲି କହିଥିଲେ। ଶେଷରେ ଅଂଶଗ୍ରହଣକାରୀମାନେ ସର୍ଦ୍ଦାର ପଟେଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବାରିକପୁର: ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାଶ ଯୋଗଦେଇ ଏକତା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ



ଶାରଦା ବିଦ୍ୟାମନ୍ଦିରଠାରୁ ବ୍ଲକ୍ ଛକ ଯାଏଁ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜାତୀୟ ଏକତା ସଂହତି ସମ୍ପର୍କରେ ଶପଥପାଠ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ରାମଚନ୍ଦ୍ର ସେନାପତି, ପ୍ରଶାନ୍ତ ସାହୁ, ଥାନା ସହକାରୀ ଅଧିକାରୀ ରମ୍ୟ ରଞ୍ଜନ ପ୍ରଧାନ, ଦେବିକା ରାଉତ, ମନସ୍ମିତା ମହାନ୍ତି, ସ୍ନେହପ୍ରଭା ସାହୁଙ୍କ ସମେତ ପୁଲିସ କର୍ମଚାରୀ, ଛାତ୍ରଛାତ୍ରୀ ଓ ଯୁବ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ।

ବନ୍ତ/ଆଗରପଡ଼ା: ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସ୍ଥାନୀୟ ଥାନା ପକ୍ଷରୁ ଗଣଦୌଡ଼ ଆୟୋଜନ କରାଯାଇଥିଲା। ଏହି ଦୌଡ଼ ଥାନା ପରିସରରୁ ବାହାରି ବଜାର ପରିକ୍ରମା କରିଥିଲା। ଥାନାଧିକାରୀ ରାଜେଶ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଗଣଦୌଡ଼ରେ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଚାରିଗାଁ ସମିତିସଭ୍ୟ ଧରଣୀଧର କର, ବିଜ୍ଞାନଭୂଷଣ ମହାନ୍ତି, ଅମୂଲ୍ୟରତ୍ନ ନନ୍ଦ, ଚିନ୍ମୟ ମହାପାତ୍ର,



ବସନ୍ତ ପତି, ଅଶୋକ ପରିଡ଼ା, ସୋନୁ ମହାନ୍ତି, ଗୋପାଳ ଦାଶ ପ୍ରମୁଖଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ପୁଲିସ କର୍ମଚାରୀ, ରାଜନେତା, ସମାଜସେବୀ, ବୁଦ୍ଧିଜୀବୀ ସାମିଲ ଥିଲେ।

ବାସୁଦେବପୁର: ଭାରତ ରତ୍ନ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ହୋଇଯାଇଛି ଗଣଦୌଡ଼। ରାଷ୍ଟ୍ରୟ ଏକତା ଦିବସରେ ରନ୍ ଫର୍ ୟୁନିଟ୍‌ରେ ପୁଲିସ ବିଭାଗ ପକ୍ଷରୁ ବାସୁଦେବପୁର ବ୍ଲକ୍‌ର ପଦ୍ମପୁର ଛକରୁ କପାଗଡ଼ିଆ ଛକ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼କୁ ଆଇଆଇସି ନିରୋଜ ସାମଲ ଶୁଭାରମ୍ଭ କରିଥିଲେ। ତାଙ୍କ ସହିତ ଏସ୍‌ଆଇ ଦେବୀପ୍ରସାଦ ଅଧିକାରୀ



ମହାପାତ୍ର, ସଞ୍ଜୟ କୁମାର ଲେଙ୍କା ଓ ଯୁବକମାନେ ଦୌଡ଼ରେ ସାମିଲ୍ ହୋଇଥିଲେ। ବିଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଥିବା ବିଭିନ୍ନତା ମଧ୍ୟରେ ଏକତା ସୃଷ୍ଟି କରିବା ଗଣଦୌଡ଼ର ମୁଖ୍ୟ ଲକ୍ଷ୍ୟ ଅଟେ।

ସକାଳ
THE SAKALA

ଗାଁ ଦାଣ୍ଡରେ ଅସୁସ୍ଥ ଦନ୍ତାହାତୀ, ଆତଙ୍କିତ ଗ୍ରାମବାସୀ

ଆଖିରୁ ଝରୁଥିଲା ଲୁହ; ନଦୀ ପାରି କରାଇ ଝାଡ଼ଖଣ୍ଡ ପଠାଇଲା ବନ ବିଭାଗ

ଚମ୍ପୁଆ, ୩୧।୧୦(ସମିସ)

ଜଙ୍ଗଲର ନିର୍ଜନ ପରିବେଶ ଛାଡ଼ି ହଠାତ୍ ଗାଁ ଦାଣ୍ଡରେ ପହଞ୍ଚିଲା ଏକ ବୟସ୍କ ଦନ୍ତାହାତୀ। ଚାଲିବାକୁ ମଧ୍ୟ ଶରୀରରେ ନଥିଲା ବଳ। ଆଖିରୁ ଝରୁଥିଲା ପାଣି। ହାତୀଟିର ଏଭଳି ଅବସ୍ଥା ଦେଖି ଗ୍ରାମବାସୀଙ୍କ ମନରେ ଭୟ ସହ ଦୟାଭାବ ମଧ୍ୟ ସୃଷ୍ଟି ହୋଇଥିଲା। ଶନିବାର ସକାଳେ ଚମ୍ପୁଆ ବନାଞ୍ଚଳ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଏହି ବୟସ୍କ ଦନ୍ତାହାତୀଟି ବାହାରି ଗାଁ ରାସ୍ତାରେ ବୁଲୁଥିବା ଦେଖାଯାଇଥିଲା। ଦୀର୍ଘ ଦୁଇ ଦିନରୁ ଉର୍ଦ୍ଧ୍ୱ ସମୟ



ଧରି ଅସୁସ୍ଥ ଥିବା ହାତୀଟି ଦୁର୍ବଳତା ଯୋଗୁଁ ସ୍ୱାଭାବିକ ଭାବେ ଚଳପ୍ରଚଳ କରିପାରୁ ନଥିଲା। ଏପରିକି ତା'ର ଆଖିରୁ ଲଗାତାର ପାଣି ବାହାରୁଥିବା ବେଳେ ଅସହାୟ ଭାବେ ଗାଁ ଦାଣ୍ଡରେ ଏଣେତେଣେ ବୁଲୁଥିଲା। ହାତୀଟି କାହାର କୌଣସି କ୍ଷତି କରିନଥିଲେ ମଧ୍ୟ ଗାଁ ମଧ୍ୟରେ ଏକ ବିଶାଳ ଦନ୍ତାହାତୀର ଉପସ୍ଥିତି ଲୋକଙ୍କୁ ଆତଙ୍କିତ କରିଥିଲା।

ହାତୀର ଅସ୍ୱାଭାବିକ ଗତିବିଧି ଓ ଶାରୀରିକ ଅବସ୍ଥାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ନାନା ଆଶଙ୍କା ପ୍ରକାଶ ପାଉଥିଲା। ଏ ସମ୍ପର୍କରେ ଚମ୍ପୁଆ ରେଞ୍ଜର ସାଗର ରାଜ ନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ ମଙ୍ଗଳପୁର ଗାଁରେ ଦେଖାଯାଇଥିବା ହାତୀଟି ପୂର୍ବରୁ ଅସୁସ୍ଥ ଥିବା ହାତୀ ନୁହେଁ। ଏହା ଏକ ବୟସ୍କ ହାତୀ ହୋଇଥିବାରୁ ବାର୍ଦ୍ଧକ୍ୟଜନିତ ଦୁର୍ବଳତା କାରଣରୁ ଠିକ୍ ଭାବେ ଚାଲିପାରୁ ନଥିଲା। ବନ ବିଭାଗ ପକ୍ଷରୁ ହାତୀଟିକୁ ସୁରକ୍ଷିତ ଭାବେ ନଦୀ ପାରି କରାଯାଇ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡକୁ ପଠାଇ ଦିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ତେବେ ଜନବସତି ମୁହାଁ ହେଉଥିବା ହାତୀଙ୍କ ଗତିବିଧି ଓ ଅସୁସ୍ଥ ହାତୀଙ୍କ ସୁରକ୍ଷାକୁ ନେଇ ବନ ବିଭାଗର ତତ୍ପରତା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ନିଖୋଜ ଥିବାବେଳେ ଅଭିଯୁକ୍ତ ହତ୍ୟା ମାମଲାରେ ଗିରଫ



ତୁରୁମୁଙ୍ଗା, ୩୧।୧୦(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ପଣ୍ଡୁଆ ଗ୍ରାମର ଦୀପକ ସେଠୀ ପାଟଣା ଥାନା ସାଧୁପଡାରେ ଏକ ଭଡ଼ାଘରେ ରହି ଠିକାସଂସ୍ଥାରେ ସୁପରଭାଇଜର ଥିଲେ। ସେ ନିଖୋଜ ଥିବା ନେଇ ତାଙ୍କ ପତ୍ନୀ ଦୀପାଞ୍ଜଳି ଗୁରୁବାର ପାଟଣା ଥାନାରେ ଅଭିଯୋଗ କରିଥିଲେ। ତ୍ରିଲୋଚନ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବାରୁ ପାଟଣା ବଜାରରୁ ତୁରୁମୁଙ୍ଗା ପୁଲିସ ଉଠାଇ ଆଣି ଶୁକ୍ରବାର ଦୀପକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁସାରେ ଦୀପକ ସେଠୀ ତ୍ରିଲୋଚନ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ରହି ହତ୍ୟାକାରୀଙ୍କୁ ସେ ସୂଚନା ଦେଉଥିଲା। କିଏ କୋଉ ରାସ୍ତା ଦେଇ ଟଙ୍କା ନେଇ ଯାଉଛି। କଉ ରାସ୍ତାରେ ଗଲେ ପୁଲିସକୁ ଫାଙ୍କି ହେବ, ସିସିଟିଭି କୋଉ ଅଞ୍ଚଳରେ ନାହିଁ ସେ ନେଇ ଫୋନ ଯୋଗେ ସୂଚନା ଦେଇଥିଲା। ତେବେ ତ୍ରିଲୋଚନ ମହାନ୍ତଙ୍କ ହତ୍ୟାକାଣ୍ଡ ଘଟଣାରେ ତୁରୁମୁଙ୍ଗା ପୁଲିସ ମୋଟ ୯ ଜଣଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର ହଜାର ହଜାର ଲୋକଙ୍କ ସମ୍ମୁଖରେ କ୍ରାଇମ ସିନ୍ ରିକ୍ରିଏସନ କରିଥିଲା। ପରେ ହତ୍ୟାକାରୀମାନେ ଲୁଚାଇ ରଖିଥିବା ଏକ ବନ୍ଧୁକ ଓ ଗୋଟିଏ ଜୀବନ୍ତ ଗୁଳିକୁ ପୁଲିସ ଜବତ କରିଛି। ଶରଧାପୁର ପିପିଳିଆ ରାସ୍ତାର ଡୁମୁରିଆ ନାଳରେ ଚାଲିଥିବା ନିର୍ମାଣଧୀନ ପୋଲର ସ୍ଲାପରୁ ବନ୍ଧୁକ ଓ ଜୀବନ୍ତ ଗୁଳିକୁ ପୁଲିସ ଜବତ କରି ଘଟଣାର ଅଧିକ ତଦନ୍ତ କରୁଛି।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ ରାଷ୍ଟ୍ରୀୟ ଏକତା ଦିବସ



କେନ୍ଦୁଝର,୩୧।୧୦(ସମିସ): ଭାରତର ଲୌହମାନବ ତଥା ମହାନ ଜାତୀୟ ନେତା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ କେନ୍ଦୁଝର ଜିଲ୍ଲାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜାତୀୟ ଏକତା, ଅଖଣ୍ଡତା ଓ ସଂହତିର ବାର୍ତ୍ତା ପ୍ରସାର ନିମନ୍ତେ କେନ୍ଦୁଝରଠାରେ ଏକତା ପଦଯାତ୍ରା ଆୟୋଜିତ ହୋଇଥିଲା। ବଲ୍ଲଭଭାଇ ପଟେଲଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ପଦଯାତ୍ରାରେ ଶତାଧିକ ଅଂଶଗ୍ରହଣକାରୀ ସାମିଲ ହୋଇ ଜାତୀୟ ଏକତା ଓ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପଦଯାତ୍ରାର ଶୁଭାରମ୍ଭ କରିବା ସହ ଅଂଶଗ୍ରହଣକାରୀମାନଙ୍କୁ ଜାତୀୟ ଏକତା, ଭାଇଚାରା ଓ ସାମାଜିକ ସଦ୍ଭାବନା ବଜାୟ ରଖିବାକୁ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, ସହକାରୀ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଉପସ୍ଥିତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ରାଷ୍ଟ୍ରୀୟ ଏକତାର ଶପଥ ପାଠ କରାଇଥିଲେ।

ଠାକୁରମୁଣ୍ଡା ଓ ମହୁଲଡିହା ଥାନାରେ ରାଷ୍ଟ୍ରୀୟ ଏକତା ଦିବସ



ମହୁଲଡିହା, ୩୧।୧୦(ସମିସ): ଠାକୁରମୁଣ୍ଡା ବ୍ଲକର ଠାକୁରମୁଣ୍ଡା ଓ ମହୁଲଡିହା ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଜନସାଧାରଣ ଏକତା ଓ ନିଶା ନିବାରଣ ଶପଥ ପାଠ କରିଥିଲେ। ଠାକୁରମୁଣ୍ଡା ଥାନା ଅଧିକାରୀ ଶରତ ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗଦେଇ ଯୁବସମାଜ ନିଶାମୁକ୍ତ ହୋଇ ରାଷ୍ଟ୍ର ଗଠନରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବସନ୍ତ କୁମାର ପରିବର୍ତ୍ତୀ, ଅଧ୍ୟକ୍ଷ ଡ. ଉପେନ୍ଦ୍ର ମହାନ୍ତି, ଅଧ୍ୟାପକ ମନୋରଞ୍ଜନ ଦ୍ୱିବେଦୀ, ଶିକ୍ଷକ ଆଶିଷ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଲକ୍ଷ୍ମୀ ଝା ପରିଚାଳନା କରିଥିଲେ। ସେହିପରି ମହୁଲଡିହା ଥାନାରେ ଆଇଆଇସି ବିରେନ୍ଦ୍ର କୁମାର ରାଉତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା।

ସେଣ୍ଟ ଜାଭିଅର୍ସ ହାଇସ୍କୁଲରେ ବିଜ୍ଞାନ ମେଳା



ଆନନ୍ଦପୁର, ୩୧।୧୦(ସମିସ): ଘସିପୁରାସ୍ଥିତ ସେଣ୍ଟ ଜାଭିଅର୍ସ ହାଇସ୍କୁଲରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତନ୍ମୟ କୁମାର ବିଶୋଇଙ୍କ ସଂଯୋଜନାରେ ଆୟୋଜିତ ଏହି ମେଳାକୁ ଏବିଇଓ ହେମେନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ।ଏହି ଅବସରରେ ପିଏମଶ୍ରୀ ଝାଡ଼େଶ୍ୱର ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ମଧୁସ୍ମିତା ପାଣିଗ୍ରାହୀ, ରାଜେଶ୍ୱରୀ ନାହାକ ଓ ଫକୀରପୁର ସିଆରସିସି ପ୍ରଭଞ୍ଜନ ପାତ୍ରୀ ଯୋଗ ଦେଇଥିଲେ। ସେମାନେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନର ଉପଯୋଗିତା ଓ ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗ ସମ୍ପର୍କରେ ଉତ୍ସାହିତ କରିଥିଲେ। ମେଳାରେ ମୋଟ ୧୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସୋଲାର ସିଷ୍ଟମ, ଜଳ ବିଶୋଧନ, ବାୟୁ ଓ ଜଳ ପ୍ରଦୂଷଣ, ପୃଥିବୀ ସୁରକ୍ଷା, ଆଧୁନିକ କୃଷି ଓ ଜଳସେଚନ ପ୍ରଣାଳୀ, ସ୍ମାର୍ଟ ସିଟି, ଜଳଚକ୍ର ଏବଂ ଜଳବାୟୁ ପରିବର୍ତ୍ତନ ଭଳି ବିଷୟ ଉପରେ ଆଧାରିତ ପ୍ରକଳ୍ପଗୁଡ଼ିକ ବିଚାରକମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ବିଦ୍ୟାଳୟର ଅଭିଭାବକମାନେ ମଧ୍ୟ ମେଳା ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ଉଦ୍ଭାବନୀମୂଳକ ପ୍ରୟାସକୁ ପ୍ରଶଂସା କରିବା ସହ ଉତ୍ସାହିତ କରିଥିଲେ।

ରରୁଆଁ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ

ଶୁକ୍ରୁଳି, ୩୧।୧୦(ସମିସ): ରରୁଆଁ ଥାନା ପରିସରରେ ଶନିବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଥାନା ଅଧିକାରୀ ଅନାଦି ଚରଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶୁକ୍ରୁଳି ଡିଗ୍ରୀ କଲେଜ ଅଧ୍ୟକ୍ଷ ସଂଗ୍ରାମ କେଶରୀ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ ରରୁଆଁ ଓ ଶୁକ୍ରୁଳି ବ୍ଲକର ବରିଷ୍ଠ ନାଗରିକ ସଂଘ, ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟ, ଶୁକ୍ରୁଳି ଡିଗ୍ରୀ ମହାବିଦ୍ୟାଳୟ, ରରୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଶୁକ୍ରୁଳି ଶିଶୁ ମନ୍ଦିର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପାଲା ଗାୟକ ଟିକାୟତ ବାରିକ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଓ ନିଶା ନିବାରଣ ଉପରେ ଆଲୋକପାତ କରିଥିବାବେଳେ ଛାତ୍ରଛାତ୍ରୀ ନିଶା ନିବାରଣ ସମ୍ପର୍କିତ ସଚେତନତା ନାଟକ ପରିବେଷଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରରୁଆଁ ବରିଷ୍ଠ ନାଗରିକ ଟ୍ରଷ୍ଟର ସଭାପତି ଦେବମିତ୍ର ଆନନ୍ଦ ପାଣିଗ୍ରାହୀ, ବିକାଶ ମଞ୍ଚ ସମ୍ପାଦକ ସମ୍ବିତ ଦାସ ଅଧିକାରୀ ଓ ଥାନା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କରଞ୍ଜିଆ ଥାନାରେ ଜାତୀୟ ଏକତା ଦିବସ

କରଞ୍ଜିଆ, ୩୧।୧୦(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର କରଞ୍ଜିଆ ଥାନା ପକ୍ଷରୁ 'ଜାତୀୟ ଏକତା ଦିବସ' ପାଳିତ ହୋଇଯାଇଛି। ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ପୁଲିସ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ପାଇଁ ସାମୂହିକ ଶପଥ ପାଠ କରିଥିଲେ। ଏହି ଅବସରରେ ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରାଯାଇ ସାମାଜିକ ସଦ୍‌ଭାବନା ଓ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ଥାନା ପରିସରରେ 'ଆମ ସମିତି' ବୈଠକ ଅନୁଷ୍ଠିତ ହୋଇଥିଲା।

ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମେଳା



ତୁରୁମୁଙ୍ଗା, ୩୧।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ମୁଖ୍ୟାଳୟ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ, ସୁରଭି ଏବଂ ମଧ୍ୟାହ୍ନ ଭୋଜନ ସଚେତନତା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ ଉଦଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ସେଠୀ, ଜଗଦୀଶ ନାୟକ ପ୍ରଧାନଶିକ୍ଷୟିତ୍ରୀ ମାଳତୀ ମହାନ୍ତି, ଶିକ୍ଷକ ନେତା କମଳାକାନ୍ତ ପତି, ପାର୍ଥସାରଥୀ ବେଜ୍, କୁନାଲ ପଣ୍ଡା, ସନ୍ତୋଷ ନାଏକ, ପ୍ରମୋଦ ମହାନ୍ତ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତଯୋଗିତା ସହ ମଧ୍ୟାହ୍ନ ଭୋଜନ ପରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ବ୍ଲକର ୧୩ଟି କ୍ଲଷ୍ଟରର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସମାଜସେବୀ ବିଦ୍ୟାଧର ଦାଶ, ଅଜୟ ଦାଶ, ସନାତନ ଦାଶ, ତହସିଲଦାର ଅଶ୍ୱନୀ ନାଏକ, ବିଡିଓ ମାନସ ଦଣ୍ଡପାଟ, ବଡପାଟଣା ସରପଞ୍ଚ ବିନତୀ ବାନରା ଯୋଗ ଦେଇଥିଲେ। ଶିକ୍ଷକ ପାର୍ଥସାରଥୀ ବେଜ୍, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ କମଳାକାନ୍ତ ପତି, କୁନାଲ୍ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

ସୁପ୍ରଭା ଦାଶ ଡିସିସିଆଇର ଉପଦେଷ୍ଟା ନିଯୁକ୍ତ



ବାରିପଦା, ୩୧।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବର ବିଷୟ। ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରାଳୟରେ କାର୍ଯ୍ୟରତ ବରିଷ୍ଠ ମିଡିଆ କୋର୍ଡିନେଟର ଡକ୍ଟର ସୁପ୍ରଭା ଦାଶଙ୍କୁ "ଦିବ୍ୟାଙ୍ଗ କ୍ରିକେଟ ଆସୋସିଏସନ୍ ଅଫ୍ ଇଣ୍ଡିଆ' (ଡିସିସିଆଇ) ର ଉପଦେଷ୍ଟା ଭାବେ ଆଗାମୀ ୩ ବର୍ଷ ପାଇଁ ନିଯୁକ୍ତି ମିଳିଛି। ଦିବ୍ୟାଙ୍ଗ କ୍ରିକେଟ ଖେଳାଳିଙ୍କ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ସହ କ୍ରିକେଟର ବିକାଶ ନିମନ୍ତେ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ସହ ଯୋଗସୂତ୍ର ରକ୍ଷା କରିବା ଉପଦେଷ୍ଟାଙ୍କ ମୁଖ୍ୟ ଦାୟିତ୍ୱ ବୋଲି ଡିସିସିଆଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଡକ୍ଟର ସୁପ୍ରଭା ଦାଶ ଗଣଯୋଗାଯୋଗ ବିଭାଗରେ ଉଚ୍ଚଶିକ୍ଷା ସମାପ୍ତ କରି ଦେଶର ବହୁ ପ୍ରମୁଖ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରାଳୟରେ ସିନିୟର ମିଡିଆ କୋର୍ଡିନେଟର ଭାବେ ନିଜର ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏହି ନିଯୁକ୍ତି ପରେ ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇବା ସହ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

● ମଦ୍ୟପାନ କରି ଯୁବକଙ୍କ ଉନ୍ମତ୍ତକାଣ୍ଡ

ଅତିଷ୍ଠ ଗ୍ରାମବାସୀ ଗଛରେ ବାନ୍ଧିଲେ

ରାସଗୋବିନ୍ଦପୁର, ୩୧।୧୦(ସମିସ): ମଦ୍ୟପାନ କରି ବାରମ୍ବାର ଉନ୍ମତ୍ତକାଣ୍ଡ ଘଟାଇବା ସହ ପରିବାର ଓ ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରୁଥିବା ଜଣେ ବ୍ୟକ୍ତିଙ୍କ ଉତ୍ପାତରେ ଅତିଷ୍ଠ ହୋଇ ଶେଷରେ ଭୟଙ୍କର ବାତାବରଣ ସୃଷ୍ଟି ହେବାରୁ ଗ୍ରାମବାସୀ ତାଙ୍କୁ ଗଛରେ ବାନ୍ଧି ପୁଲିସକୁ ଖବର ଦେଇଥିବା ଘଟଣା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।



ଝାଟିଅଡା ପଞ୍ଚାୟତ ଅନ୍ତର୍ଗତ ତୋରାପୁର ଗ୍ରାମର କାର୍ତ୍ତିକ ଦାସ (୫୦) ମଦ୍ୟପାନ କରି ବାରମ୍ବାର ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏପରିକି ନିଜ ପରିବାରର ସଦସ୍ୟଙ୍କ ସମେତ ଗ୍ରାମର ଅନେକ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରୁଥିବାରୁ ଗ୍ରାମବାସୀ ତାଙ୍କ ଉତ୍ପାତରେ ଅତିଷ୍ଠ ହୋଇପଡ଼ିଥିଲେ। ଗତକାଲି ତାଙ୍କ ଆଚରଣ ଅସହ୍ୟ ହେବାରୁ ଗ୍ରାମବାସୀ ତାଙ୍କୁ ଅଟକ ରଖି ଏକ ଗଛରେ ବାନ୍ଧି ଦେବା ସହ ରାସଗୋବିନ୍ଦପୁର ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ପରେ ପ୍ରଥମେ ଚିକିତ୍ସା ପାଇଁ ପଠାଇଥିଲା। ତେବେ ତାଙ୍କ ଆଚରଣରେ ଡାକ୍ତର ମଧ୍ୟ ଅତିଷ୍ଠ ହୋଇ ପୁଲିସକୁ ରାତି ଅଧରେ ଲିଖିତରେ ମଦ୍ୟପ ବାବଦରେ ଜଣାଇଥିଲେ। ପୂର୍ବରୁ ରହିଥିବା ଆଚରଣ ଓ ଗତକାଲିର ଘଟଣାକୁ ନେଇ ପରିବାରବର୍ଗଙ୍କ ମଧ୍ୟରେ ଅସନ୍ତୋଷ ଥିବାରୁ ଚିକିତ୍ସା ସମୟରେ କେହି ଉପସ୍ଥିତ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ତାଙ୍କ ସ୍ତ୍ରୀ ମିନତୀ ଦାସ ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାଟି ଗ୍ରାମାଞ୍ଚଳରେ ମଦ୍ୟପାନଜନିତ ହିଂସା ଓ ପାରିବାରିକ ଅଶାନ୍ତିର ଗମ୍ଭୀରତାକୁ ପୁଣିଥରେ ସାମ୍ନାକୁ ଆଣିଛି।

କ୍ରିକେଟ୍ କୋଚ୍ କିଶୋର ମାଣିଆଙ୍କୁ ଠାକୁରମୁଣ୍ଡା ପ୍ରେସ୍ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା



ମହୁଲଡିହା,୩୧।୧୦(ସମିସ): ଓଡ଼ିଶାର ଖ୍ୟାତି ସମ୍ପନ୍ନ କ୍ରିକେଟ କୋଚ ତଥା କ୍ରୀଡା ଗୁରୁ କିଶୋର ମାଣିଆଙ୍କୁ ଆଜି ଠାକୁରମୁଣ୍ଡା ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରାଇରଙ୍ଗପୁର ଯିବା ରାସ୍ତାରେ ଠାକୁରମୁଣ୍ଡା ବଜାରରେ ଥିବା ପ୍ରେସ୍ କ୍ଲବ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଫୁଲତୋଡା ଦେଇ ତାଙ୍କୁ ସମ୍ମାନିତ କରିଥିଲେ। କିଶୋର ମାଣିଆ ଦୀର୍ଘବର୍ଷ ଧରି ଓଡ଼ିଶାର କ୍ରିକେଟ୍ ପ୍ରତିଭାଙ୍କୁ ତିଆରି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି। ତାଙ୍କର ଏହି ନିଃସ୍ୱାର୍ଥପର ସେବାକୁ ସମ୍ମାନ ଜଣାଇ ଆସନ୍ତାକାଲି ରାଇରଙ୍ଗପୁରରେ ତାଙ୍କୁ ସମ୍ବର୍ଦ୍ଧନା ଦେବାର କାର୍ଯ୍ୟକ୍ରମ ରହିଛି।

ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ


ବେତନଟୀ, ୩୧।୧୦(ସମିସ): ଦେଶର ଏକତା, ଅଖଣ୍ଡତା ଓ ସାମାଜିକ ସଦ୍‌ଭାବନା ବଜାୟ ରଖିବା ଉଦ୍ଦେଶ୍ୟରେ ଶନିବାର ବେତନଟୀ ଥାନା ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ଥାନା ଅଧିକାରୀ କ୍ରିଷ୍ଣା ପିଙ୍ଗୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଏସ୍‌ଆଇ ସାଧୁ ଶଙ୍କର ଗାଗରାଇ, ଏଏସ୍‌ଆଇ ଗୋଲକ ବିହାରୀ ମିଶ୍ର, ସଠିଲୋ ପିଏସ୍ ସଦସ୍ୟ କିଶୋର କୁମାର ନାୟକ, ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ସମସ୍ତେ ଏକତା ଶପଥ ପାଠ କରିଥିଲେ। ଏ ଅବସରରେ ନୂତନ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ଜନସାଧାରଣଙ୍କୁ ବିସ୍ତୃତ ଭାବେ ସଚେତନ କରାଯାଇଥିଲା। ଏଥିସହ ବେତନଟୀର ମୁଖ୍ୟ ଛକରେ ଅଚଳ ହାଇମାଷ୍ଟ ଲାଇଟ୍ ମରାମତି ଓ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଏକ କମିଟି ଗଠନ କରାଯାଇଥିଲା। ଶେଷରେ ଥାନା ଅଧିକାରୀଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

ଦୁର୍ନୀତି ନିବାରଣ ଶପଥ ମଧ୍ୟରେ ଆନନ୍ଦପୁରରେ ଦୁର୍ନୀତି ଅଭିଯୋଗ

ଆନନ୍ଦପୁର, ୩୧।୧୦(ସମିସ): ଦୁର୍ନୀତି ନିବାରଣ ପାଇଁ ସରକାରଙ୍କ ପକ୍ଷରୁ ସଚେତନତା ଅଭିଯାନ ଓ ଶପଥ ପାଠ ଚାଲିଥିବା ବେଳେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ବଢ଼ୁଥିବା ନେଇ ଅଭିଯୋଗ ଉଠିଛି। ସାଧାରଣ ଲୋକଙ୍କ କାମ ପାଇଁ ହାତଗୁଞ୍ଜା ଦେବାକୁ ପଡ଼ୁଥିବା ଅଭିଯୋଗ ହେଉଛି ପ୍ରଶାସନର ସ୍ୱଚ୍ଛତା ଓ ଦାୟିତ୍ୱବୋଧ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ। ଆନନ୍ଦପୁର ଉପଖଣ୍ଡର ତହସିଲ, ବ୍ଲକ, ଡାକ୍ତରଖାନା, ଜଳସେଚନ ବିଭାଗ, ପୂର୍ତ୍ତ ବିଭାଗ ଓ ପୌରପାଳିକା ଭଳି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାମ କରାଇବାକୁ ଲୋକଙ୍କୁ ଅଯଥା ହଇରାଣ ହେବାକୁ ପଡ଼ୁଥିବା ଅଭିଯୋଗ ରହିଛି। ଏପରିକି ଜମିଜମା ସମ୍ବନ୍ଧୀୟ କାର୍ଯ୍ୟରେ ମଧ୍ୟ ପାତରଅନ୍ତର ହେଉଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁଯାୟୀ, ରାସ୍ତା ସୁବିଧା ନଥିବା ଜମିକୁ ଘରବାଡ଼ି ପଟ୍ଟା ମିଳୁଥିବା ବେଳେ ରାସ୍ତା ସଂଯୋଗ ଥିବା ଜମିର ଆବେଦନକାରୀମାନେ ପଟ୍ଟା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ପଛରେ ଅର୍ଥ ଦାବି ରହୁଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ସେହିପରି ଲିଜ୍ ଜମିରେ ବହୁତଳ କୋଠା ନିର୍ମାଣ ଏବଂ ସରକାରୀ ଜମିରେ ହୋଟେଲ ନିର୍ମାଣ ହେଉଥିବା ଘଟଣା ମଧ୍ୟ ପ୍ରଶାସନିକ ତଦାରଖକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ଏହି ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ଓ ସାଧାରଣ ଲୋକଙ୍କୁ ହଇରାଣିରୁ ମୁକ୍ତି ଦେବା ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

କସ୍ତୁରବା ଗାନ୍ଧୀ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ମହୁଲଡିହା,୩୧।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗଦେଇ



କହିଥିଲେ ଯେ, ଶିଶୁଙ୍କ ଭିତରେ ରହିଥିବା ପ୍ରତିଭା ଚିହ୍ନଟ କରିବାର ଦାୟିତ୍ୱ ଶିକ୍ଷକଙ୍କର। ପିଲାମାନେ ଅନୁକରଣ ପ୍ରିୟ, ତେଣୁ ଆମ ଆଚରଣ କିପରି ହେବ ତାହା ଗୁରୁତ୍ୱପୂର୍ଣ୍ଣ। ୨୦୩୬ରେ ଆମେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରିବା। ବିକଶିତ ଓଡ଼ିଶା ଲକ୍ଷ୍ୟ ନେଇ ଆଜିଠୁ ଯୋଜନା ପ୍ରସ୍ତୁତ କରି ମାର୍ଗଦର୍ଶନ କରିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ଯୋଗଦେଇ ଛୋଟ ଛୋଟ ମଞ୍ଚ କିପରି ବଡ଼ ମଣିଷ ତିଆରିରେ ସହାୟକ ହୁଏ, ତା'ର ଉଦାହରଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସଂଯୁକ୍ତା ନାୟକ ଯୋଗଦେଇ କୁନି ବେଙ୍ଗର ଉଦାହରଣ ମାଧ୍ୟମରେ ସଫଳତାର କଥା କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବନପାଳ ବିଦ୍ୟାଧର ମହାନ୍ତ ଯୋଗଦେଇ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଚତୁର୍ଭୁଜ ବାରିକ ସଭାପତିତ୍ୱ କରିବା ସହିତ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ଶିକ୍ଷକ ସାର୍ଦ୍ଦିକ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ କ୍ଲଷ୍ଟରସ୍ତରୀୟ ଆୟୋଜିତ ସୁରଭି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ବର୍ଗରେ ଆୟୋଜିତ କୃତୀ ପ୍ରତିଯୋଗୀଙ୍କୁ ଉଦଯାପନୀ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। କୃତୀ ପରିଯୋଗୀ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇ ରାଜ୍ୟ ସ୍ତରକୁ ଯିବାର ବ୍ୟବସ୍ଥା ରହିଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ସ୍ୱପ୍ନେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ତହସିଲଦାର ସମ୍ବିତ କର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ସକାଳ
THE SAKALA
www.sakalaepaper.com

ସାକ୍ଷାତକାର

"ଚିତ୍ର ହିଁ ମୋତେ ଅଭିନୟ ଜଗତକୁ ଟାଣି ଆଣିଛି"

ଡା. ଚିନ୍ତାମଣି ବିଶ୍ୱାଳ, ଅଭିନେତା

ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ଅଭିନେତା ହେଲେ ଡା.ଚିନ୍ତାମଣି ବିଶ୍ୱାଳ । ଚିତ୍ରଶିଳ୍ପୀ ଓ ଅଭିନୟ କ୍ଷେତ୍ରରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । 'କୁଆଁରୀ କନ୍ୟା, 'ବନ୍ଧନ ଏ ଜନ୍ମ ଜନ୍ମର' ଆଦି ଅନେକ ଧାରାବାହିକରେ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି । ସେଭଳି 'ଏ ମନ ମାନେନା', 'ମୁନ୍ନା', 'ହାତ ଧରି ଚାଲୁଥା', 'ଶମ୍ଭୁ', 'ବାଳୀ', 'ଲାଗେ ପ୍ରେମ ନଜର' ଆଦି ଚଳଚ୍ଚିତ୍ରରେ ଚମତ୍କାର ଅଭିନୟ କରି ଦର୍ଶକୀୟ ପ୍ରଶଂସା ସାଉଁଟିଛନ୍ତି । ଏବେ 'ତୁ ମୋ କେଦାର ମୁଁ ତୋ ଗୌରୀ' ଧାରାବାହିକରେ ଅଭିନୟ କରୁଛନ୍ତି । ଅନେକ ଧାରାବାହିକ ଓ ସିନେମାରେ ନିଜ ଅଭିନୟର ଯାଦୁ ଦେଖାଇଥିବା ଚିନ୍ତାମଣିଙ୍କ ସହିତ ଆମର ଏହି ସ୍ୱତନ୍ତ୍ର ଆଲୋଚନା ।



ଆପଣ ଚିତ୍ରଶିଳ୍ପୀ ଓ ଅଭିନେତା ଭାବେ ପରିଚିତ । ଏ ଦୁଇଟି ମଧ୍ୟରୁ କେଉଁ ପରିଚୟରୁ ଆତ୍ମସନ୍ତୋଷ ଅଧିକ ମିଳେ?

● ଆତ୍ମସନ୍ତୋଷ ଉଭୟ ଚିତ୍ର ଓ ଅଭିନୟରେ ମିଳେ । ଅଭିନୟରେ ଟିକେ ଅଧିକ ମିଳେ । କାରଣ ଚିତ୍ର ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିବିଶେଷଙ୍କ ପାଖରେ ମୋତେ ପରିଚିତ କରିଛି । ଚିତ୍ରକୁ ଭଲପାଉଥିବା ଏବଂ ଚିତ୍ରକରଙ୍କୁ ଖୋଜୁଥିବା ମଣିଷ ପାଖରେ ପହଞ୍ଚାଇ ପାରିଛି । ହେଲେ ଅଭିନୟ ଦ୍ୱାରା ସାଧାରଣ ମଣିଷ ପାଖରେ ମୁଁ ପହଞ୍ଚିପାରିଛି ଏବଂ ପରିଚୟ ପାଇଛି । ସେହିପରି ମୋର ଅଭିନୟ ଚିତ୍ରରୁ ଅନୁପ୍ରାଣିତ ଓ ଚିତ୍ର ମଧ୍ୟ ଅଭିନୟଠାରୁ ଅନୁପ୍ରାଣିତ । ଏକଥା ଏଥିପାଇଁ କହୁଛି ଚିତ୍ରରେ ହେଉ କି ଅଭିନୟରେ ରଙ୍ଗବିନ୍ୟାସ ବଡ଼ କଥା ଏବଂ ଏହାର ମୂଳତତ୍ତ୍ୱ ହେଉଛି ଭାବ । ଭାବକୁ ପରିପ୍ରକାଶ କରିବାର ଅନ୍ୟ ନାଁ କଳା । ତେଣୁ ଭିଜୁଆଲ୍ ଆର୍ଟ ଏବଂ ଫର୍ମିଙ୍ଗ ଆର୍ଟରେ ମୁଁ କିଛି ଫରକ୍ ଅନୁଭବ କରେନି ।

ଚିତ୍ରକଳା ଓ ଅଭିନୟ ମଧ୍ୟରୁ ଗୋଟିଏକୁ ବାଛିବାକୁ ହେଲେ କାହାକୁ ବାଛିବେ?

● ଚିତ୍ରକୁ ବାଛିବି । କାରଣ ଚିତ୍ର ହିଁ ମୋର ସର୍ବସ୍ୱ । ଚିତ୍ର ବିହୁନେ ବଞ୍ଚିବା କଷ୍ଟ । ଚିତ୍ର ହିଁ ମୋତେ ଅଭିନୟ ଜଗତକୁ ଟାଣି ଆଣିଛି । ଚିତ୍ର ହିଁ ମୋର ମାଆ ।

କମେଡି ଓ ଖଳ ଚରିତ୍ର ମଧ୍ୟରୁ କେଉଁ ଚରିତ୍ରକୁ ଗୁରୁତ୍ୱ ଦେବେ?

● ଖଳ ଚରିତ୍ରରେ ଅଭିନୟ କରିବାକୁ ପସନ୍ଦ କରିବି । କମେଡି ଚରିତ୍ରରେ ଅଭିନୟ କରିବା ସବୁଠୁ କଷ୍ଟ । ଖଳ ଚରିତ୍ର ସହଜ ଲାଗେ ମୋତେ । ଦାଢ଼ି, ସିନ୍ଦୁର ନାଇଥିବା ଲୋକଟା ଯେ ଖଳ ସେମିତି ଭାବିବା ଭୁଲ । ଖଳ ଚରିତ୍ର ସମାଜରେ ଲୁଚି ଲୁଚି ବଞ୍ଚେ ଏବଂ ଲୁଚି ଲୁଚି ଭଲ ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ହଇରାଣ କରେ । ସେହିଭଳି କିଛି ଚରିତ୍ରକୁ ସଚେତନ କରିବାକୁ ମୁଁ ଖଳ ଚରିତ୍ରରେ ଅଭିନୟ କରିବାକୁ ଭଲପାଏ ।

ପୂର୍ବ ତୁଳନାରେ ବର୍ତ୍ତମାନ ଧାରାବାହିକରେ କ'ଣ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି?

● ନୂଆପଣ ବହୁତ ଆସିଛି । ଭିଜିଏମ୍, ପରିପାଟୀ, କମ୍ପୋଜିସନ, ଅଭିନୟରେ ଆସିଛି । କିନ୍ତୁ ଏହାରି ଭିତରେ ମୌଳିକତା କୋଉଠି ନା କୋଉଠି ହରାଉଛି । ପରମ୍ପରା, ସଂସ୍କୃତି, ଚାଲିଚଳଣି କୋଉଠି ନା କୋଉଠି ପଥଭ୍ରଷ୍ଟ ହେଉଥିବା ମୁଁ ଦୃଢ଼ତାର ସହ କହିବି । ଆଉ ଗୋଟିଏ କଥା ହେଉଛି ଅନେକ ଲୋକଙ୍କୁ ଧାରାବାହିକ ଏକପ୍ରକାର ସଚେତନ ବି କରୁଛି ।

ସିନେମା ଓ ଧାରାବାହିକ ମଧ୍ୟରୁ କାହାକୁ ପ୍ରାଥମିକତା ଦେବେ?

● କାହାଣୀ ଓ ଚରିତ୍ର ଭଲ ଥିଲେ ସିନେମାକୁ ପ୍ରଥମେ ବାଛିବି ।

ଅଭିନୟ ପାଇଁ ଉଚିତ ପାରିଶ୍ରମିକ ମିଳୁଛି କି?

● ନିଶ୍ଚିତ । ଅଭିନୟ ପାଇଁ ଭଲ ପାରିଶ୍ରମିକ ମିଳୁଛି ।

ଆଗାମୀ ଯୋଜନା କ'ଣ?

● କଳାକୁ ନେଇ 'କଳ୍ପତରୁ ଆର୍ଟ ଆଣ୍ଡ କ୍ରାଫ୍ଟ' ନାମକ ଅନୁଷ୍ଠାନ ଗଢ଼ିଛୁ । ସେହି ଅନୁଷ୍ଠାନରେ ଅନେକ ବର୍ଗର ପିଲାମାନେ କଳା ଶିକ୍ଷା ପ୍ରାପ୍ତ କରୁଛନ୍ତି । କିଛି ପିଲା ମାଗଣାରେ ଚିତ୍ରକଳା, ମୂର୍ତ୍ତିକଳା ଶିଖୁଛନ୍ତି । ଭବିଷ୍ୟତରେ ଆର୍ଥିକ ସ୍ୱଚ୍ଛଳ ମନେ କଲେ କଳାଶ୍ରମ ପ୍ରତିଷ୍ଠା କରି ଅଭାବବୋଧ ମନେ କରୁଥିବା କଳାକାରଙ୍କୁ ଏକତ୍ରିତ କରି ସେମାନଙ୍କ ସେବା ଶୁଶ୍ରୂଷା କରିବା ଲକ୍ଷ୍ୟ ଅଛି । ତା'ସହ ନୂଆପିଢ଼ିଙ୍କୁ ନୂତନ କଳାର ଶୈଳୀ ଏବଂ ନୂତନ କଳାର ବାଣିଜ୍ୟିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଉଭୟ ପତି ପତ୍ନୀ ଶପଥ ନେଇଛୁ ।■



ଆଜି 'ଜୀ ସାର୍ଥକ ସଂସାର ଆୱାର୍ଡ'

ଭାରତର ଗଣପର୍ବ ଦୀପାବଳିକୁ ଆହୁରି ମନୋରଞ୍ଜକ କରିବା ପାଇଁ 'ଜୀ ସାର୍ଥକ' ପରିବାରର ବଡ଼ ଉତ୍ସବ ପ୍ରସ୍ତୁତ କରିଛି । ଆଜି ସନ୍ଧ୍ୟା ୬ଟା ୩୦ରେ 'ଜୀ ସାର୍ଥକ ସଂସାର ଆୱାର୍ଡ-୨୦୨୬' ଜୀ ସାର୍ଥକରେ ଏହା ପ୍ରସାରିତ ହେବ । ଏହି ଉତ୍ସବରେ ସାର୍ଥକ ସଂସାରର ସମସ୍ତ ମେଗା ଧାରାବାହିକ ଓ ଅନ୍ୟାନ୍ୟ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମର ପ୍ରିୟ କଳାକାରମାନେ ଯୋଗ ଦେଇ ନିଜର ଚିତ୍ତାକର୍ଷକ ପ୍ରଦର୍ଶନ କରିବେ । ଏହି ଆୱାର୍ଡ ଶୋ'କୁ ଆହୁରି ଝଲସାଇବା ପାଇଁ ଓଲିଉଡ୍‌ର ନାମୀଦାମୀ କଳାକାରମାନଙ୍କର ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିବ । ଅର୍ଜିତା, ସ୍ୱରାଜ, ସୁପ୍ରିୟା ଓ ଶୈଳେନ୍ଦ୍ରଙ୍କ ଭଳି ତାରକା ଏଥିରେ ସାମିଲ ହେବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଲିଉଡ୍‌ର ଲୋକପ୍ରିୟ ତାରକା ଏଲିନା ସାମନ୍ତରାୟ ଓ ସବ୍ୟସାଚୀ ମିଶ୍ର ଯୋଗ ଦେବେ ।■

୬ ବର୍ଷର ପ୍ରିୟାଂଶୀଙ୍କ କଣ୍ଠରେ 'ଆ...ନିଦ ମାଉସୀ'



୨ ବର୍ଷ ବୟସରେ ତୃପ୍ତି ଦାସ 'ଅଦିନ ମେଘ' ଚଳଚ୍ଚିତ୍ରରେ ଗାଇଥିଲେ 'ବୋଉଲୋ କି'କହିବି ନୂଆ ଭାଉଜଙ୍କ କଥା' ଗୀତ । ସେହିପରି ୧୩ ବର୍ଷ ବୟସରେ ଅନନ୍ୟା ନନ୍ଦ ଚଳଚ୍ଚିତ୍ର 'ଅଗସ୍ତ୍ୟା' ଓ 'ବେବି' ଚଳଚ୍ଚିତ୍ର ପାଇଁ ଗୀତ ଗାଇଥିଲେ । ପରେ ପରେ ଭୂମିକା ଦାସ ମଧ୍ୟ ସେହି ବୟସରେ ଚଳଚ୍ଚିତ୍ରର ସଂଗୀତ ଜଗତରେ ପାଦ ଦେଇଥିଲେ । କିନ୍ତୁ ଏବେ ସମସ୍ତଙ୍କୁ ବିସ୍ମିତ କରି ମାତ୍ର ଛଅ ବର୍ଷର କୁନି ଝିଅ ପ୍ରିୟାଂଶୀ ମିଶ୍ର 'ମୋ ଭାଇ ଜଗନ୍ନାଥ ଚଳଚ୍ଚିତ୍ର'ରେ 'ଆ... ନିଦ ମାଉସୀ' ଗୀତ ଗାଇଛନ୍ତି । ଏହା ମଧ୍ୟରେ ମନ୍ମଥ ମିଶ୍ରଙ୍କ ଷ୍ଟୁଡିଓରେ ଗୀତଟିର ରେକର୍ଡିଂ ସରିଛି । ଯେଉଁଥିରେ ଶ୍ରୀଚରଣ ମହାନ୍ତି, ଶଶାଙ୍କ ଶେଖର, ମାନସୀ ପାତ୍ର, ରାମକୃଷ୍ଣ, ସତ୍ୟଜିତ୍, ଇପସିତା ଓ ମନ୍ମଥ ମିଶ୍ରଙ୍କ ସହ ଗୀତ ଗାଇଛନ୍ତି ପ୍ରିୟାଂଶୀ । ଏହାର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିପିନ୍ ବାରିକ୍ ଓ ପ୍ରିତମ ମିଶ୍ର । ହରିଆଣାରେ ରହୁଥିବା ପୁରା ମାଟିର ଝିଅ ହେଉଛନ୍ତି ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ୟାମାପ୍ରସାଦ ମିଶ୍ରଙ୍କ ସୃଷ୍ଟି । ସେ ହେଉଛନ୍ତି ଗୀତିକାର ଡକ୍ଟର ବଦ୍ରି ମିଶ୍ରଙ୍କ ନାତୁଣୀ ତଥା ସଂଗୀତ ନିର୍ଦ୍ଦେଶକ ପ୍ରିତମଙ୍କ ଝିଅ । ପ୍ରିୟାଂଶୀଙ୍କ ସ୍ୱର ଓଡ଼ିଆ ଶ୍ରୋତା ଦର୍ଶକଙ୍କୁ ମୁଗ୍ଧ କରିବ ବୋଲି ଆଶା କରାଯାଉଛି ।■

୧୫ ହଜାର ଟଙ୍କାରେ ତିଆରି ପ୍ରଥମ 'ରାମାୟଣ' ଫିଲ୍ମ

ପରଜା ପଛର କାହାଣୀ





ବଲିଉଡ୍ ଅଭିନେତା ରଣବୀର କପୁର୍ ଅଭିନୀତ ଫିଲ୍ମ 'ରାମାୟଣ'କୁ ନେଇ ସବୁଠି ଚର୍ଚ୍ଚା । ଏହି ବିଗ୍ ବଜେଟ୍‌ର ଫିଲ୍ମ ୪୦୦୦ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଛି । ତେବେ ହିନ୍ଦୀ ସିନେମା ଇତିହାସରେ ପ୍ରଥମ 'ରାମାୟଣ' ଆଧାରିତ ଫିଲ୍ମ ଥିଲା 'ଲଙ୍କା ଦହନ' । ଏହା ୧୯୧୭ ମସିହାରେ ମୁକ୍ତିଲାଭ କରିଥିଲା । ଏହି ଫିଲ୍ମ ଭାରତୀୟ ସିନେମାର ଜନକ ଦାଦା ସାହେବ ଫାଲ୍‌କେଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା । ୧୦୯ ବର୍ଷ ପୂର୍ବରୁ ମୁକ୍ତିଲାଭ କରିଥିବା ଏହି ପୌରାଣିକ ଫିଲ୍ମ ୧୫୦୦୦ ଟଙ୍କା ବଜେଟ୍‌ରେ ନିର୍ମିତ ହୋଇଥିଲା । ଏହି ଫିଲ୍ମରେ ପ୍ରଥମ କରି 'ରାମାୟଣ' ପୌରାଣିକ କାହାଣୀକୁ ପରଦାରେ ଚିତ୍ରଣ କରାଯାଇଥିଲା । ଏହା ଶବ୍ଦ ବିହୀନ ଏକ ଫିଲ୍ମ ଥିଲା । ବିନା ସଂଳାପରେ ନିର୍ମିତ ଏହି ଫିଲ୍ମରେ 'ରାମାୟଣ'ର ସମ୍ପୂର୍ଣ୍ଣ କାହାଣୀ ପ୍ରଦର୍ଶିତ ଯାଇଥିଲା । କମ୍ ଟଙ୍କାରେ ଏହି ଆଇକନିକ୍ ଫିଲ୍ମ ନିର୍ମାଣ ହୋଇଥିଲା । ଆଶ୍ଚର୍ଯ୍ୟଜନକ କଥା ହେଉଛି ସେହି ସମୟରେ, 'ଲଙ୍କା ଦହନ' ବେଶ୍ ବ୍ୟବସାୟିକ ସଫଳତା ପାଇଥିଲା । ରିପୋର୍ଟ ଅନୁଯାୟୀ ଏହା ୩୫,୦୦୦ ଟଙ୍କାରୁ ଅଧିକ ଆୟ କରିଥିଲା । ଏହି ଫିଲ୍ମ ରାମାୟଣ ଆଧାରିତ ପ୍ରଥମ ସଫଳ ଚଳଚ୍ଚିତ୍ର ଥିଲା । 'ଲଙ୍କା ଦହନ' ଫିଲ୍ମକୁ ନେଇ ଅନେକ କାହାଣୀ ଚଳଚ୍ଚିତ୍ର ଜଗତରେ ପ୍ରଚଳିତ । ଏଥିରେ ଆନ୍ନା ସାଲୁଙ୍କେ ଭଗବାନ ରାମ ଏବଂ ମାତା ସୀତା ଭୂମିକାରେ ଅଭିନୟ କରିଥିଲେ । ତାଙ୍କର ଏହି କୃତିତ୍ୱ ଏବେ ବି ବଲିଉଡ୍ ଇତିହାସରେ ସ୍ମରଣୀୟ ହୋଇରହିଛି ।■

'ଇଠା'ର ଟ୍ରେଲର ରିଲିଜ୍

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ ଆଗାମୀ ସିନେମା 'ଇଠା'ର ଟ୍ରେଲର ଇତିମଧ୍ୟରେ ରିଲିଜ୍ ହୋଇଯାଇଛି । ତା'ସହ ଏହାର ଟ୍ରେଲରକୁ ଦର୍ଶକେ ପସନ୍ଦ ମଧ୍ୟ କରିଛନ୍ତି । ଫିଲ୍ମରେ ଶ୍ରଦ୍ଧା ସମ୍ପୂର୍ଣ୍ଣ ଅଲଗା ଓ ଦମଦାର ଅବତାରରେ ନଜର ଆସିବେ । ସିନେମାଟି ମହାରାଷ୍ଟ୍ରର ପ୍ରସିଦ୍ଧ ଲାବଣୀ ସାମ୍ରାଜ୍ଞୀ ବିଠାବାଇ ନାରାୟଣଗାଓ଼ରଙ୍କ ଜୀବନ ଉପରେ ଆଧାରିତ । ଏଥିରେ ଶ୍ରଦ୍ଧା ବିଠାବାଇ ଭୂମିକାରେ ଅଭିନୟ କରିବେ । ସେହିପରି ଏଥିରେ ରଣଦୀପ ହୁଡ୍ଡା ଏବଂ ମହମ୍ମଦ ଜୀଶାନ ଅୟୁବ ବି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ସିନେମାର ଟ୍ରେଲରରେ ଲୋକକଳା, ସଂଘର୍ଷ ଏବଂ ଜଣେ କଳାକାର ଜୀବନର ଅନେକ ରଙ୍ଗ ଦେଖିବାକୁ ମିଳିଛି । ୩ ମିନିଟ୍ ୨ ସେକେଣ୍ଡର ଏହି ଟ୍ରେଲରର ଆରମ୍ଭ ଏକ ଦମଦାର ସଂଳାପରୁ ହୋଇଛି । ଏହାପରେ ବିଠାବାଇଙ୍କ ଜୀବନର ସଂଘର୍ଷ ଦେଖିବାକୁ ମିଳିଛି । ସିନେମାର ନିର୍ଦ୍ଦେଶନା ଲକ୍ଷ୍ମଣ ଉତେକର ଦେଇଛନ୍ତି । ସିନେମାର କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି କ୍ଷାତିଜ ପଟବର୍ଦ୍ଧନ । ଅନ୍ୟପଟେ ସିନେମାଟି ଡିସମ୍ବର ୪ରେ ପ୍ରେକ୍ଷାଳୟକୁ ଆସିବ ।■

ମୁହଁ ଖୋଲିଲେ ରକୁଲ

ଚଳିତବର୍ଷର ବହୁ ପ୍ରତୀକ୍ଷିତ ସିନେମା ହେଉଛି 'ରାମାୟଣ ପାର୍ଟ୧ ।' ନୀତେଶ ତିୱାରିଙ୍କ ଏହି ସିନେମାକୁ ନେଇ ରାତିମତ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଛି । ସିନେମାରେ ରାମ ଭୂମିକାରେ ରଣବୀର କପୁର, ସୀତା ଚରିତ୍ରରେ ସାଇ ପଲ୍ଲବୀ, ଲକ୍ଷ୍ମଣ ଚରିତ୍ରରେ ରବି ଦୁବେ, ରାବଣ ଚରିତ୍ରରେ ୟଶ, ହନୁମାନ ଚରିତ୍ରରେ ସନ୍ନି ଦେଓ୍ୱଲ ଏବଂ ଶୂର୍ପଣଖା ଭୂମିକାରେ ନଜର ଆସିବେ ରକୁଲ ପ୍ରୀତ ସିଂହ । ତେବେ ରକୁଲ ତାଙ୍କର ଏହି ଚରିତ୍ରରେ ଅଭିନୟ କରିବାକୁ ନେଇ ମୁହଁ ଖୋଲିଛନ୍ତି । ସେ ଏକ ସାକ୍ଷାତକାରରେ ଶୂର୍ପଣଖା ଚରିତ୍ରରେ ଅଭିନୟ କରିବାର ଉତ୍ସାହ ସମ୍ପର୍କରେ କହିଛନ୍ତି । ସେହିପରି ଶୂର୍ପଣଖା ଚରିତ୍ରକୁ ନେଇ ଥିବା ଲୋକଙ୍କ ଭୁଲ ଚିନ୍ତାଧାରା ବାବଦରେ ବି କହିଛନ୍ତି । ତାଙ୍କ ମତରେ ଶୂର୍ପଣଖା ଯୋଗୁଁ ହିଁ ଯୁଦ୍ଧ ଆରମ୍ଭ ହୋଇଥିଲା । ତେଣୁ ଏଭଳି ଚରିତ୍ରରେ ଅଭିନୟ କରିବା ନିହାତି ଭାବେ ରୋମାଞ୍ଚିକ ବୋଲି ରକୁଲ କହନ୍ତି । ସେହିପରି ସାମାଜିକ ଗଣମାଧ୍ୟମରେ ରକୁଲ କହିଛନ୍ତି, ଶୂର୍ପଣଖା ଚରିତ୍ରରେ ଅଭିନୟ କରିବା ଅତ୍ୟନ୍ତ ଜଟିଳ । ଇତିହାସରେ କେବଳ ତାଙ୍କୁ ଏକ ଘଟଣା ପାଇଁ ମନେ ପକାଯାଏ । ହେଲେ ତାଙ୍କ କାହାଣୀରେ ଆହୁରି ଅନେକ କିଛି ଅଛି । ସେ ଆଶା କରୁଛନ୍ତି ଯେ, ରାମାୟଣ ରିଲିଜ୍ ହେଲେ ଦର୍ଶକେ ଖୋଲା ମସ୍ତିଷ୍କରେ ଏହି ଚରିତ୍ରକୁ ବୁଝିବେ । ଏହା ସହିତ ସେ ନମସ୍କାର ଇମୋଜି ସେୟାର୍ କରିଛନ୍ତି ।■

ଆଉ ଏକ ଐତିହାସିକ ଫିଲ୍ମରେ ଅରୁଣ ଓ ଦୀପିକା

ରାମାନନ୍ଦ ସାଗରଙ୍କ ଲୋକପ୍ରିୟ ପୌରାଣିକ ଧାରାବାହିକ 'ରାମାୟଣ'ରେ ଅରୁଣ ଗ୍ରୋଭିଲ ଏବଂ ଦୀପିକା ଚିଖଲିୟାଙ୍କ ଯୋଡ଼ିକୁ ଆଜି ବି ଲୋକେ ପସନ୍ଦ କରନ୍ତି । ଏହି ପୌରାଣିକ ଟିଭି ଧାରାବାହିକରେ ଦୁହେଁ ଭଗବାନ ଶ୍ରୀରାମ ଏବଂ ମାତା ସୀତା ଚରିତ୍ରରେ ଅଭିନୟ କରିଥିଲେ । ତେବେ ଏବେ ୩୯ ବର୍ଷ ପରେ ଦୁହିଁଙ୍କୁ ପୁଣି ଏକାଠି ଦେଖିବାକୁ ମିଳିବ । ତାହା ପୁଣି ବଡ଼ ପରଦାରେ । ନିର୍ମାତା ଆଦିତ୍ୟ ରଘୁବଂଶୀଙ୍କ ଫିଲ୍ମ 'ନୋଟିସ୍'ରେ ଦୀପିକା ଓ ଅରୁଣ ପ୍ରଥମଥର ପାଇଁ ଫିଲ୍ମରେ ଏକାଠି ନଜର ଆସିବେ । ଏହି ସିନେମାରେ ଦୁହେଁ ରାମ ଓ ସୀତାଙ୍କ ଆଧୁନିକ ରୂପରେ ନଜର ଆସିବା କୁହାଯାଉଛି । ତେବେ ସିନେମାଟି ଓଟିଟିରେ ଦେଖିବାକୁ ମିଳିବ ।■




ବିପର୍ଯ୍ୟୟରୁ ରକ୍ଷାକଲେ ଜୁରେଲ

ଖ୍ରୀଷ୍ଟଚର୍ଚ୍ଚ,୩୧।୧୦(ଏଜେନ୍ସି): ଅଧିନାୟକ ଧ୍ରୁବ ଜୁରେଲ ଓ ଫର୍ମରେ ଥିବା ଦେବଦତ୍ତ ପାଡିକଲଙ୍କ ଉପଯୋଗୀ ଅର୍ଦ୍ଧଶତକ ଯୋଗୁଁ ଏଠାରେ ଆଜି ଆରମ୍ଭ ହୋଇଥିବା ନ୍ୟୁଜିଲାଣ୍ଡ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ' ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା ପାଇଯାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ପ୍ରଥମ ଓଭରରେ ଯଶସ୍ୱୀ ଜୟସ୍ୱାଲ(୦)ଙ୍କ ୱିକେଟ ହରାଇଥିଲା। ଏହା ପରେ ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକଲ ଦ୍ୱିତୀୟ ୱିକେଟ ଯୋଡିରେ ୯୧ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ସାଇ ସୁଦର୍ଶନ ୬୩ ବଲରେ ୪୧ ଓ ପାଡିକଲ ୧୪୦ ବଲ୍‌ରେ ୮୦ ରନ୍ କରି ଆଉଟ ହୋଇଥିଲେ। ଏମାନଙ୍କ ଆଉଟ ହେବା ଫଳରେ ଦଳ ୧୩୭ ରନ୍‌ରେ ୫ଟି ଓ ୧୬୦ ରନ୍‌ରେ ଷଷ୍ଠ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଜୁରେଲ ଲଢୁଆ ବ୍ୟାଟିଂ କରି ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳୀୟ ସ୍କୋରକୁ ୭ ୱିକେଟରେ ୨୯୧ ରନ୍‌ରେ ପହଞ୍ଚାଇଥିଲେ। ଏହି ସମୟରେ ଜୁରେଲ ୯୯ ଓ ଆକାଶ ଦୀପ ୨୫ ରନ୍‌ରେ ବ୍ୟାଟିଂ କରୁଥିଲେ। ମାନବ ସୁତାରଙ୍କ ଉପଯୋଗୀ ୨୨ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ-ଏ' ପକ୍ଷରୁ ଫାଷ୍ଟ ବୋଲର ଫ୍ରେଜର ଶିଟ୍ ୪ଟି ୱିକେଟ ନେଇ ସଫଳତା ପାଇଥିଲେ।

ପ୍ରଥମ ଟେଷ୍ଟ ଜିତିଲା ୱେଷ୍ଟଇଣ୍ଡିଜ୍

ଢାକା,୩୧।୧୦(ଏଜେନ୍ସି): ଦୁଇ ସ୍ପିନର ବାମହାତୀ ଜୋମେଲ ୱାରିକାନ (୯ୱିକେଟ) ଏବଂ ଅଫ୍ ସ୍ପିନର ରୋଷ୍ଟୋନ ଚେଜ୍ (୫ ୱିକେଟ)ଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ପ୍ରଥମ ଟେଷ୍ଟକୁ ୱେଷ୍ଟଇଣ୍ଡିଜ୍ ୮ ୱିକେଟରେ ଜିତିନେଇଛି। ୱାରିକାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ବିଜୟ ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭ୍ରମଣକାରୀ ଦଳ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟ ମ୍ୟାଚ୍ ସିଲହଟ୍‌ରେ ନଭେମ୍ବର ୫ରୁ ୯ ଯାଏ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପ୍ରଥମ ଇନିଂସରେ ୨୭୨ ଓ ଦ୍ୱିତୀୟ ଇନିଂସରେ ୧୪୨ ରନ୍ କରିଥିଲା। ଜବାବରେ ପ୍ରଥମ ଇନିଂସରେ ୨୪୫ ରନ୍ କରିଥିବା ୱେଷ୍ଟଇଣ୍ଡିଜ୍ ଆଗରେ ୧୭୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଭ୍ରମଣକାରୀ ଦଳ ବ୍ରାଣ୍ଡନ କିଙ୍ଗଙ୍କ ଅପରାଜିତ ୮୧ ରନ୍ ସହାୟତାରେ ମାତ୍ର ୨ ୱିକେଟ ହରାଇ ଏହି ଲକ୍ଷ୍ୟକୁ ହାସଲ କରିନେଇଥିଲା।

ଆୟର୍ଲାଣ୍ଡକୁ ଜିତାଇଲେ ଜୟ ମୁଦ୍ରା



ୱିଣ୍ଡୋଏକ୍,୩୧।୧୦(ଏଜେନ୍ସି): ଭାରତୀୟ ବାମହାତୀ ଫାଷ୍ଟ ବୋଲର ଜୟ ମୁଦ୍ରା ଘାତକ ବୋଲିଂ କରି ୨୬ ରନ୍‌ରେ ୬ ୱିକେଟ ନେବା ଫଳରେ ଏଠାରେ ଶନିବାର ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ ଆୟର୍ଲାଣ୍ଡ ୧୩୦ ରନ୍‌ର ବିଶାଳ ବ୍ୟବଧାନରେ ନାମିବ୍ୟାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ୫୦ ଓଭରରେ ୮ ୱିକେଟ ହରାଇ ୨୯୮ ରନ୍ କରିଥିଲା। ଜବାବରେ ନାମିବ୍ୟା ଜୟଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୪୧ ଓଭରରେ ୧୬୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜୟ ମୁଦ୍ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

■ ଟେଷ୍ଟ କ୍ରିକେଟରେ ନଂ-୧ ଟିମ୍

ସିରିଜ୍ କବ୍‌ଜା କଲା ଦକ୍ଷିଣ ଆଫ୍ରିକା

କେପ୍‌ଟାଉନ୍,୩୧।୧୦(ଏଜେନ୍ସି): ଫାଷ୍ଟ ବୋଲର କାଗିସୋ ରାବାଡା ଓ ବାମହାତୀ ସ୍ପିନର ସାଇମନ ହାର୍ମରଙ୍କ ଚମକପ୍ରଦ ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ୟ ତଥା ନିର୍ଣ୍ଣାୟକ ଟେଷ୍ଟକୁ ଘରୋଇ ଦକ୍ଷିଣ ଆଫ୍ରିକା ୧୭୬ ରନ୍‌ରେ ଜିତିନେଇଛି। ଏହା ଫଳରେ ଘରୋଇ ଦଳ ୨-୧ ବ୍ୟବଧାନରେ ଏହି ଟେଷ୍ଟ ସିରିଜ୍‌କୁ କବ୍‌ଜା କରିଛି। ଏହା ଫଳରେ ଆଇସିସି ଟେଷ୍ଟ ମାନ୍ୟତାରେ ଦକ୍ଷିଣ ଆଫ୍ରିକା ନୂଆ ନଂ-୧ ଟିମ୍ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୩୨୯ ଓ ଦ୍ୱିତୀୟ ଇନିଂସରେ ୩୮୭ ରନ୍ କରିଥିଲା। ଜବାବରେ ପ୍ରଥମ ଇନିଂସରେ ୪୨୯ ରନ୍ କରିଥିବା ଅଷ୍ଟ୍ରେଲିଆ ଆଗରେ ମ୍ୟାଚ୍ ଜିତିବାକୁ ୨୮୮ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୧୧ରନ୍ କରି ଅଲଆଉଟ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ହାର୍ମର ସର୍ବାଧିକ ତଥା ଶେଷ ୬ଟି ଓ ରାବାଡା ପ୍ରଥମ ୩ଟି ୱିକେଟ ପାଇଥିଲେ। ବିଜୟୀ ଦଳ ପକ୍ଷରୁ ଏଠାରେ ୧୦ଟି ୱିକେଟ ନେଇଥିବା ହାର୍ମରଙ୍କୁ ମ୍ୟାଚ୍‌ର ଓ ମୋଟ ୧୪୬ ରନ୍ ସହ ୧୦ଟି ୱିକେଟ ନେଇଥିବା ମାର୍କୋ ଜାନସେନ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଭାରତ-ନ୍ୟୁଜିଲାଣ୍ଡ ଶେଷ ଟି-୨୦ ମୁକାବିଲା ଆଜି

ହାମିଲଟନ୍,୩୧।୧୦(ଏଜେନ୍ସି)



ଭ୍ରମଣକାରୀ ଭାରତ ଓ ଆୟୋଜକ ନ୍ୟୁଜିଲାଣ୍ଡ ମଧ୍ୟରେ ଆସନ୍ତାକାଲି ୫ମ ତଥା ଶେଷ ଟି-୨୦ ମୁକାବିଲା ସ୍ଥାନୀୟ ସେଡନ ପାର୍କରେ ଖେଳାଯିବ। ଏହି ସିରିଜ୍‌ର ଚତୁର୍ଥ ମୁକାବିଲାକୁ ଛାଡିଦେଲେ ଅନ୍ୟ ୩ଟି ଯାକ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ଭାରତ ଏହି ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ଆଗୁଆ ସିରିଜ୍ କବ୍‌ଜା କରିଥିଲା। କିନ୍ତୁ ସିରିଜ୍ ହାରିବା ପରେ ଚତୁର୍ଥ ମୁକାବିଲାରେ ନ୍ୟୁଜିଲାଣ୍ଡ ଯେପରି ପ୍ରଦର୍ଶନ କରି ମ୍ୟାଚ୍ ଜିତିନେଲା, ସେଥିରେ ଯେ କେବଳ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ନୁହେଁ, ବରଂ ଦର୍ଶକଙ୍କ ହୋସ୍ ଉଡିଯାଇଛି। ଏହି ମ୍ୟାଚ୍‌ରେ ଜଣେ ହେଲେ ବ୍ୟାଟର କିମ୍ବା ବୋଲର ସଫଳତା ପାଇଲେ ନାହିଁ। ଯାହା ଫଳରେ ମ୍ୟାଚଟି ଏକତରଫା ହେଲା ଓ ନ୍ୟୁଜିଲାଣ୍ଡ ସହଜରେ ବିଜୟୀ ହୋଇଥିଲା। ଏହା ପରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍‌ରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦଳର ଦୟନୀୟ ପରାଜୟ ପରେ ଏହାକୁ ପୁନରାବୃତ୍ତି କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କେବେ ବି ଆଶା କରିବ ନାହିଁ।

ଭାରତ ପ୍ରଥମେ ଯେଉଁ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲା, ତାହା କେବଳ ବ୍ୟାଟରଙ୍କ ଯୋଗୁଁ ସମ୍ଭବ ହୋଇଥିଲା। ଚତୁର୍ଥ ମ୍ୟାଚ୍‌ରେ ସେହି ବ୍ୟାଟର ଖେଳିଥିଲେ, କିନ୍ତୁ ଏହି ପଡ଼ିଆରେ କେହି ଖାପଖୁଆଇ ପାରି ନ ଥିଲେ। ଅବଶ୍ୟ ୫ମ ଟି-୨୦ ଖେଳାଯିବାକୁ ଥିବା ସେଡନ ପାର୍କରେ ଏଭଳି ଅସାମଞ୍ଜସ୍ୟ ପଡ଼ିଆ ନାହିଁ। କିନ୍ତୁ ଭାରତୀୟ ଦଳ କିପରି ପ୍ରଦର୍ଶନ କରିବ ତାହା ଖେଳ ପରେ ଜଣାପଡ଼ିବ।

ଏହି ସିରିଜ୍‌ରେ ବୋଲରମାନେ ନିର୍ମମ ପ୍ରହାର ଖାଇଛନ୍ତି। ଯାହା ଲାଗି ବ୍ୟାଟରମାନେ ମ୍ୟାଚ୍‌ର ହାରଜିତ ନିୟନ୍ତ୍ରଣ କରୁଛନ୍ତି। ଭାରତର ଟପ୍ ଅର୍ଡରରେ ଜଣେ ହେଲେ ପ୍ରଥମ ୩ଟି ମ୍ୟାଚ୍‌ରେ କ୍ଲିକ୍ କରିଛନ୍ତି। ଦିନିକିଆ ସିରିଜ୍ ଲାଗି ଯଦି ଦଳ ଖେଳାଳିଙ୍କୁ ବିଶ୍ରାମ ଦେବାକୁ ଚିନ୍ତା କରେ, ତେବେ ଅଧିନାୟକ ଶ୍ରେୟସ ଆୟର, ଇଶାନ କିଶାନ, ଅକ୍ଷର ପଟେଲ, ନମନ ଧୀର, କୁଲଦୀପ ଯାଦବ ଓ ଅର୍ଶଦୀପ ସିଂହ ପ୍ରମୁଖ ୬ଜଣ ଖେଳାଳି ସ୍ଥାନ ପାଇଛନ୍ତି। କୁଲଦୀପ ଏଯାଏ ଗୋଟିଏ ହେଲେ ମ୍ୟାଚ୍ ଖେଳି ନାହାନ୍ତି, କିମ୍ବା ଖେଳିବାର ସମ୍ଭାବନା ମଧ୍ୟ ନାହିଁ। ଏମାନଙ୍କ ମଧ୍ୟରୁ ନୀତିଶ, ଇଶାନ ଓ ଅର୍ଶଦୀପଙ୍କୁ ବିଶ୍ରାମ ଦିଆଯିବାର ସମ୍ଭାବନାକୁ ଏଡ଼ାଇଦେଇ ହେବ ନାହିଁ। ଭୁବନେଶ୍ୱର କୁମାର, ଶିବମ ଦୁବେ ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ଶେଷ ସୁଯୋଗ ମିଳିବାର ସମ୍ଭାବନା ରହିଛି।

ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡର ବୋଲିଂ ଦୁର୍ବଳ ଥିଲେ ମଧ୍ୟ ଭାରତୀୟ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। ଦଳର ବ୍ୟାଟିଂ ଗ୍ଲେନ୍ ଫିଲିପ୍ସଙ୍କୁ ନେଇ କେନ୍ଦ୍ରୀଭୂତ ହୋଇଛି। ଏହି ସିରିଜ୍‌ରେ ସେ ଗୋଟିଏ ଶତକ, ଦୁଇଟି ଅର୍ଦ୍ଧଶତକ ସହ ଉଭୟ ଦଳ ପକ୍ଷରୁ ସର୍ବାଧିକ ୨୭୬ ରନ୍ ସଂଗ୍ରହ କରିଛନ୍ତି। ସେ ହିଁ ଭାରତୀୟ ବୋଲରଙ୍କ ଲାଗି କଣ୍ଟା ସାଜିଛନ୍ତି। ତାଙ୍କୁ ଟାର୍ଗେଟ କରି ଭାରତ ଶେଷ ମୁକାବିଲାରେ ଅବତୀର୍ଣ୍ଣ ହେବ। ଫିନ୍ ଆଲେନ କିଛି ଭଲ ପ୍ରଦର୍ଶନ କରିଛନ୍ତି। ଦଳରେ ସ୍ଥାନ ପାଇଥିବା ବ୍ୟାଟରମାନେ ଏକାକୀ ମ୍ୟାଚ୍ ଜିତାଇବାର ଦକ୍ଷତା ରଖିଛନ୍ତି। ଅଧିନାୟକ ମିଚେଲ ସାଣ୍ଟନର ଏକମାତ୍ର ବୋଲର ଭାବେ ଭାରତୀୟ ବ୍ୟାଟରଙ୍କ ଉପରେ କିଛିଟା ପ୍ରଭାବ ବିସ୍ତାର କରିଛନ୍ତି ଓ ସଫଳତା ପାଇଛନ୍ତି ମଧ୍ୟ। ଫର୍ମକୁ ଫେରିଥିବା ଜ୍ୟାକବ ଡଫିଙ୍କ ସହ ଶେଷ ମ୍ୟାଚ୍‌ରେ ତାଙ୍କ ବୋଲିଂର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ନିଶ୍ଚୟ। ତେବେ ଗତ ୪ଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୨ଟି କ୍ୟାଚ୍ ଡ୍ରପ୍ କରିଛି। ଏଥିରେ ଉନ୍ନତି ଆଣିବାକୁ ଘରୋଇ ଦଳ ଚେଷ୍ଟା କରିବ।

ପଞ୍ଚମ ଟି-୨୦

ଭେନ୍ୟୁ: ସେଡନ ପାର୍କ, ହାମିଲଟନ
ଖେଳ ଆରମ୍ଭ: ଅପରାହ୍ଣ ୧୨.୩୦
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ସୋନି ଲିଭ୍


ଦିନିକିଆ ସିରିଜ୍ ଲାଗି ନ୍ୟୁଜିଲାଣ୍ଡରେ ପହଞ୍ଚିବା ପରେ ବିରାଟ କୋହଲି ଓ ରୋହିତ ଶର୍ମା

ଦିନିକିଆ ସିରିଜ୍ ୪ରୁ; କ୍ରିଷ୍ଣାଙ୍କ ସ୍ଥାନରେ ନବି

ଅକ୍‌ଲାଣ୍ଡ,୩୧।୧୦(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆସନ୍ତା ୪ରୁ ଆରମ୍ଭ ହେବ। ଏହି ସିରିଜ୍ ଲାଗି ପୂର୍ବରୁ ଘୋଷଣା କରାଯାଇଥିବା ଭାରତୀୟ ଦଳରେ ଖେଳାଳି ପରିବର୍ତ୍ତନ କରାଯାଇଛି। ଆହତ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଫିଟ୍ ହୋଇ ନ ପାରିବାରୁ ତାଙ୍କୁ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଜମ୍ମୁ-କଶ୍ମୀରର ଫାଷ୍ଟ ବୋଲର ଆକ୍ୱିବ ନବିଙ୍କୁ ସାମିଲ କରାଯାଇଛି। ପ୍ରଥମ ଦିନିକିଆ ଲାଗି ମନୋନୀତ ନୀତୀଶ ରେଡ୍ଡୀଙ୍କୁ ବାଦ୍ ଦେଲେ ପ୍ରଥମ ୩ଟି ଯାକ ମ୍ୟାଚ୍‌ରେ ସମାନ ଖେଳାଳି ସ୍ଥାନ ପାଇଛନ୍ତି। ଏହା ପରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତି ସକାଶେ ଅଧିନାୟକ ଶୁବମନ ଗିଲ୍‌ଙ୍କ ସମେତ ଲୋକେଶ ରାହୁଲ ଓ ଅଂଶୁଲ କାମ୍ବୋଜ୍‌ଙ୍କୁ ଶେଷ ଦୁଇଟି ଦିନିକିଆରୁ ବାଦ୍ ଦିଆଯାଇଛି। ଗିଲ୍‌ଙ୍କ ସ୍ଥାନରେ ଉପଅଧିନାୟକ ଶ୍ରେୟସ ଆୟର ଶେଷ ଦୁଇଟି ଦିନିକିଆରେ ଦଳର ନେତୃତ୍ୱ ନେବେ। ସେହିପରି ତିଲକ ବର୍ମା, ଯଶ ଠାକୁର ଓ କୁମାର କୁଶାଗ୍ର ଶେଷ ଦୁଇଟି ମ୍ୟାଚ୍ ଲାଗି ମନୋନୀତ କରାଯାଇଛି। ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ ଯଥାକ୍ରମେ ଅକ୍‌ଲାଣ୍ଡରେ ନଭେମ୍ବର ୪, ୱେଲିଂଟନରେ ୭, ହାମିଲଟନ୍‌ରେ ୧୦, ବେ' ଓଭାଲରେ ୧୩ ଓ ୧୫ ତାରିଖରେ ଖେଳାଯିବ।

ପ୍ରଥମ ୩ଟି ଦିନିକିଆ : ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ଋତୁରାଜ ଗାଏକ୍ୱାଡ୍, ନୀତୀଶ କୁମାର ରେଡ୍ଡୀ (କେବଳ ପ୍ରଥମ ଦିନିକିଆ ପାଇଁ), ଅକ୍ଷର ପଟେଲ, ନମନ ଧୀର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ଗୁରନୁର ବ୍ରାର, ଆକ୍ୱିବ ନବି ଓ ଅଂଶୁଲ କାମ୍ବୋଜ।

ଚତୁର୍ଥ ଓ ପଞ୍ଚମ ଦିନିକିଆ : ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା, ରୋହିତ ଶର୍ମା, ବିରାଟ କୋହଲି, ଇଶାନ କିଶାନ ଓ କୁମାର କୁଶାଗ୍ର (ଉଭୟ ୱିକେଟରକ୍ଷକ), ଋତୁରାଜ ଗାଏକ୍ୱାଡ୍, ଯଶ ରାଠୋଡ, ଅକ୍ଷର ପଟେଲ, ନମନ ଧୀର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ଗୁରନୁର ବ୍ରାର, ଆକ୍ୱିବ ନବି।

ତ୍ରିରାଷ୍ଟ୍ରୀୟ ଦିନିକିଆ ସିରିଜ୍

କାମିନ୍ଦୁ ମେଣ୍ଡିସ୍‌ଙ୍କ ଶତକ

ଲାହୋର,୩୧।୧୦(ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ତ୍ରିରାଷ୍ଟ୍ରୀୟ ଦିନିକିଆ ସିରିଜ୍ ଫାଇନାଲରେ ଶ୍ରୀଲଙ୍କାର ଓପନର କାମିନ୍ଦୁ ମେଣ୍ଡିସ୍ ଶତକ ହାସଲ କରିଛନ୍ତି। ସେ ୧୨୮ଟି ବଲ୍‌ରୁ ୧୨ ଚୌକା ଓ ୨ଛକା ସହ ୧୩୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୨୫ ରନ୍‌ର ବିଶାଳ ସ୍କୋର କରିଛି। ଅନ୍ୟମାନଙ୍କ ମଧ୍ୟରେ ଜବରଦସ୍ତ ଫର୍ମରେ ଥିବା ପବନ ରତନାୟକେ ୬୫ବଲ୍‌ରୁ ୮ ଚୌକା ସହ ୭୭ ଏବଂ ଅନ୍ୟତମ ଓପନର ଅଭିଷ୍କା ଫର୍ଣ୍ଣାଣ୍ଡୋ ୩୮ ରନ୍‌ର ବେଶ ଉପଯୋଗୀ ଇନିଂସ ଖେଳିଛନ୍ତି। ଦାସୁନ ଶାନକାଙ୍କ ୧୭ ଓ ସାହାନ ଆରାଚାଚିଗେଙ୍କ ୧୫ ରନ୍‌କୁ ବାଦ୍ ଦେଲେ ଅନ୍ୟ କେହି ଡବଲ ଫିଗର ଛୁଇଁ ନ ଥିଲେ। ପାକିସ୍ତାନ ପକ୍ଷରୁ ଅଧିନାୟକ ସାହିନ ଆଫ୍ରିଦୀ, ନସୀମ ଶାହ, ସଲମାନ ଆଘା ଓ ହାରିସ ରୌଫ ୨ଟି ଲେଖାଏଁ ୱିକେଟ ପାଇଛନ୍ତି।



ଶେଷ ଖବର ସୁଦ୍ଧା ପାକିସ୍ତାନ ୩୦ ଓଭରରେ ୩ ୱିକେଟ ହରାଇ ୧୯୩ ରନ୍ ସଂଗ୍ରହ କରିନେଇଛି। ଓପନର ଫକର ଜମାନ ୧୦୪ ଓ ସଲମାନ ଆଘା ୮ ରନ୍‌ରେ ବ୍ୟାଟିଂ କରୁଥିଲେ। ସାଦ୍ ବେଗ୍ ୭୪, ବାବର ଆଜମ ୦ ଓ ମାଜ୍ ସାଦକତ ୫ ରନ୍ କରି ଆଉଟ ହୋଇଛନ୍ତି। ଦିଲସାନ ମଦୁଶଙ୍କାଙ୍କୁ ୨ଟି ଓ ମାହୀଶ ଥିକସାନାଙ୍କୁ ଗୋଟିଏ ୱିକେଟ ମିଳିଛି। ତୃତୀୟ ଦଳ ଇଂଲଣ୍ଡ ଗୋଟିଏ ମ୍ୟାଚ୍ ଜିତି ପ୍ରତିଯୋଗିତାରୁ ବାଦ୍ ପଡ଼ିଛି।

ଜ୍ୱେରେଭ୍ ନୂଆ ନଂ-୧

ଭିଏନା,୩୧।୧୦(ଏଜେନ୍ସି): ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ ବିଶ୍ୱ ପୁରୁଷ ଟେନିସରେ ନୂଆ ନଂ-୧ ଖେଳାଳି ହୋଇଛନ୍ତି। ଭିଏନାରେ ଚାଲିଥିବା ଓପନ ଟେନିସ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ସହ ଜ୍ୱେରେଭ ଇଟାଲୀର ଜାନିକ ସିନ୍ନରଙ୍କୁ ହଟାଇ ନଂ-୧ ଖେଳାଳି ହୋଇଛନ୍ତି।

■ ୧୯ ବର୍ଷରୁ କମ୍ ମହିଳା ଚ୍ୟାଲେଞ୍ଜର

ଟିମ୍-ସି'ରେ ଶ୍ରେୟା



ଭୁବନେଶ୍ୱର,୩୧।୧୦(ସମିସ): ଓଡ଼ିଶାର ଉଦୀୟମାନ କ୍ରିକେଟର ଶ୍ରେୟା ପ୍ରିୟଦର୍ଶିନୀ ବିସିସିଆଇ ଦ୍ୱାରା ଆୟୋଜିତ ହେବାକୁ ଥିବା ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟୁର୍ଣ୍ଣାମେଣ୍ଟ ଲାଗି ଟିମ୍-ସି'ରେ ମନୋନୀତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ହିମାଚଳ ପ୍ରଦେଶର ବିଳାସପୁରଠାରେ ଅକ୍ଟୋବର ୩୦ରୁ ନଭେମ୍ବର ୫ ଯାଏ ଚାଲିବ। ଶ୍ରେୟାଙ୍କ ଚୟନ ସମ୍ପର୍କରେ ବିସିସିଆଇ ବିଳମ୍ବରେ ସୂଚନା ପ୍ରଦାନ କରିଛି।

■ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଭଲିବଲ

କିଟ୍ ଚାମ୍ପିଅନ, ଉତ୍କଳ ଚତୁର୍ଥ



ଭୁବନେଶ୍ୱର,୩୧।୧୦(ସମିସ): ପଶ୍ଚିମବଙ୍ଗର ଆଦାମ୍‌ସ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ ଚାମ୍ପିଅନସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିଅନ ହୋଇଥିଲାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନରେ ରହିଛି। କିନ୍ତୁ ଉଭୟ ଦଳ ସର୍ବଭାରତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେମିଫାଇନାଲ ମୁକାବିଲା ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯାଇଥିଲା। ଏଥିରେ ଉତ୍କଳ, ଆୟୋଜକ ଆଦାମ୍ସ ଓ ମିଥିଳା ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ୨ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। କିଟ୍ ସବୁଠାରୁ କମ୍ ସେଟ୍‌ରେ ହାରିଥିବାରୁ ପ୍ରଥମ, ଆଦାମ୍ସ ଦ୍ୱିତୀୟ, ମିଥିଳା ତୃତୀୟ ଓ ସମସ୍ତ ଲିଗ୍ ମ୍ୟାଚ୍ ହାରିଥିବା ଉତ୍କଳ ଚତୁର୍ଥ ସ୍ଥାନରେ ରହିଥିଲା। କିଟ୍ ଟାଇଟଲ ବଜାୟ ରଖିଥିବାରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପୁରୁଷ ଭଲିବଲ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

ରାଜ୍ୟ ସିନିଅର ର‍୍ୟାଙ୍କିଙ୍ଗ୍ ବିଲିଆର୍ଡସ

ସୁବ୍ରତଙ୍କୁ ହରାଇ ଆଶୁତୋଷ ଚାମ୍ପିଅନ

ଭୁବନେଶ୍ୱର,୩୧।୧୦(ସମିସ)





ରାଜ୍ୟର ନମ୍ବର ୧ ଖେଳାଳି ଆଶୁତୋଷ ପାଢ଼ୀ ରାଜ୍ୟ ସିନିଅର ର‍୍ୟାଙ୍କିଙ୍ଗ୍ ବିଲିଆର୍ଡସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଟକର ସିଡିଏସ୍ଥିତ ଜିକେ ସ୍ନୁକର କ୍ଲବ୍ ପରିସରରେ ରବିବାର ଅନୁଷ୍ଠିତ ଏକତରଫା ଫାଇନାଲରେ ଆଶୁତୋଷ ୪-୦ ଫ୍ରେମ୍‌ରେ ସିନିଅର ଖେଳାଳି ତଥା ଗୁରୁ ସୁବ୍ରତ ଦାସଙ୍କୁ ପରାସ୍ତ କରି ଶିଷ୍ୟ ଆଶୁତୋଷ ଟାଇଟଲ ବଜାୟ ରଖିଛନ୍ତି। ଏହି ମୁକାବିଲାକୁ ଆଶୁତୋଷ ୧୫୦-୧୨୬, ୧୫୨-୯୪, ୧୫୦-୪୭, ୧୫୦-୯୯ ପଏଣ୍ଟରେ ପରାସ୍ତ କରିଥିଲେ। ତୃତୀୟ ଫ୍ରେମ୍‌ରେ ଆଶୁତୋଷ ୧୦୭ ବ୍ରେକ୍‌ପଏଣ୍ଟ ପାଇଥିଲେ। ସୁବ୍ରତ ଲଢୁଆ ଖେଳିଥିଲେ ମଧ୍ୟ ଆଶୁତୋଷ ଏପରି ପ୍ରାଧାନ୍ୟ ବିସ୍ତାର କରିଥିଲେ ଯେ, ତାଙ୍କୁ ସମଗ୍ର ମ୍ୟାଚ୍‌ରେ କୌଣସି ସୁଯୋଗ ଦେଇ ନ ଥିଲେ। ସିନିଅର ବିଲିଆର୍ଡ୍ସ ଟୁର୍ଣ୍ଣାମେଣ୍ଟରେ ଆଶୁତୋଷଙ୍କର ଏହା ୭ମ ଟାଇଟଲ। ଗତକାଲି ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ସୁବ୍ରତ ୩-୦ରେ ବିଶେଷ ସିଂହାଲଙ୍କୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ଆଶୁତୋଷ ମଧ୍ୟ ୩-୦ ଫ୍ରେମ୍‌ରେ ଚିରଞ୍ଜୀବ ସିଂଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

ବିଲିଆର୍ଡସ ଟୁର୍ଣ୍ଣାମେଣ୍ଟ ଆଜି ଶେଷ ହୋଇଥିଲାବେଳେ ସ୍ନୁକର ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଆଜିର ମୁକାବିଲାରେ ବରୁଣ ନାଏକ ଜବରଦସ୍ତ ଖେଳି ଚନ୍ଦ୍ରପ୍ରକାଶ ମହାନ୍ତିଙ୍କୁ ୩-୨ ଫ୍ରେମ୍‌ରେ ପରାସ୍ତ କରିଥିଲେ। ବରୁଣଙ୍କ ଖେଳ ଉଚ୍ଚକୋଟୀର ହୋଇଥିଲା। ଅନ୍ୟ ମୁକାବିଲାରେ ଜ୍ଞାନରଞ୍ଜନ ବେହେରାଙ୍କୁ ୩-୦ରେ ହରାଇ ଜ୍ଞାନରଞ୍ଜନ ଶତପଥୀ, ରାହୁଲ ଗୁପ୍ତାଙ୍କୁ ୩-୦ରେ ହରାଇ ଆକାଶ ମହାପାତ୍ର ଏବଂ ଅନୁଜ ପଣ୍ଡାଙ୍କ ବିପକ୍ଷରେ ୱାକ୍‌ଓଭର ପାଇ ସମୀର ଅଲି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୨୯ରୁ ଆରମ୍ଭ ହୋଇଥିଲାବେଳେ ନଭେମ୍ବର ୧୧ରେ ଶେଷ ହେବ। କେବଳ ଦୀପାବଳୀର ପୂର୍ବ ଓ ପରଦିନକୁ ମିଶାଇ ମୋଟ ୩ ଦିନ ଖେଳ ବନ୍ଦ ରହିବ। ସ୍ନୁକର ଟୁର୍ଣ୍ଣାମେଣ୍ଟ ଶେଷରେ ପୁରସ୍କାର ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରକାଶ କରିଛନ୍ତି।

■ ଜାତୀୟ ସିନିଅର ମହିଳା ଟି-୨୦

କ୍ରମାଗତ ଚତୁର୍ଥ ମ୍ୟାଚ୍ ହାରିଲା ଓଡ଼ିଶା

ଭୁବନେଶ୍ୱର,୩୧।୧୦(ସମିସ): ମୋହାଲିଠାରେ ଚାଲିଥିବା ଜାତୀୟ ସିନିଅର ମହିଳା ଟି-୨୦ କ୍ରିକେଟରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବରୋଦା ନିକଟରୁ ଓଡ଼ିଶା ୭ ୱିକେଟରେ ପରାଜିତ ହୋଇଛି। ଏହା ଫଳରେ ଦଳ ୪ଟି ମ୍ୟାଚ୍ ଖେଳି ୪ଟିଯାକରେ ପରାଜିତ ହୋଇଛି। ଆଜିର ମୁକାବିଲାରେ ସୁଶ୍ରୀ ଦିବ୍ୟଦର୍ଶିନୀ ୨୦ବଲ୍‌ରେ ୪୧ ଓ ମାଧୁରୀ ମେହେଟା ୩୯ ବଲ୍‌ରେ ୩୫ ରନ୍ କରିବା ପରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮ ୱିକେଟରେ ୧୨୫ ରନ୍ କରିଥିଲା। ଜବାବରେ ବରୋଦା ୧୮.୧ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅମ୍ରିତା ଯୋଶେଫ ୪୪ ଓ ଅରୁନ୍ଧତି ୪୦ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ଜ୍ୟୋତି ପ୍ରସାଦ ୨ଟି ଓ ସୁଶ୍ରୀ ଗୋଟିଏ ୱିକେଟ ପାଇଥିଲେ।

ସିବିଏସ୍‌ଇ ଜାତୀୟ ଜିମ୍ନାଷ୍ଟିକ୍ସରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ସଫଳତା

ଦିବ୍ୟାଂଶଙ୍କୁ ତିନି, ଦିବ୍ୟାଞ୍ଜଳିଙ୍କୁ ଦୁଇ ପଦକ



ଭୁବନେଶ୍ୱର, ୩୧।୧୦(ସମିସ): ପୁଣେର ଲୋଣାଭାଲାଠାରେ ଅନୁଷ୍ଠିତ ସିବିଏସ୍‌ଇ ଜାତୀୟ ଜିମ୍ନାଷ୍ଟିକ୍ ଚାମ୍ପିଅନ୍‌ସିପ୍-୨୦୨୬ରେ ଭୁବନେଶ୍ୱର ସମେଇଗଡ଼ିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ପ୍ରତିଯୋଗୀମାନେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏକାଡେମୀର ଦିବ୍ୟାଂଶ ପାଣିଗ୍ରାହୀ ତିନିଟି ଏବଂ ଦିବ୍ୟାଞ୍ଜଳି ମହନ୍ତ ଦୁଇଟି ପଦକ ଜିତିଛନ୍ତି। ଅକ୍ଟୋବର ୨୬ରୁ ୩୧ ଯାଏଁ ଏସ୍‌ଏନ୍‌ବିପି ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଏକାଡେମୀର ପାଞ୍ଚଜଣ ଜିମ୍ନାଷ୍ଟ ଭାଗ ନେଇଥିଲେ। ପୁରୁଷ ବିଭାଗରେ ଦିବ୍ୟାଂଶ ଓ ଯଶରାଜ ମହାନ୍ତି ଏବଂ ମହିଳା ବିଭାଗରେ ଦିବ୍ୟାଞ୍ଜଳି, ସନନ୍ଦା ପ୍ରଧାନ ଓ ସରନ୍ୟା ମିଶ୍ର ଅଂଶଗ୍ରହଣ କରିଥିଲେ। ଦିବ୍ୟାଂଶ ଭଲ୍ଟିଂ ଟେବୁଲ୍‌ରେ ୯୯୦ ପଏଣ୍ଟ ସହ ରୌପ୍ୟ, ପୋମେଲ୍ ହର୍ସରେ ୯୧୦ ପଏଣ୍ଟ ସହ କାଂସ୍ୟ ଏବଂ ଅଲ୍‌ରାଉଣ୍ଡରେ ୩୭୫୦ ପଏଣ୍ଟ ସହ କାଂସ୍ୟ ପଦକ ଜିତିଛନ୍ତି। ସେହିପରି ଦିବ୍ୟାଞ୍ଜଳି ଫ୍ଲୋର୍ ଏକ୍ସରସାଇଜ୍‌ରେ ୧୦୨୦ ପଏଣ୍ଟ ସହ ରୌପ୍ୟ ଏବଂ ଅଲ୍‌ରାଉଣ୍ଡରେ ୩୪୭୫ ପଏଣ୍ଟ ସହ କାଂସ୍ୟ ପଦକ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦିବ୍ୟାଂଶ ୨୦୨୫ରେ ମଧ୍ୟ ପୋମେଲ୍ ହର୍ସରେ କାଂସ୍ୟ ପଦକ ଜିତିଥିଲେ। ଏକାଡେମୀର ଅଧ୍ୟକ୍ଷା ମୀରା ରାଣୀ ଦାସ କୃତୀ ଜିମ୍ନାଷ୍ଟ, ପ୍ରଶିକ୍ଷକ ଅନିଲ ପରିଡ଼ା ଓ ଶତ୍ରୁଘ୍ନ ସ୍ୱାଇଁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY